R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୬୯
ତିଥି : ଏକାଦଶୀ
୦୬ ଜୁଲାଇ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No.269,
06 July 2025, Sunday,
Bhubaneswar,
Price: 5.00 Online Portal-
www.odishasamaya.com, samayaepaper.com, odishasamaya, thesamayanews@gmail.com, www.samayalive.in

# ସିଂହଦ୍ୱାର ସମ୍ମୁଖରେ ୩ ରଥ



ପୁରୀ, ୫।୭ (ସବ୍ୟୁ) : ଆଷାଢ଼ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୂ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି । ଗୁଣ୍ଡିଚା ମନ୍ଦିରରେ ଏକ ଆନନ୍ଦ, ଉଲ୍ଲାସ, ଉଦ୍ଦୀପନା ପୂର୍ଣ୍ଣ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଭକ୍ତ ମାନଙ୍କ ସହ ନବଦିନାତ୍ମକ ମାନବୀୟ ଲୀଳା ଖେଳ ସାରି ବଡ଼ (୯ ପୃଷ୍ଠାରେ)

### ବିହାରରେ ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ

## ସୁପ୍ରିମ୍‌କୋର୍ଟରେ ଏଡିଆର୍‌ର ପିଆଇଏଲ୍

ନୂଆଦିଲ୍ଲୀ, ୫।୭ : ବିହାରରେ ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶନାମା ବିରୋଧରେ ସୁପ୍ରିରମ୍‌କୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି । ସ୍ୱେଚ୍ଛାସେବୀ ସଙ୍ଗଠନ ଦି ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ଏହି ମାମଲା ଦାଏର କରାଯାଇ ଇସିଆଇଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଛି ।

ବିହାରରେ ୩ ମାସ ପରେ ବିଧାନସଭା ନିର୍ବାଚନ ହେବ । ଏହା ପୂର୍ବରୁ ହଠାତ୍ ଇସିଆଇଙ୍କର ଭୋଟର ତାଲିକା ସଂଶୋଧନ ନିଷ୍ପତ୍ତିକୁ ନେଇ ରାଜନୈତିକ ଦଳଗୁଡିକ ମଧ୍ୟରେ ଆଲୋଡନ ସୃଷ୍ଟି ହୋଇଛି । ଇସିଆଇଙ୍କ ଜୁନ୍ ୨୪ ନିର୍ଦ୍ଦେଶନାମା ଅନୁଯାୟୀ ବିହାରର ବହୁସଂଖ୍ୟକ ଭୋଟର ଯଦି ତାଲିକାରେ ରହିବାକୁ ଚାହୁଁଛନ୍ତି ସେମାନଙ୍କ ନାଗରିକ ପ୍ରମାଣପତ୍ର ଦେବେ । ପିଆଇଏଲ୍ ସମ୍ବିଧାନର ୩୨ ଧାରା ଅନୁଯାୟୀ ଦାଖଲ କରାଯାଇଛି । ଯାଚିକାରେ ଉଲ୍ଲେଖ କରାଯାଇଛି ଯେ, ଧାରା ୧୪, ୧୯, ୨୧, ୩୨୫ ଓ ୩୨୪ ଯାହା ଜନପ୍ରତିନିଧି ଆଇନରେ ରହିଛି ତାହାକୁ ବିରୋଧାଚରଣ କରୁଛି । ଯାଚିକା ଅନୁଯାୟୀ ଭୋଟରମାନେ ରାଜ୍ୟର (୯ ପୃଷ୍ଠାରେ)

T- 47

### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ବିଶେଷ ସୂଚନା

**ଜୁଲାଇ ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. ୦୭.୦୭.୨୦୨୫ ରିଖ (ସୋମବାର) ଦିନ ୧୦.୩୦ ଘଟିକା ସମୟରେ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଗତ ତା. ୩୦.୦୬.୨୦୨୫ ରିଖ ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜିକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନେ ପୁନଃ ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ । ଜୁନ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜିକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0165/2526




ସୁଭଦ୍ରା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ପୋଷଣ ଅଭିଯାନ
## ଓଜନ ଉତ୍ସବ ୨୦୨୫-୨୬ (ପ୍ରଥମ ପର୍ଯ୍ୟାୟ)
### ୧-୨୫ ଜୁଲାଇ ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ **"ଓଜନ ଉତ୍ସବ"** ଜୁଲାଇ ମାସ ୧ ରୁ ୨୫ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହଭାଗିତାରେ ଆୟୋଜନ କରାଯାଉଛି ।
- ୬ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ନିକଟସ୍ଥ ଅଙ୍ଗନୱାଡ଼ି କେନ୍ଦ୍ରରେ ଓଜନ ଏବଂ ଉଚ୍ଚତା ମାପ କରାଇବାକୁ ଅନୁରୋଧ ।
- ଉତ୍ସବରେ ଶିଶୁଙ୍କ ପୌଷ୍ଟିକ ସ୍ଥିତି ଚିହ୍ନଟ ହେବାପରେ ଆବଶ୍ୟକୀୟ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ନିଆଯିବ ।
- ବାଦ୍ ପଡ଼ିଯାଇଥିବା ତଥା ଅପହଞ୍ଚ କିମ୍ବା ଦୁର୍ଗମ ଅଞ୍ଚଳର ଶିଶୁମାନଙ୍କ ଶତ ପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବ ।

### ସହାୟତା ନମ୍ବର

| | | | |
|---|---|---|---|
| ପୋଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଶିଶୁ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮ |

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

DSPL-168
OIPR: 33001/13/0098/2526

# ମହାପ୍ରଭୁଙ୍କ ସୁନାବେଶ



କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଯେଭଳି ଶ୍ରେଷ୍ଠ ସମସ୍ତ ଦେବତାମାନଙ୍କ ମଧ୍ୟରେ ଶ୍ରୀ ପୁରୁଷୋତ୍ତମ (ଜଗନ୍ନାଥ) ହେଉଛନ୍ତି ସେହିଭଳି ଶ୍ରେଷ୍ଠ ବା ରାଜା । ଯେପରି - ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମ । ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମ । (କପିଳ ସଂହିତା ) ପ୍ରତିବର୍ଷ ମହାପ୍ରଭୁଙ୍କର ଏହି ରାଜବେଶ ବା ସୁନାବେଶ ପ୍ରାୟ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ । ଏହା ସାଧାରଣତଃ ବିଜୟା ଦଶମୀ (ଦଶହରା), ପୌଷ ପୂର୍ଣ୍ଣମୀ (ପୁଷ୍ୟାଭିଷେକ), ଦୋଳ ପୂର୍ଣ୍ଣମୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଆଷାଢ଼ ଶୁକ୍ଳ ଏକାଦଶୀ (ରଥ ଉପରେ) ଦିନ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଏହି ପବିତ୍ର ସୁନାବେଶର ଉତ୍ପତ୍ତି ସଂପର୍କରେ ଆମେ ଯାହା ଐତିହାସିକ ଓ ପୌରାଣିକ ତଥ୍ୟ ସଂଗ୍ରହ କରିଥିଲୁ ଏହାର ମୁତାବକ ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ମହାନ ରାଜା ତୃତୀୟ ଅନଙ୍ଗଭୀମ ଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ଭାବେ ଘୋଷଣା କରିଥିଲେ । ଏପରିକି ଏକ ଶିଳାଲିପିର ତଥ୍ୟ ଅନୁଯାୟୀ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା ହୀରା, ନୀଳା ଇତ୍ୟାଦି ମୂଲ୍ୟବାନ ରତ୍ନ, ଅଳଙ୍କାର ଶ୍ରୀ ଜୀଉମାନଙ୍କୁ ଅର୍ପଣ କରିଥିବାରୁ ସେ ସମୟରେ ରୀତି, ନୀତି ଓ ପରଂପରାକୁ ନେଇ ସୁନାବେଶର ସୃଷ୍ଟି ହୋଇଥିବା ଅଧିକ ସମ୍ଭବ ମନେହୁଏ । ସେହିପରି କେତେକ ଐତିହାସିକଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଐଶ୍ୱର୍ଯ୍ୟ ମାଧୁର୍ଯ୍ୟର ମିଳିତ ବିଗ୍ରହ । ସୁନାବେଶର ଐଶ୍ୱର୍ଯ୍ୟ ଭାବ ପ୍ରକାଶିତ ହୋଇଥାଏ । ଗବେଷକମାନେ ସୁନା ବେଶର ଉତ୍ପନ୍ନି ୧୨୩୨ ଖ୍ରୀଷ୍ଟାବ୍ଦ ବୋଲି ନିରୂପଣ କରିଛନ୍ତି । ଦକ୍ଷିଣ ଭାରତ ବିଜୟ କରି ୧୪୬୦ ସାଲର ରାଜା କପିଳେନ୍ଦ୍ର ଦେବ ୧୬ଟି ହସ୍ତୀରେ ବୋଝେଇ ବିପୁଳ ଧନରତ୍ନ ଆଣି ଶ୍ରୀମନ୍ଦିରରେ ମହାପ୍ରଭୁମାନଙ୍କୁ ଉତ୍ସର୍ଗ କରିଥିଲେ ।

ସୁନାବେଶ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକ ସଂପର୍କରେ ପୁରାତନ ରେକର୍ଡ଼ରୁ କିଛି (ସଂପୂର୍ଣ୍ଣ ନୁହେଁ) ସୂଚନା ଯାହା ଆମେ ସଂଗ୍ରହ କରିଥିଲୁ । ଏହି ସୂଚନା ମୁତାବକ ଶ୍ରୀ ବଳଭଦ୍ରଙ୍କୁ ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକ, ଅଳକା, ଝୋବାକର୍ଣ୍ଣି, ହଳ ମୂଷଳ, ବାହାଡ଼ାମାଳି, ବାଘନଖ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି, ଦେବୀ ସୁଭଦ୍ରାଙ୍କୁ କିରୀଟ, ଓଡ଼ିଆଣୀ କାନ, ସୂର୍ଯ୍ୟଚନ୍ଦ୍ର, ଘାଗଡ଼ାମାଳି, କଦମ୍ବ ମାଳି, ଆୟୁଧ ସେବତୀ ମାଳି ଏବଂ ଶ୍ରୀଜଗନ୍ନାଥଙ୍କୁ କିରୀଟ, ଶ୍ରୀଭୂଜ, ଶ୍ରୀ ପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କାନ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକର୍ଣ୍ଣି, ସ୍ୱର୍ଣ୍ଣଚକ୍ର, ରୌପ୍ୟଶଙ୍ଖ, ହରିଡ଼ା କଦମ୍ବ ମାଳି, ତାବିଜ ମାଳି, ସେବତୀ ମାଳି, ତ୍ରିଖଣ୍ଡିକା କମରପଟି ଆଦି ରତ୍ନ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉଥିଲା । ସୁରକ୍ଷା ଦୃଷ୍ଟିରୁ ରଥ ଉପରେ ହେଉଥିବା ସୁନାବେଶରେ କେତେକ ଦୁର୍ଲଭ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେଉ ନଥିଲା ।

ରାଜା କପିଳେନ୍ଦ୍ର ଦେବଙ୍କ ଆଦେଶରେ ପ୍ରସ୍ତୁତ ପ୍ରତ୍ୟେକ ଅଳଙ୍କାର ପଛରେ ଏକ ନିର୍ଦ୍ଦିଷ୍ଟ ଇତିହାସ ଲୁଚି ରହିଛି । ଏହି ଅବ୍ୟକ୍ତ ଇତିହାସର ମୂଲ୍ୟାଙ୍କନ ମଧ ଦୁରୁହ ବ୍ୟାପାର । ରଥ ଉପରେ କେବଳ ଲାଗି ହେଉଥିବାର ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକର ମୂଲ୍ୟକୁ ନେଇ ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କିଏ କହୁଛି ୫୦୦ କୋଟି ତ ଅନ୍ୟ କିଏ କହୁଛି ଏକ ହଜାର କୋଟି ଟଙ୍କା ହେବ । କିନ୍ତୁ ମହାପ୍ରଭୁଙ୍କ ଏହି ବିରଳ ଅଳଙ୍କାରର ପ୍ରକୃତ ମୂଲ୍ୟାଙ୍କନ ଅସମ୍ଭବ ଏଥିରେ ସନ୍ଦେହ ନାହିଁ । ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଗବେଷଣା ପ୍ରସ୍ତୁତ ତଥ୍ୟାନୁସାରେ ଗଜପତି କପିଳେନ୍ଦ୍ର ଦେବ ତାଙ୍କର ବିଜେ ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ ଗୋଟି ହାତୀରେ ବୋଝାଇ ଆଣିଥିବା ଦେବ ତାଙ୍କର ବାହୁଡ଼ା ପରେ ଖ୍ରୀ ୧୪୬୦ ମସିହାରେ ୧୬ଗୋଟି ହାତୀରେ ବୋଝାଇ ଆଣିଥିବା ସ୍ୱର୍ଣ୍ଣରତ୍ନରେ ସ୍ୱର୍ଣ୍ଣମୁକୁଟ, ସ୍ୱର୍ଣ୍ଣଶ୍ରୀପୟର, ପଦକ, କୁଣ୍ଡଳ ନଳୀଭୁଜ, ତିଳକ, ବଡ଼ ତଢ଼ଉ ନାମକ କଣ୍ଠମାଳା ଆଦି ନିର୍ମାଣ କରାଇ ଗୁଣ୍ଡିଚା ଘରୁ ରଥ ଫେରିବା ପରେ ଜୀଉମାନଙ୍କୁ ପ୍ରଥମେ ଏହି ବେଶ କରାଇଥିଲେ । ଅତୀତରେ ଏହା ବଡ଼ଚଢ଼ଉ ବେଶ ନାମରେ ମଧ ପରିଚିତ ଥିଲା । ମୟୂରଭଞ୍ଜ, ପାରଳାଖେମୁଣ୍ଡି ପ୍ରଭୃତି ସ୍ୱନାମଧନ୍ୟ ରାଜାମାନେ ଏହି ରାଜ୍ୟ ବିଜୟର ସ୍ମାରକ ବେଶ ଦେଖିବାକୁ ଆସୁଥିଲେ ଏବଂ ପ୍ରଭୁଙ୍କୁ ଉତ୍କଳର ସମ୍ରାଟ ବା ରାଜାଧିରାଜ ରୂପେ ବନ୍ଦାପନା କରୁଥିଲେ । ଏ ବେଶର ବନ୍ଦନା ତଥା ପୁଷ୍ପାଞ୍ଜଳୀମନ୍ତ୍ରଟି ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । ସ୍ୱରାଟରାଟ ଶ୍ରୀ ଜଗନ୍ନାଥ ତ୍ରିକଳିଙ୍ଗ ପତିର୍ଷତିଃ, ରାଜାଧିରାଜ ଶ୍ରୀ ଦେବଃ ଦେହି ଶ୍ରୀ ବିଜୟ ସଦା ।

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**
**ଦୂରଭାଷ: ୭୪୮୮୯୯୮୫୩୨**

## ବିଶ୍ୱର ଛୋଟ ପକ୍ଷୀ



ସାଧାରଣତଃ ପକ୍ଷୀମାନେ ସିଧା ଉଡୁଥିବାର ସମସ୍ତେ ଦେଖିଥିବେ, ହେଲେ ଏଭଳି ମଧ ପକ୍ଷୀ ଅଛି ଯିଏ ଓଲଟା ଉଡିଥାଏ । ଏହି ପକ୍ଷୀକୁ ଦୁନିଆର ସବୁଠାରୁ ଛୋଟ ପକ୍ଷୀର ଆଖ୍ୟା ମଧ ମିଳିଛି । ବି ହମିଂ ନାମକ ଏହି ପକ୍ଷୀଟିର ଲମ୍ବ ମାତ୍ର ୫ ରୁ ୬ ସେଣ୍ଟିମିଟର ଭିତରେ ରହିଥାଏ । ସେହିଭଳି ଏହାର ଓଜନ ୧.୫ରୁ ୨ ଗ୍ରାମ ଭିତରେ ରହିଥାଏ, ଯାହା ଗୋଟିଏ ଚାଉଳର ଦାନା ଭଳି ହୋଇଥାଏ । ତେବେ ଏହାର ରାବିବାର ଶବ୍ଦ ଅବିକଳ ମହୁମାଛି ଭଳି ତେଣୁ ଏହାକୁ ଲୋକମାନେ ମହୁମାଛି ବୋଲି ଆକଳନ କରିଥାଆନ୍ତି । ଏହି ପକ୍ଷୀଟି ଦେଖିବାକୁ ଖୁବ ସୁନ୍ଦର ହୋଇଥାଏ, ଏହାର ରଙ୍ଗ, ଆକାର ଓ ରାବିବାର ଶବ୍ଦ ଏହାକୁ ଅନ୍ୟ ପକ୍ଷୀଙ୍କ ଭିତରେ ସ୍ୱତନ୍ତ୍ର କରିଥାଏ । ସେହିଭଳି ଏହି ପକ୍ଷୀର ଅଣ୍ଡା ମଟର ଦାନାଠାରୁ ବି ଛୋଟ ହୋଇଥାଏ । ଏହି ପକ୍ଷୀଗୁଡିକ କୁବାର ଘଞ୍ଚ ଜଙ୍ଗଲ ସହିତ ଖୋଲା ସ୍ଥାନରେ ମଧ ଦେଖିବାକୁ ମିଳିଥାଆନ୍ତି । ତେବେ ଧୀରେଧୀରେ ବିଭିନ୍ନ କାରଣ ପାଇଁ ଏମାନଙ୍କ ସଂଖ୍ୟା କମିବାରେ ଲାଗିଛି ।

## ସୋସିଆଲ କୋଟ୍ସ




"ସ୍ପେସାଲ ଓପ୍ସ-୨ର ଟ୍ରେଲର ମୋତେ ଖୁବ ଭଲ ଲାଗିଥିଲା । ଏଭଳି ଏକ କାହାଣୀ ଲୋକଙ୍କ ନିକଟକୁ ଆସିବାର ଆବଶ୍ୟକତା ରହିଛି । ଏହି ପ୍ରୋଜେକ୍ଟର ଅଂଶ ହୋଇ ଖୁବ ଗର୍ବିତ ।

କେକେ ମେନନ୍, ଅଭିନେତା



"ଯେତେବେଳେ ପ୍ରଥମେ ମୁମ୍ବାଇ ଆସିଥିଲି, ସେତେବେଳେ ଏଠି ଆଡଜଷ୍ଟ କରି ପାରିନଥିଲି । ଏହାପରେ ପୁଣି ପୁରୁଣା ଏମ୍ଏନ୍‌ସି ଚାକିରିକୁ ଫେରିଥିଲି । ହେଲେ ସେଠାରେ ମଧ ସ୍ଥିତି ଗମ୍ଭୀର ହୋଇଥିଲା ଯାହା ପରେ ପୁଣି ଅଭିନୟକୁ ଫେରିଥିଲି ।

ଜିତେନ୍ଦ୍ର କୁମାର, ଅଭିନେତା



"ସୁଶାନ୍ତଙ୍କ ଭଳି କାର୍ତ୍ତିକ ଆରିୟନଙ୍କୁ ମଧ ଇଣ୍ଡଷ୍ଟ୍ରୀରୁ ହଟାଇବା ପାଇଁ ଚେଷ୍ଟା କରାଯାଉଛି । ଏହା ବଲିଉଡର ଖୁବ ଖରାପ ରୂପ ।

ଅମାଲ ମଲିକ୍, ସିଙ୍ଗର




## ସୀତାରେ ଜମିନ୍ ପରକୁ ପ୍ରଶଂସା

ବର୍ତ୍ତମାନ ଅନେକ ଫିଲ୍ମ ହଲଛାଡି ଓଟିଟିରେ ରିଲିଜ୍ ହେଉଛନ୍ତି । ଏଥିରେ ଫିଲ୍ମମେକରଙ୍କର ଲାଭ ହେଉଥିବା ନେଇ ଚର୍ଚ୍ଚା ହେଉଛି, ଯେଉଁ କାରଣରୁ ସେମାନେ ହଲଠାରୁ ଦୂରେଇ ଓଟିଟି ମୁହାଁ ହେଉଛନ୍ତି । ହେଲେ ଏହି ଧାରାରେ ସାମିଲ ହୋଇନାହାନ୍ତି ଅଭିନେତା ଆମିର ଖାନ୍ । ସେ ନିଜ ଫିଲ୍ମ ସିତାରେ ଜମିନ୍ ପରକୁ ହଲ୍‌ରେ ରିଲିଜ କରିଛନ୍ତି । ତେବେ ଆମିରଙ୍କର ଏହି ନିଷ୍ପତ୍ତିର ପ୍ରଶଂସା ପୁରା ଦେଶର ସିନେମାହଲର ମାଲିକ ସଙ୍ଘ କରିଥିବା ଦେଖିବାକୁ ମିଳିଛି । ଫିଲ୍ମଟି ମଧ ବକ୍ସ ଅଫିସରେ ହିଟ୍ ହେବା ପରେ ମାଲିକଙ୍କୁ ଖୁବ ଅଧିକ କଲେକସନ୍ ଦେବାରେ ଲାଗିଛି । ତେବେ ଆମିରଙ୍କୁ ଧନ୍ୟବାଦ ଦେବା ପାଇଁ ସଙ୍ଘ ପକ୍ଷରୁ ଏକ ସ୍ପେସାଲ ଇଭେଣ୍ଟର ଆୟୋଜନ କରାଯାଇଥିଲା । ଏଥିରେ ଆମିର ସାମିଲ ହେବା ସହିତ ଅଭିବାଦନ ଗ୍ରହଣ କରିଥିଲେ । ଏଥିରେ ଆମିରଙ୍କୁ ଖୁବ ସମ୍ମାନ ଦିଆଯାଇଥିଲା । ସୂଚନା ଅନୁସାରେ ୨୦ ଜୁନ୍ ୨୦୨୫ରେ ଫିଲ୍ମ ସିତାରେ ଜମିନ୍ ପର ହଲ୍‌ରେ ରିଲିଜ୍ ହୋଇଥିଲା । ଏହାକୁ ଆମିର ଖାନ୍ ଓ ଅପର୍ଣ୍ଣା ପୁରୋହିତ ପ୍ରଯୋଜନା କରିଛନ୍ତି । ଫିଲ୍ମରେ ଆମିରଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିଛି । ସେହିଭଳି ଅନେକ ବର୍ଷ ପରେ ଜେନେଲିଆ ଦେଶମୁଖ ସ୍କ୍ରିନ୍‌କୁ କମବ୍ୟାକ କରିଛନ୍ତି, ଫିଲ୍ମରେ ତାଙ୍କୁ ଆମିରଙ୍କ ପତ୍ନୀ ଭୂମିକାରେ ଦେଖିବାକୁ ମିଳୁଛି । ଫିଲ୍ମକୁ ଦର୍ଶକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ।

## ଆଚାରୀ ଚଣା ପଲଉ



**ସାମଗ୍ରୀ–** ବାସୁମତି ଚାଉଳ, ସିଝା କାବୁଲି ଚଣା, କଟା ପିଆଜ, କଟା ଟମାଟୋ, ଗାଜର, ମଟର ଛୁଇଁ, ଛତୁ, କ୍ୟାପସିକମ୍, ଅଦା ରସୁଣ ପେଷ୍ଟ, ଗୋଟା ଜୀରା, ନିଜ ପସନ୍ଦ ଅନୁସାରେ ଆଚାର, ହଳଦୀ, ଧନିଆ ପତ୍ର, ଲଙ୍କା ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ପ୍ୟାନ୍‌ରେ ତେଲ ପକାଇ ଜୀରା ପକାନ୍ତୁ । ଏହା ଫୁଟିବା ପରେ ଏଥିରେ ପିଆଜ ପକାଇ ଭାଜନ୍ତୁ । ପିଆଜ ଭାଜିହେବା ପରେ ଏଥିରେ ଅଦାରସୁଣ ପେଷ୍ଟ ପକାଇ କସନ୍ତୁ । ଏହପରେ ଏଥିରେ ଟମାଟୋ ପକାଇ ଭାଜନ୍ତୁ । ଟମାଟୋ ନରମ ହେବା ପରେ ଏଥିରେ ବର୍ତ୍ତମାନ ସମସ୍ତ ପରିବା ପକାଇ ଭାଜନ୍ତୁ । ପରିବା ଭାଜି ହେବା ପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାଇ ଗୋଳାନ୍ତୁ । ଏହାପରେ ଆଚାରକୁ ମିଶାନ୍ତୁ । ଏହାପରେ ଏଥିରେ କାବୁଲି ଚଣାକୁ ମିଶାନ୍ତୁ । ଏହାପରେ ଏଥିରେ ଚାଉଳ ପକାଇ ପାଣି ଦେଇ ଭାତ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ ଆଚାରୀ ଚଣା ପଲଉ । ଶେଷରେ ଧନିଆ ପତ୍ର ପକାଇ ପରଷନ୍ତୁ ଆଚାରୀ ଚଣା ପଲଉ ।






### ଇତିହାସ

୧୭୮୫– ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ଟଙ୍କା ରୂପେ ଡଲାର ସର୍ବସମ୍ମତିରେ ଚୟନ ହେଲା ।
୧୮୯୨– ବ୍ରିଟେନ୍ ସଂସଦରେ ପ୍ରଥମ ଭାରତୀୟ ରୂପେ ଦାଦାଭାଇ ନାରୋଜୀଙ୍କୁ ଚୟନ କରାଗଲା ।
୧୯୩୫– ତିବତୀୟ ସମ୍ପ୍ରଦାୟର ୧୪ତମ ଗୁରୁ ଦଲାଇ ଲାମା ଟେନ୍‌ଜିନ୍ ଗାତସୋଙ୍କ ଜନ୍ମ ।
୧୯୪୪– ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାତ୍ମା ଗାନ୍ଧୀଙ୍କୁ ପ୍ରଥମକରି ଜାତୀୟ ପିତା ରୂପେ ସମ୍ବୋଧନ କଲେ ।
୧୯୪୭– ସୋଭିଏତ ସଂଘରେ ଏକେ୪୭ ରାଇଫଲ୍‌ର ନିର୍ମାଣ ଆରମ୍ଭ ।
୧୯୫୯– ଭେଲ୍ଲୁର ହସ୍ପିଟାଲ୍‌ରେ ସଫଳତାପୂର୍ବକ ପ୍ରଥମ ଓପନ୍ ହାର୍ଟ ସର୍ଜରୀ ହେଲା ।
୧୯୬୧– ପର୍ତ୍ତୁଗାଲରେ ଜାହାଜ ବିସ୍ଫୋରଣରେ ୩୦୦ ଜଣଙ୍କ ମୃତ୍ୟୁ ।
୨୦୦୨– ପ୍ରତିଷ୍ଠିତ ଭାରତୀୟ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନୀଙ୍କ ପରଲୋକ ।
୨୦୦୫– ମେକ୍ସିକୋରେ ୪୦ ହଜାର ବର୍ଷ ପୁରୁଣା ମାନବ ପାଦଚିହ୍ନ ସନ୍ଧାନ ।

## ନୂଆ ଅବତାରରେ ସଲମାନ

ସଲମାନଙ୍କର ଅପକମିଂ ଫିଲ୍ମ ବ୍ୟାଟଲ୍ ଅଫ ଗଲବାନ୍‌ର ମୋଶନ ପୋଷ୍ଟର ନିକଟରେ ରିଲିଜ୍ ହୋଇଛି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ସଲମାନ ନିଜ ସୋସିଆଲ ମିଡିଆରେ ଏହି ପୋଷ୍ଟରଟି ପୋଷ୍ଟ କରିଛନ୍ତି । ଏଥିରେ ସଲମାନଙ୍କର ଏକ ନିଆରା ଅନ୍ଦାଜ ଦେଖିବାକୁ ମିଳୁଛି । ପୋଷ୍ଟରରେ ସଲମାନଙ୍କ ଚେହେରା ରକ୍ତରେ ଜୁଡୁବୁଡୁ ଥିବା ଦେଖିବାକୁ ମିଳୁଛି । ସେହିଭଳି ପୋଷ୍ଟରରେ ସଲମାନଙ୍କ ଆଗ୍ରି ୟଙ୍ଗମ୍ୟାନ ଲୁକ ଦେଖିବାକୁ ମିଳିଛି । ବ୍ୟାକ୍‌ଗ୍ରାଉଣ୍ଡରେ ଏକ ପାହାଡ ବରଫରେ ଘୋଡେଇ ହୋଇଥିବା ଦେଖିବାକୁ ମିଳିଛି । ଫିଲ୍ମଟି ଏକ ସତ କାହାଣୀକୁ ନେଇ ନିର୍ମାଣ କରାଯାଇଛି । ସୂଚନା ଅନୁସାରେ ୨୦୨୦ରେ ଗଲବାନ ଘାଟିରେ ଭାରତ ଓ ଚୀନ ସେନାଙ୍କ ଭିତରେ ହୋଇଥିବା ଯୁଦ୍ଧର କାହାଣୀକୁ ନେଇ ଏହି ଫିଲ୍ମ ନିର୍ମାଣ କରାଯାଇଛି । ଏହି ଘଟଣାରେ କୌଣସି ସେନା ଗୋଟିଏ ବି ଗୁଳିର ବ୍ୟବହାର ହୋଇନଥିବା ସୂଚନା ରହିଛି । ସେହିଭଳି ଏହି ଯୁଦ୍ଧ ୧୫,୦୦୦ ଫୁଟ ଉପରେ ଲଢାଯାଇଥିଲା । ଏହି ଫିଲ୍ମକୁ ସଲମାନ ଖାନ୍ ଫିଲ୍ମସ ପ୍ରଯୋଜନା କରୁଥିବାବେଳେ ଅପୂର୍ବ ଲାଖିଆ ନିର୍ଦ୍ଦେଶନା ଦେଇଛନ୍ତି । ଏଥିରେ ସଲମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂହଙ୍କୁ ଦେଖିବାକୁ ମିଳିବ । ଏହି ଫିଲ୍ମରେ ଅନେକ ନୂଆ ଚେହେରା ମଧ ସ୍କ୍ରିନ୍‌ରେ ଦେଖିବାକୁ ମିଳିବ ବୋଲି ଜଣା ପଡିଛି । ଏଥିରେ ସଲମାନ କର୍ନଲ ବି ସନ୍ତୋଷ ବାବୁଙ୍କ ଚରିତ୍ରରେ ନଜର ଆସିବେ । ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ହିମେଶ ରେସମିଆ ଦେଇଛନ୍ତି । ସଲମାନଙ୍କ ପୋଷ୍ଟରକୁ ତାଙ୍କ ଫ୍ୟାନମାନେ ଖୁବ ଭଲ ପାଇବା ଦେବାରେ ଲାଗିଛନ୍ତି । ଏଥିରେ ସଲମାନଙ୍କ ଇଣ୍ଟେନ୍ସ ଲୁକ୍‌ର ପ୍ରଶଂସା ସମସ୍ତେ କରୁଛନ୍ତି । ଫିଲ୍ମଟି ବ୍ଲକ ବଷ୍ଟର ହେବ ବୋଲି ଫ୍ୟାନମାନେ ଆଶା ରଖିଛନ୍ତି ।

### ହାହାଃ..

ପତ୍ନୀ – କହିଲ ଦେଖି ମୁଁ ମୁର୍ଖ ନା ତୁମେ ମୁର୍ଖ ?
ପତି – ତୁମେ ହେଲ ସବୁଠାରୁ ଅଧିକ ବୁଦ୍ଧିର ଅଧିକାରିଣୀ । ତେଣୁ ତୁମେ କେବେ ହେଲେ ବି କଣ ଜଣେ ମୁର୍ଖ ବ୍ୟକ୍ତିକୁ ବିବାହ କରିଥିବ ।
ପତ୍ନୀ ନିଜକୁ ବୁଦ୍ଧିବାନ ଶୁଣି ଖୁବ ଖୁସି..

# ଭକ୍ତିରେ ଭିଜିଲା ବଡ଼ଦାଣ୍ଡ

ପବିତ୍ର ବାହୁଡ଼ା ଯାତ୍ରାରେ ଶ୍ରୀଜିଉମାନେ ଶ୍ରୀମନ୍ଦିର ଅଭିମୁଖେ ଫେରିଆସିଛନ୍ତି । ଜନ୍ମବେଦୀରୁ ବାହାରି ଧାଡ଼ି ପହଣ୍ଡିରେ ଆସି ଶରଧାବାଲିରେ ପ୍ରସ୍ତୁତ ଥିବା ରଥ ଉପରେ ବିରାଜିଥିଲେ । ଏଥିପାଇଁ ବଡ଼ଦାଣ୍ଡ ପୁଣି ଥରେ ଜନସମୁଦ୍ର ପାଲଟିଛି । ଲକ୍ଷଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ବଡ଼ଦାଣ୍ଡରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ହୋଇଛି । ଶନିବାର ଅପରାହ୍ଣ ୪ଟାରେ ରଥଟଣା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ମହାପ୍ରଭୁଙ୍କ ଅପାର କରୁଣାରୁ ନିର୍ଦ୍ଧାରିତ ସମୟ ଠାରୁ ପ୍ରାୟ ୧ ଘଣ୍ଟା ଆଗରୁ ରଥ ଟଣା ହୋଇଛି । ସନ୍ଧ୍ୟା ୭ଟା ସୁଦ୍ଧା ଶ୍ରୀମନ୍ଦିର ସମ୍ମୁଖରେ ଦୁଇ ରଥ ତାଳଧ୍ୱଜ, ଦେବଦଳନ ପହଞ୍ଚିଥିଲା । ହେଲେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ରାଜନଅର ନିକଟରେ ଅଟକି ଲକ୍ଷ୍ମୀନାରାୟଣ ଭେଟ ହୋଇଥିଲା । ରାତି ୯.୩୦ରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା । ଏହି ଅବସରରେ ଭାବବିହ୍ୱଳ ଭକ୍ତଙ୍କ ମେଳରେ ଉଚ୍ଛୁଳି ପଡିଥିଲା ବଡ଼ଦାଣ୍ଡ ।











## ପୋଡ଼ପିଠା ଖାଇ ବାହୁଡିଲେ ମହାପ୍ରଭୁ

ବାହୁଡ଼ା ଯାତ୍ରା ଅବସରରେ ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଫେରିବା ବାଟରେ ମାଉସୀ ମା'ଙ୍କ ହାତ ପ୍ରସ୍ତୁତ ପୋଡପିଠା ଖାଇଛନ୍ତି । ଏଥିପାଇଁ ବଳଗଣ୍ଡି ଛକ ମାଉସୀ ମା'ଙ୍କ ମନ୍ଦିରରେ ବ୍ୟାପକ ଆୟୋଜନ କରାଯାଇଥିଲା । ତିନିରଥ ମାଉସୀ ମା'ଙ୍କ ମନ୍ଦିର ଦେଇ ଯିବା ବେଳେ ତିନି ମାଟିହାଣ୍ଡିରେ ପୋଡ଼ପିଠା ସମର୍ପଣ କରାଯାଇଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା । ମାଉସୀ ମା'ଙ୍କ ହାତରୁ ପୋଡ଼ପିଠା ଖାଇବା ପରେ ପୁନର୍ବାର ମହାପ୍ରଭୁ ଶ୍ରୀମନ୍ଦିର ଅଭିମୁଖେ ଆଗକୁ ବଢ଼ିଥିଲେ । ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଫେରିବା ବେଳେ ମାଉସୀ ମା'ଙ୍କ ହାତରୁ ମହାପ୍ରଭୁ ପୋଡ଼ପିଠା ଖାଇବା ପରମ୍ପରା କାହିଁ କେଉଁ ଯୁଗରୁ ରହିଆସିଛି । ଏଥିପାଇଁ ଗତକାଲିଠାରୁ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥିଲା । ମାଉସୀ ମା'ଙ୍କ ମନ୍ଦିରରେ ଏହି ପୋଡ଼ପିଠା ପ୍ରସ୍ତୁତି ହୋଇଥିଲା । ପୋଡ଼ପିଠା ପ୍ରସ୍ତୁତି ବି ନିଆରା । ଅଟାରେ ଛେନା, ଚିନି, ପିସ୍ତା ବାଦାମ, ଅଳେଇଚ, ଲବଙ୍ଗ, ଦେଶୀ ଘିଅ ଆଦିରେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ ହୋଇଥାଏ । ଏହାକୁ ଚକଟା ଯାଇ ପୋଡ଼ପିଠା ଆକାରରେ ଚୁଲିରେ ବସାଯାଇ ବାମ୍ଫରେ ସିଝିବାକୁ ଦିଆଯାଇଥାଏ । ପ୍ରାୟ ୮ ଘଣ୍ଟା ବାମ୍ଫରେ ସିଝିବା ପରେ ଏହାକୁ ବାହାର କରି ଥଣ୍ଡା ହେବାକୁ ଛାଡ଼ି ଦିଆଯାଇଯାଏ । ଥଣ୍ଡା ହେବା ପରେ ଖଣ୍ଡ ଖଣ୍ଡ କରି କାଟି ଏହାକୁ ପୁନର୍ବାର ଦେଶୀ ଘିଅରେ ଛଣା ଯାଇଥାଏ । ପରେ ବାହୁଡ଼ାରେ ତିନି ଠାକୁରଙ୍କୁ ତିନିଟି କୁଡୁଆରେ ସମର୍ପଣ କରାଯାଇଥାଏ ।















## ବିକଶିତ ଭାରତ ୨୦୪୭

# ଜାତୀୟ ସେମିନାରରେ ଡ଼ଃ ତପନ ଚାନ୍ଦ ସମ୍ମାନିତ

ଭୁବନେଶ୍ୱର,(ସବ୍ୟୁ): ୩୦ ଟ୍ରିଲିୟନ ଡଲାର ଅର୍ଥନୀତି ସହିତ ବିକଶିତ ଭାରତ ୨୦୪୭ ଭଳି ଏକ ମହାନ ଭାରତୀୟ ସ୍ୱପ୍ନକୁ ସାକାର କରିବା ପାଇଁ ସାମାଜିକ ଏବଂ ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଗବେଷଣା ଏବଂ ନବସୃଜନକୁ ସମନ୍ୱିତ କରିବା ପାଇଁ ଏକ ପରିବର୍ତ୍ତନଶୀଳ ଆଭିମୁଖ୍ୟର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ, ଭାରତର ଅନ୍ୟତମ ବିଶ୍ୱବିଦ୍ୟାଳୟ ଗୋଦାବରୀ ଗ୍ଲୋବାଲ୍ ୟୁନିଭର୍ସିଟି, ରାଜମହେନ୍ଦ୍ରମ୍, ଆନ୍ଧ୍ର ପ୍ରଦେଶରେ ଏହି ଜାତୀୟ ସେମିନାରରେ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରିବା ପାଇଁ ଅନେକ ଅଂଶୀଦାରଙ୍କୁ ଏକତ୍ରିତ କରାଯାଇଛି । କୃଷି, ଜୈବ ପ୍ରଯୁକ୍ତିବିଦ୍ୟା, ସୂକ୍ଷ୍ମ ବାୟୋଲୋଜି ଏବଂ ଖାଦ୍ୟ ପ୍ରଯୁକ୍ତିବିଦ୍ୟା, ଗ୍ରାମୀଣ ପ୍ରଯୁକ୍ତିବିଦ୍ୟା ଏବଂ ପାରମ୍ପରିକ କ୍ଷେତ୍ର, ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ଆୟୁର୍ବେଦ, ଇଲେକ୍ଟ୍ରୋନିକ୍ସ, ଖଣି, ଖଣିଜ ଆଦି ପ୍ରମୁଖ ଏଗାରଟି ସମନ୍ୱିତ ବିଷୟଗତ କ୍ଷେତ୍ରର ବିଶେଷଜ୍ଞ ଏବଂ ଶ୍ରେଷ୍ଠ ବୃତ୍ତିଗତମାନେ ବିଚାର ବିମର୍ଶ କରିଥିଲେ ଏବଂ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଥିଲେ ଯାହା ଦ୍ୱାରା ୨୦୪୭ ମସିହାରେ



ବିକଶିତ ଭାରତ ହାସଲ କରିବାର ସମ୍ଭାବ୍ୟତା ବିଷୟରେ ଆତ୍ମବିଶ୍ୱାସ ମିଳିଥିଲା ।

ଏହି ହାଇପ୍ରୋଫାଇଲ୍ ଜାତୀୟ ସେମିନାରକୁ ନୀତି ଆୟୋଗର ସଦସ୍ୟ ପଦ୍ମଭୂଷଣ ଡକ୍ଟର ବିଜୟ କୁମାର ସାରସ୍ୱତଙ୍କ ଦ୍ୱାରା ଉଦ୍‌ଘାଟିତ କରାଯାଇଥିଲା । ଏଥିରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ଡକ୍ଟର ଅଭୟ କରାଣ୍ଡିକର, ଏଆଇସିଟିଇର ଉପାଧ୍ୟକ୍ଷ ପ୍ରଫେସର ଅଭୟ ଜେରେ, ଆଇସିଟି ମୁମ୍ବାଇର ଭାଇସ୍ ଚାନ୍ସେଲର ପଦ୍ମଶ୍ରୀ ପ୍ରଫେସର ଜିଡି ଯାଦବ, ଆଇଆଇଟି ମୁମ୍ବାଇର ଭାଇସ୍ ଚାନ୍ସେଲର ପ୍ରଫେସର ଚେତନ ସୋଲାଙ୍କି, ଜିଜି ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର କେ ବିଜୟ ଭାସ୍କର ରାଜୁ ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଖଣି, ଖଣିଜ ଏବଂ ରସାୟନ ସମ୍ପର୍କିତ କ୍ଷେତ୍ରୀୟ ଅଧିବେଶନରେ ଡକ୍ଟର ତପନ ଚାନ୍ଦ କହିଥିଲେ ଯେ ଭାରତରେ ଖଣିଜ ପଦାର୍ଥର ମୁଦ୍ରୀକରଣ ମୂଲ୍ୟ ପ୍ରାୟ ଏକ ହଜାର ଟ୍ରିଲିୟନ ଡଲାର । ବିକଶିତ ଭାରତ ୨୦୪୭ ଅଭିମୁଖେ ଯାତ୍ରାରେ, ଖଣି କ୍ଷେତ୍ର ଅଭିବୃଦ୍ଧି ଏବଂ ବିକାଶର ଏକ ନିର୍ଦ୍ଦିଷ୍ଟ ଇଞ୍ଜିନ ହେବ । ଜାତୀୟ ଜିଡ଼ିରେ ଏହାର ବର୍ତ୍ତମାନର ଅବଦାନ ବହୁଗୁଣିତ ହେବ । ସ୍ଥାୟୀ ଖଣି ଏବଂ ମୂଲ୍ୟଯୁକ୍ତ ଖଣିଜ ପଦାର୍ଥ ସୁସଙ୍ଗତ ଜଳବାୟୁ କାର୍ଯ୍ୟ ପାଇଁ ପ୍ରକ୍ରିୟା ହେବ । ବୈଜ୍ଞାନିକ ଖଣି, ଶୂନ୍ୟ ନେଟ୍ ଖଣି, ଶୂନ୍ୟ ଅପଚୟ ଖଣି, ଶୂନ୍ୟ ନିର୍ଗତ ଖଣି ଏବଂ ବୃତ୍ତାକାର ଅର୍ଥନୀତି ଖଣି କ୍ଷେତ୍ରକୁ ଗ୍ରହଣ କରିବାକୁ ପଡିବ ।

ତାଙ୍କ ସମାପନ ଭାଷଣରେ ସେ କହିଥିଲେ ଯେ ଆମେ ଖଣିଜ ପଦାର୍ଥ ସଂରକ୍ଷଣ କରିବା ଉଚିତ ଏବଂ କେବଳ ଆମର ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିବା ଉଚିତ ।

ଅଧିବେଶନରେ ଡକ୍ଟର ତପନ ଚାନ୍ଦଙ୍କୁ ଦେଶର ଖଣି, ଖଣିଜ ଏବଂ ଧାତୁ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ପ୍ରୋ ଭାଇସ୍ ଚାନ୍ସେଲର, କୁଳାଧିପତି, ଭାଇସ୍ ଚାନ୍ସେଲର, ଆନ୍ତର୍ଜାତୀୟ ବ୍ୟାପାର ନିର୍ଦ୍ଦେଶକ ଏବଂ ଅନ୍ୟମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।

### ପୁରୀରେ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ, ଗବେଷଣା କେନ୍ଦ୍ର ନିର୍ମାଣ ପ୍ରସଙ୍ଗ

# ଜାଗା ଚିହ୍ନଟ, ଆନୁଷଙ୍ଗିକ ପ୍ରସ୍ତୁତି ଲାଗି ଗଠନ ହେବ କମିଟି

ଭୁବନେଶ୍ୱର(ସବ୍ୟୁ): ପୁରୀରେ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମିତ ହେବ । ଏହି ବ୍ୟବସ୍ଥା କରାଯିବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ସୁଯୋଗ ପ୍ରଦାନ କରିଛି । ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଏହାର ନିର୍ମାଣ କିପରି ଗୁଣାତ୍ମକ ଓ ଆକର୍ଷଣୀୟ ହେବ ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି ।

ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସଂପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା ଏବଂ ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନସ୍ଥଳୀ ଭାବେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରୀ ଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସଂପୃକ୍ତ ବିଭାଗୀୟ ସଚିବଙ୍କ ସହିତ ଆଲୋଚନା କରିଛନ୍ତି ।

ଖୁବ୍‌ଶୀଘ୍ର ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ମୁଖ୍ୟ ଶାସନ ସଚିବ ରାଜସ୍ୱ ବିଭାଗ, ସଂସ୍କୃତି ବିଭାଗ ସଚିବ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ପୁରୀ ଜିଲ୍ଲାପାଳ ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ସମସ୍ତଙ୍କ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୭ ତାରିଖ (ସୋମବାର) ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗତ ୩୦.୦୬.୨୦୨୫ରେ ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ସେମାନେ ପୁନଃ ପଞ୍ଜିକରଣ କରିବାର ଆବଶ୍ୟକତା ନାହିଁ । ଗତ ଜୁନ୍ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହ ନିର୍ଦ୍ଧାରିତ ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ଅଶୋକନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ଜନ ଶୁଣାଣି ପାଇଁ ଉପସ୍ଥିତ ରହିବାକୁ ଅନୁରୋଧ ।

### ରାଜଧାନୀରେ ବାହୁଡ଼ିଲେ ଶ୍ରୀଜିଉ

# ଆଜି ସୁନାବେଶରେ ଦର୍ଶନ ଦେବେ

ଭୁବନେଶ୍ୱର(ସବ୍ୟୁ): ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଆଜି ଶେଷ ହୋଇଛି । ଜନ୍ମବେଦିରୁ ଲୀଳାଖେଳା ସାରି ଦେଉଳକୁ ବାହୁଡ଼ିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଏପଟେ ଠାକୁରଙ୍କ ଏ ମାନବୀୟ ଲୀଳା ଦେଖିବାକୁ ଭୁବନେଶ୍ୱରବାସୀଙ୍କ ଭିଡ଼ ଲାଗିଥିଲା । ଇସ୍କନଠାରୁ ଆରମ୍ଭ କରି ଆରସିଏମ୍, କିସ୍, ୟୁନିଟ୍-୮, ଗଣ୍ଡମୁଣ୍ଡା, ଧର୍ମବିହାର ଭଳି ଭୁବନେଶ୍ୱର ପ୍ରାୟ ୬୦ଟି ସ୍ଥାନରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି । ଆଜି(ରବିବାର) ସୁନାବେଶରେ ଦର୍ଶନ ଦେବେ ତିନି ଠାକୁର ।

ଅନ୍ୟପଟେ ବାହୁଡ଼ାଯାତ୍ରାକୁ ଶୃଙ୍ଖଳିତ କରିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ରଥଯାତ୍ରା ଅବସରରେ ଆସି ବିଭିନ୍ନ ମନ୍ଦିରରେ ବିରାଜମାନ କରିଥିବା ଶ୍ରୀଜିଉମାନେ ଆଜି ବାହୁଡ଼ା ଯାତ୍ରାରେ ବାହାରିଥିଲେ ।

ଜୟ ଶ୍ରୀଜଗନ୍ନାଥ ଧ୍ୱନୀ, ହୁଳହୁଳି, ହରିବୋଲରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପରିବେଶ ।

ଶନିବାର ଯଥାରୀତି ପୂଜାର୍ଚ୍ଚନା, ବିଶ୍ୱନିୟନ୍ତାଙ୍କ ପହଣ୍ଡି, ଛେରାପହଁରା ପରେ ରଥଟଣା ହୋଇଥିଲା ଏବଂ ସନ୍ଧ୍ୟା ସୁଦ୍ଧା ତିନିରଥ ଇସ୍କନ ମନ୍ଦିରରେ ଲାଗିଛି । ସେହିପରି ଅପରାହ୍ନରେ ଝାଡ଼େଶ୍ୱରୀ ମନ୍ଦିରରୁ ୟୁନିଟ୍-୮ ଜଗନ୍ନାଥ ମନ୍ଦିର (ଓୟୁଏଟି)କୁ ଆସିଛନ୍ତି ମହାପ୍ରଭୁ । ସେହିପରି ତମାଣ୍ଡୋ ମେଳଣପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରରୁ ତମାଣ୍ଡୋ ଜଗନ୍ନାଥ ମନ୍ଦିରକୁ ଆସିଛନ୍ତି ଶ୍ରୀଜିଉ । ଏଠାରେ ଜଗନ୍ନାଥ ଓ ବଳଭଦ୍ରଙ୍କ ରଥକୁ ଗ୍ରାମବାସୀମାନେ ଟାଣୁଥିବା ବେଳେ ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଛନ୍ତି ।

ଖଣ୍ଡଗିରି କୋଳଥିଆ ଚିଦାନନ୍ଦବିହାର ଜଗନ୍ନାଥ ମନ୍ଦିର, ଜାଗମରା ଧର୍ମବିହାର ଜଗନ୍ନାଥ ମନ୍ଦିର, କିସ୍ ଶ୍ରୀବାଣୀକ୍ଷେତ୍ର, ପଟିଆ, ଶୈଳଶ୍ରୀବିହାର, ବିଡିଏ କଲୋନି, ହାଉସିଂବୋର୍ଡ, ଆର୍ସିଏମ୍, ରେଳବିହାର, ଗାଡ଼କଣ, ରଙ୍ଗମାଟିଆ, ରେଲୱେ କଲୋନି, ଭିଏସ୍ଏସ୍ନଗର, ପୁରୁଣା ଭୁବନେଶ୍ୱର, ଭୀମଟାଙ୍ଗି ଓ ସୁନ୍ଦରପଦା ଆଦି ପ୍ରମୁଖ ଜଗନ୍ନାଥ ମନ୍ଦିରକୁ ମହାପ୍ରଭୁ ବାହୁଡ଼ିଥିଲେ ।

# ବାହୁଡାରେ ଭିଏସ୍ଏସ୍ ନଗର ଉତ୍ସବ ମୁଖର

ଭୁବନେଶ୍ୱର,(ସବ୍ୟୁ): ଶ୍ରୀ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଆଜି ଅନୁଷ୍ଠିତ ବାହୁଡା ଯାତ୍ରାରେ ସମ୍ପୂର୍ଣ୍ଣ ବୀର ସୁରେନ୍ଦ୍ର ସାଏ ନଗର ଉତ୍ସବ ମୁଖର ହୋଇ ଉଠିଛି । ପ୍ରଭୁ ଜଗନ୍ନାଥ ବଡ ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କ ସହିତ ନିଜ ଜନ୍ମ ବେଦିରେ ଲିଳା ଖେଳା ସାରି ସୁସଜ୍ଜିତ ରଥରେ ଡି.ଏଲ. କଲୋନୀ ସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ଥିବା ରତ୍ନବେଦିକୁ ଫେରିଛନ୍ତି । ପରମ୍ପରା ଅନୁସାରେ ଅପରାହ୍ନ ଘ.୪.୦୦ ସମୟରେ ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, ଯୁଗ୍ମ-ସମ୍ପାଦକ ନିଶିଥ ରଞ୍ଜନ ନନ୍ଦ ଓ ସନ୍ତୋଷ କୁମାର ଶତପଥୀ ପ୍ରମୁଖ ପହଣ୍ଡି ବିଜେ କରାଇଥିଲେ । ଅପରାହ୍ନ ଘ.୦୪.୩୦ ସମୟରେ ଅନୁଷ୍ଠାନର ସଭାପତି ଡ. ଜୟନ୍ତ ପରିଡା ରାଜା



ବେଶରେ ଛେରା ପହଁରା କରିଥିବା ବେଳେ ଘ.୫.୩୦ ମି. ସମୟରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରସନ୍ନ ଷଡଙ୍ଗୀ ମାଉସୀ ମାଆଙ୍କର ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ମନ୍ଦିର ପରିଚାଳନା ସମିତିର କୋଷାଧକ୍ଷ ନିତ୍ୟରଜ ନନ୍ଦ, ଧରଣିଧର ରାଉତ, ରବି ନାରାୟଣ ରାୟ, ପ୍ରକାଶ କୁମାର ଦାସ, ରବିନ୍ଦ୍ର ପାଲ, ନବିନ କିଶୋର ଭୁକ୍ତା, ନବକିଶୋର ବେଉରା, ଖିରୋଦ କୁମାର ସାହୁ, ମନୋଜ ପଟ୍ଟନାୟକ, ରାଖାଲ ମହାନ୍ତି, ଅସିମ ସିଂହ୍ନା, ଉତ୍କଳ କୁମାର ପାଣିଗ୍ରାହୀ, ଉମାକାନ୍ତ ରାୟଗୁରୁ, ଶଶି ଭୁଷଣ ଦାସ ଓ ଅଭୟାନନ୍ଦ ନନ୍ଦଙ୍କ ସହିତ ବହୁ ସଦସ୍ୟ, ସ୍ୱେଚ୍ଛାସେବକ ରଥଯାତ୍ରାରେ ସହଯୋଗ କରିଥିଲେ । ସହିଦ ନଗର ଥାନା ସହିତ ଭି ଏସ୍ ଏସ୍ ନଗର ଫାଣ୍ଡି ଅଧିକାରୀ ମାନେ ଉପସ୍ଥିତ ରହି ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ ।

# ଜେଡ୍‌ଟପ୍ ଆଇଓଟି ସଲ୍ୟୁସନ୍ସ ପକ୍ଷରୁ ଜଗା କଥା ଉନ୍ମୋଚିତ

ଭୁବନେଶ୍ୱର,(ସବ୍ୟୁ): ଟେକ୍ନୋଲୋଜି ଓ ପରମ୍ପରାର ଏକ ଉଲ୍ଲେଖନୀୟ ମିଶ୍ରଣରେ ଓଡିଶା-ଭିତିକ ଡିପ୍-ଟେକ ଷ୍ଟାର୍ଟଅପ ଜେଡ୍‌ଟପ ଆଇଓଟି ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡ ଏହାର ନୂତନ ସାଂସ୍କୃତିକ ପଦକ୍ଷେପ ଜଗା କଥା'ର ଉନ୍ମୋଚନ କରିଛି। ଏହା ହେଉଛି ଏକ ଏଆଇ-ଜେନେରେଟେଡ ମ୍ୟୁଜିକ ଭିଡିଓ ଯାହା ପୁରୀ ଧାମ ଓ ମହାପ୍ରଭୁ ଜଗନ୍ନାଥଙ୍କ ଲୁଚି ଯାଇଥିବା କିମ୍ବଦନ୍ତୀ, ପୁରୁଣା ପ୍ରଥା ଓ ରହସ୍ୟମୟ କାହାଣୀଗୁଡିକୁ ଜୀବନ୍ତ କରିଛି । ବିଶ୍ୱ ପାଇଁ ଭାରତରେ ନିର୍ମିତ ଏକ ମେଡିକାଲ ଡିଭାଇସ, ଏପିଡର୍ମାଲରେ ନିଡିଲ ବେସ୍‌ଡ ମେଡିକାଲ ପଦ୍ଧତି ପାଇଁ ଏକ ପେନ୍‌ଲେସ୍ ସମାଧାନର ଉଦ୍ଭାବନ କରିବା ପାଇଁ ପରିଚିତ ଜେଡ୍‌ଟପ ଏବେ ଉଦ୍ଭାବନ ପାଇଁ ସମାନ ଉତ୍ସାହର ସହ ଆଧ୍ୟାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ପ୍ରବେଶ କରିଛି, ଯାହା ଦୃଶ୍ୟାତ୍ମକ ଓ ଭାବପ୍ରବଣତା



ଦୃଷ୍ଟିରୁ ଏକ ଆକର୍ଷଣୀୟ ଫର୍ମାଟରେ ଭକ୍ତିପୂର୍ଣ୍ଣ କାହାଣୀଗୁଡିକୁ ବିଶ୍ଳେଷଣ କରିବା ପାଇଁ ଆର୍ଟିଫିସିଆଲ ଇଂଟେଲିଜେନ୍ସକୁ ଆହ୍ୱାନ କରିଛି ।

ପ୍ରଭୁ ବେଦୀ ହନୁମାନଙ୍କ ଉପରେ କେନ୍ଦ୍ରିତ ସିରିଜରେ ଏହି ପ୍ରଥମ ମ୍ୟୁଜିକ ଭିଡିଓ ହିନ୍ଦୀ ଭାଷାରେ ଏକ ପ୍ରଥମ ଧରଣର ଏଆଇ-ନିର୍ମିତ ଭକ୍ତିପୂର୍ଣ୍ଣ ସଙ୍ଗୀତ ଅଟେ, ଯାହାକୁ ଭାରତର ବହୁସଂଖ୍ୟକ ଦର୍ଶକଙ୍କ ନିକଟରେ ପହଞ୍ଚିବା ପାଇଁ ଡିଜାଇନ କରାଯାଇଥିଲା। ଏହି ଭିଡିଓରେ ଜଗନ୍ନାଥ ସଂସ୍କୃତି ସହ ଗଭୀର ଭାବେ ଜଡିତ ଏକ ପବିତ୍ର କାହାଣୀ ପାଇଁ ସଙ୍ଗୀତ,ପୌରାଣିକ କାହାଣୀ ଓ ଆଧୁନିକ ଦୃଶ୍ୟକୁ ଏକତ୍ରିତ କରାଯାଇଛି। ଓଡିଆ ଓ ଅନ୍ୟାନ୍ୟ ଆଂଚଳିକ ଭାଷା ସଂସ୍କରଣରେ ଏହାକୁ ରିଲିଜ କରିବା ପାଇଁ ଯୋଜନା ରହିଥିବା ବେଳେ ଏହି ପଦକ୍ଷେପ ଓଡିଶାର ଆଧ୍ୟାତ୍ମିକ ବିରାସତ ପ୍ରତି ଏକ ବହୁଭାଷୀୟ ଶ୍ରଦ୍ଧାଞ୍ଜଳି ହେବା ପାଇଁ ପ୍ରତିଶ୍ରୁତି ଦେଉଛି ।

ଏସମ୍ପର୍କରେ ଜେଡ୍‌ଟପ ଆଇଓଟି ସଲ୍ୟୁଶନ୍ସର ପ୍ରତିଷ୍ଠାତା ଅବନିସ ନାୟକ କହିଛନ୍ତି, 'ଆମର ଲକ୍ଷ୍ୟ ହେଉଛି ଏହି କାଳଜୟୀ କାହାଣୀଗୁଡିକୁ ସଂରକ୍ଷିତ ରଖିବା ଏବଂ ସେଗୁଡିକୁ ଏଭଳି ଏକ ଉପାୟରେ ଉପସ୍ଥାପନ କରିବା ଯାହା ତାହାର ଆଧ୍ୟାତ୍ମିକ ସତ୍ୟତାକୁ ବଜାୟ ରଖି ଆଜିର ଯୁବପିଢିଙ୍କୁ ବାର୍ତ୍ତା ଦେଉଥିବା । ଏହି ପଦକ୍ଷେପ ପୂର୍ବରୁ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ, ରବି ନାରାୟଣ ରଥଶର୍ମା, ମନୋଜ କୁମାର ଜେନା, ଅନିଲ ଧୀର୍, ଶ୍ରୀମତି ପଞ୍ଚମୀ ମାନୁ ଉକିଲ ଓ ବକୁଳ ଫାଉଣ୍ଡେଶନର ସୁଜିତ ମହାପାତ୍ରଙ୍କ ସମେତ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମର୍ଥନ ହାସଲ କରିଛି- ଯାହାଙ୍କର ପ୍ରୋତ୍ସାହନ ଏହି ପ୍ରକଳ୍ପକୁ ଅଧିକ ଶକ୍ତି ଓ ଆତ୍ମୀୟତା ଦେଇଛି ।

# ପୁରୀ ରଥଯାତ୍ରାରେ ପଲିକ୍ୟାବର ଦୃଢ଼ ସମ୍ପର୍କ ସ୍ଥାପନ

ଭୁବନେଶ୍ୱର,(ସବ୍ୟୁ): ପଲିକ୍ୟାବ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ପାରମ୍ପାରିକ ବ୍ରାଣ୍ଡିଂକୁ ଅତିକ୍ରମ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୁରୀ ରଥଯାତ୍ରା ୨୦୨୫ରେ ଭିନ୍ନ ବ୍ୟବସ୍ଥା କରାଯାଇଛି । ଭକ୍ତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଲିକ୍ୟାବ ପକ୍ଷରୁ ନିରାପତ୍ତା, ସୁବିଧା ଏବଂ ସଂଯୋଗ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ସ୍ଥାନୀୟ ପ୍ରଶାସନ ସହିତ ସହଯୋଗରେ ପଲିକ୍ୟାବ ପକ୍ଷରୁ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସ୍ଥାନ ସୃଷ୍ଟି କରାଯାଇଛି ଯାହା ଯାତ୍ରୀମାନଙ୍କୁ ପ୍ରକୃତ ମୂଲ୍ୟ ପ୍ରଦାନ କରୁଛି । ଏହି ଉଦ୍ୟମର ଅଂଶ ଭାବେ ପଲିକ୍ୟାବ ପକ୍ଷରୁ ମୋବାଇଲ୍ ଚାର୍ଜିଂଷ୍ଟେସନ୍ ସ୍ଥାପନ କରାଯାଇଛି ଯାହା ତୀର୍ଥଯାତ୍ରୀଙ୍କୁ ସେମାନଙ୍କ ପ୍ରିୟଜନଙ୍କ ସହିତ ଯୋଗାଯୋଗରେ ରହିବାରେ ସାହାଯ୍ୟ କରୁଛି । କୋଷ୍ଟ ଗାର୍ଡଙ୍କ ପାଇଁ ବ୍ରାଣ୍ଡେଡ୍ ବିଟ୍ ଫ୍ରି ସୁରକ୍ଷା ୱାଚ୍ ଟାୱାର୍ ସ୍ଥାପନ କରାଯାଇଥିବା ବେଳେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପଲିକ୍ୟାବ କୁଲ୍ ଜୋନ୍ ସ୍ଥାପନ କରାଯାଇଛି ଯାହା ଗ୍ରୀଷ୍ମର ଗରମରୁ ଆରାମ ଏବଂ ବିଶ୍ରାମପ୍ରଦାନ କରୁଛି । ଏଥି ସହିତ ପୁରୀର ପ୍ରବେଶ ଦ୍ୱାରରେ ପୋଲିସ୍ ବୁଥକୁ ଉନ୍ନତ କରାଯାଇଛି । ପଲିକ୍ୟାବ ଇଣ୍ଡିଆ ଲିମିଟେଡର ବରିଷ୍ଠ ଉପ ସଭାପତି- ବ୍ରାଣ୍ଡ୍ ଏବଂ ମାରକମ ଶ୍ୱେତଲ ବାସୁ କହିଛନ୍ତି ଯେ,ପଲିକ୍ୟାବରେ କେବଳ ଆମର ଉତ୍ପାଦ ମାଧ୍ୟମରେ ନୁହେଁ ବରଂ ସମ୍ପ୍ରଦାୟ ସହିତ ଉଦ୍ଦେଶ୍ୟପୂର୍ଣ୍ଣ ସଂଯୋଗମାଧ୍ୟମରେ ଆମେ ଦୃଢ଼ ସମ୍ପର୍କ ଗଠନରେ ବିଶ୍ୱାସ କରୁ । ରଥଯାତ୍ରା ହେଉଛି ବିଶ୍ୱାସ, ପରମ୍ପରା ଏବଂ ଏକତାରଉତ୍ସବ । ଆମ ପ୍ରୟାସ ସମସ୍ତଙ୍କ ପାଇଁ ସୁରକ୍ଷା, ସୁବିଧା ଏବଂ ସଂଯୋଗ ବୃଦ୍ଧି କରୁଥିବା ଅର୍ଥପୂର୍ଣ୍ଣ ମୂଲ୍ୟ ଯୋଗାଇବା ଉପରେ କେନ୍ଦ୍ରିତ ରହିଛି । ରଥଯାତ୍ରା ୨୦୨୫ରେ ପଲିକ୍ୟାବର ଅଂଶଗ୍ରହଣ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଏକ ସମ୍ମାନ ଏବଂପରମ୍ପରା ସହ ସମ୍ପର୍କିତ ଉଦ୍ଦେଶ୍ୟପୂର୍ଣ୍ଣ ବ୍ରାଣ୍ଡ୍ ଅନୁଭୂତି ସୃଷ୍ଟି କରିବା ପ୍ରତିବଦ୍ଧତାର ପ୍ରତିଫଳନ ।

# ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ

ଭୁବନେଶ୍ୱର,(ସବ୍ୟୁ): ଦୀର୍ଘ ନବଦିନ ଯାତ୍ରା ସାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ଆଜି ବାହୁଡ଼ାରେ ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଛନ୍ତି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି । ପୂର୍ବାହ୍ନରେ ମଙ୍ଗଳ ଆରତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସଂପନ୍ନ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସଂପାଦିତ ହୋଇଥିଲା । ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ ଛ ଶ୍ରୀବାଣୀକ୍ଷେତ୍ରର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି । ତିନି ରଥଙ୍କୁ ଗୁଣ୍ଡିଚା ମନ୍ଦିରରୁ ଶ୍ରୀବାଣୀକ୍ଷେତ୍ର ପର୍ଯ୍ୟନ୍ତ ଟଣାଯାଇଥିଲା । ବାହୁଡ଼ା ଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ । ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନୀ ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା । ଆସନ୍ତା କାଲି ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ । ଭକ୍ତମାନେ ଯେପରି ସୁଚାରୁ ରୂପେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

# ଚିଟଫଣ୍ଡ ଜବତ ସମ୍ପତ୍ତିର ହୋଇ ପାରୁନି ନିଲାମ: କଟକରେ ଖୋଲିବ ସ୍ୱତନ୍ତ୍ର କାର୍ଯ୍ୟାଳୟ

କଟକ,(ସବ୍ୟୁ): ଚିଟଫଣ୍ଡ କମ୍ପାନୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଅଦାଲତ ନିର୍ଦ୍ଦେଶ ଦେଇ ସାରିଲେଣି । ବାଜ୍ୟାପ୍ତି ପରେ ସମ୍ପତ୍ତି ନିଲାମ କରାଯିବା କଥା । କିନ୍ତୁ ବର୍ଷବର୍ଷ ଧରି ସମ୍ପତ୍ତି ନିଲାମ ହୋଇପାରୁ ନାହିଁ । ଏହି ନିଲାମ ଅଡୁଆ ଛିଡୁନଥିବାରୁ ନା ବାଜ୍ୟାପ୍ତି ସମ୍ପତ୍ତି ବିକ୍ରି ହୋଇପାରୁଛି ନା ଏଥିରୁ ଲବ୍ଧ ଅର୍ଥ ସରକାରଙ୍କ ତହବିଲ୍ରୁ ଆସିପାରୁଛି । ଫଳରେ ଚିଟ୍ଫଣ୍ଡ ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଯେଉଁଭଳି ତ୍ୱରାନିତ ହେବା କଥା ତାହା ହୋଇପାରୁ ନାହିଁ । ଏହି ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ଏବେ କଟକରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିବାକୁ ଯାଉଛନ୍ତି । ଉକ୍ତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ ଦୁଇଜଣ ଓଏଏସ୍ ଅଧିକାରୀଙ୍କୁ ନିୟୋଜିତ କରାଯିବ । ଯେଉଁମାନେ ଚିଟ୍ଫଣ୍ଡ ସଂସ୍ଥାଙ୍କ ସମ୍ପତ୍ତି କିପରି ନିଲାମ କରାଯିବ ଏବଂ ଅଦାଲତରେ କିପରି ମାମଲାର ତ୍ୱରିତ ଶୁଣାଣି ହୋଇପାରିବ ସେଥିପାଇଁ କାର୍ଯ୍ୟ କରିବେ ବୋଲି ଜଣାପଡିଛି ।

୬୦ରୁ ଅଧିକ ଚିଟ୍ଫଣ୍ଡ କମ୍ପାନୀଙ୍କ ସମ୍ପତ୍ତି ବ୍ୟାଜାପ୍ତି ପାଇଁ ଚିଟଫଣ୍ଡ ସ୍ୱତନ୍ତ୍ର ଅଦାଲତରେ କଟକ ଚିଟଫଣ୍ଡ ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମାମଲା ରୁଜୁ କରିଛନ୍ତି । ଇତିମଧ୍ୟରେ ୨୬ଟି ମାମଲାରେ ଚିଟଫଣ୍ଡ ଅଦାଲତ ଚିଟଫଣ୍ଡ ସଂସ୍ଥାର ସମ୍ପତ୍ତି ବ୍ୟାଜାପ୍ତି ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଆହୁରି ୩୫ରୁ ଅଧିକ ମାମଲା ଚିଟଫଣ୍ଡ ଅଦାଲତରେ ବିଚାରାଧୀନ ରହିଛି । ୨୬ଟି ସଂସ୍ଥା ଭିତରେ ଅଛନ୍ତି ରୋଜଭ୍ୟାଲି, ସାଫେକ୍ସ ଇଣ୍ଡିଆ, ଆସ୍ଥା ଇଣ୍ଟରନ୍ୟାସନାଲ, ଗୋଲଡେନ୍ଲ୍ୟାଣ୍ଡ ଡେଭଲପରର୍ସ, ସାଇ ପ୍ରଗତି, ଉମାମଣି କ୍ରିଏସନ୍, ଶ୍ରୀ ଭୂମି, ସିରିଡ଼ି ସାଇ, ସେଡ଼ିଲ୍ ଡେଭଲପରର୍ସ, ଲ୍ୟାଣ୍ଡ ଇଣ୍ଡିଆନ୍, ଏ ବି ରିଅଲଟେକ୍, ଏକ୍ସଲେଣ୍ଟ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍, ଏ ଏମ୍ ଫଣ୍ଡ ମ୍ୟାନେଜର, ମା ତାରିଣୀ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍, ସିସୋର୍, ଭିଷ୍ଟା ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ । ରୋଜଭ୍ୟାଲିର ଯେତିକି ଜମି ବ୍ୟାଜାପ୍ତି କରାଯାଇଛି । ସେଥିରୁ ୧୧ ଏକର ୨୯୨ ଡ଼ିସିମିଲ୍ ଜମି ନିଲାମ ହୋଇପାରିନି । ସାଫେକ୍ସ ଚିଟ୍ଫଣ୍ଡ ସଂସ୍ଥାର ୧୪ ଏକର ଜମିରୁ ମାତ୍ର ୯୦୨ ଡ଼ିସିମିଲ୍ ଜମି ବିକ୍ରି ହୋଇପାରିଛି । ଆସ୍ଥା ନାଁରେ ୫୨୨ ଏକର ସମ୍ପତ୍ତି ରହିଛି । ଏଥିରୁ ପଶ୍ଚିମବଙ୍ଗରେ କେବଳ ୫୦୨ ଏକର ଜମି ରହିଛି । ଏଥିରୁ ମାତ୍ର ୩୯୭ ଡ଼ିସିମିଲ୍ ଜମି ବିକ୍ରି ହୋଇଛି । ଗୋଲଡ଼େନ୍ ଲ୍ୟାଣ୍ଡ ଡେଭଲପରର୍ସ ୪୯ ଏକର ଜମି ଥିଲାବେଳେ ଏଥିରୁ ୩୧ ଏକର ୮୪୮ ଡ଼ିସିମିଲ୍ ଜମି ବିକ୍ରି ହୋଇପାରିଛି । ସାଇ ପ୍ରଗତି ନାମରେ ୪୬ ଏକର ଜମି ଥିଲାବେଳେ ଏଥିରୁ ମାତ୍ର ୭ ଏକର ଜମି ବିକ୍ରି ହୋଇପାରିଛି । ଏହି ସମସ୍ତ ଜମିକୁ ଦୁଇଥର ଲେଖାଏଁ ନିଲାମ ଡ଼କାଯାଇଛି । ଦୁଇଥର ନିଲାମ ପରେ ମଧ ବହୁ ପରିମାଣର ଜମି ବିକ୍ରି ହୋଇନପାରି ପଡ଼ିରହିଛି । ନିଲାମ ପ୍ରକ୍ରିୟାରେ ବିକ୍ରି ହୋଇନପାରି ପଡ଼ି ରହିବା ଏହିସବୁ ଜମିର ମୂଲ୍ୟ ପ୍ରାୟ ୫୦୦ କୋଟି ଟଙ୍କା ହେବ ବୋଲି ପ୍ରାଥମିକ ଆକଳନ କରାଯାଇଛି ।

ଅପରପକ୍ଷରେ ଉମାମଣି କ୍ରିଏସନ୍ ନାମରେ ୩୨ ଏକର ଜମି ଥିଲାବେଳେ ଶ୍ରୀ ଭୂମି ନାମରେ ୪୬ ଏକର ଜମି, ଶିରିଡ଼ି ସାଇ ଚିଟ୍ଫଣ୍ଡ ସଂସ୍ଥା ନାମରେ ୧ ଏକର ଜମି, ସେଡ଼ିଲ୍ ଡେଭଲପରର୍ସ ନାମରେ ୨ ଏକର ୫୬ ଡ଼ିସିମିଲ୍ ଜମି, ଲ୍ୟାଣ୍ଡ ଇଣ୍ଡିଆ ନାମରେ ୭ ଏକର ଜମି, ଏ ବି ରିଅଲଟେକ୍ ନାମରେ ୧୪ ଏକର ଜମି, ଏକ୍ସଲେଣ୍ଡ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍ ନାପରେ ୨ ଏକର, ଏ ଏମ ଫଣ୍ଡ ମ୍ୟାନେଜର ସଂସା ନାମରେ ୪୩୧ ଡିସିମିଲ ଜମି. ମା ତାରିଣୀ ଇଷ୍ଟକନ ପାଇଭେଟ ଲିମିଟେଡ ନାମରେ ୪୨ ଏକର, ସିସୋର ନାମରେ ୨୩୨ ଏକର ସଂପତ୍ତିର ନିଲାମ ପାଇଁ ପଡ଼ିରହିଛି । ତେଣୁ ସରକାର ଏ ବାବଦରେ ଉଚିତ ପଦକ୍ଷେପ ନବାକୁ ତତ୍ପର ହୋଇଛନ୍ତି ।

# ସୃଜନଶୀଳ ପ୍ରଶାସନ ଦ୍ୱାରା ପରିବେଶର ସ୍ଥାୟୀ ପରିବର୍ତ୍ତନ

ପରିବେଶ କୁଜନେଟ୍ସ ବକ୍ରରୁ ମିଳିଥିବା ପରିବେଶ ପ୍ରଶାସନ ସହିତ ଜଡ଼ିତ ପାରମ୍ପରିକ ଜ୍ଞାନ ଅନୁସାରେ ଦେଶ ପ୍ରଥମେ ବିକଶିତ ହୁଏ, ତା ପରେ ସଫେଇ କାମ କରାଯାଏ। ଏହି ଅଭିଜ୍ଞତା ସେହି ଦେଶଗୁଡ଼ିକରୁ ମିଳିଛି ଯେଉଁ ଦେଶ ଆଗରୁ ହିଁ ବିକଶିତ ହୋଇସାରିଲେଣି, ଯେଉଁମାନେ ବିକାଶ ପ୍ରକ୍ରିୟା ପାଇଁ ଦରକାର ହେଉଥିବା ସମ୍ବଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଦେଶ ବିଦେଶରେ ପ୍ରାକୃତିକ ପରିବେଶକୁ ଜଳାଞ୍ଜଳି ଦେଇଛନ୍ତି । କିନ୍ତୁ ଏପରି ସୁଯୋଗ ଭାରତ ପରି ଦେଶର ଭାଗ୍ୟରେ ନାହିଁ, ଯେଉଁମାନଙ୍କୁ ନିଜର ବିଶାଳ ଜନସଂଖ୍ୟାକୁ ବିକାଶ ସଂପର୍କିତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଏବେ ମଧ୍ୟ ଦ୍ରୁତ ଗତିରେ ବିକାଶ କରିବାର ଆବଶ୍ୟକତା ଅଛି ।

ଯେତେବେଳେ ୨୦୧୪ରେ ଏନ୍‌ଡିଏ କ୍ଷମତାକୁ ଆସିଲା, ସେତେବେଳେ ଚ୍ୟାଲେଞ୍ଜ ଥିଲା-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ ସିଦ୍ଧାନ୍ତ-ସୁଧାର, ପ୍ରଦର୍ଶନ ଓ ପରିବର୍ତ୍ତନ-ଆଧାରରେ ବିକାଶ ଓ ପ୍ରଗତିକୁ କେମିତି ଗତି ପ୍ରଦାନ କରାଯିବ। ଏହି ସିଦ୍ଧାନ୍ତ ଅନୁସାରେ ପରିବେଶ ସୁରକ୍ଷାର କଡ଼ା ନିୟମ ସହିତ ସାଲିସ ନକରି କେମିତି ଆବଶ୍ୟକତା ଅନୁସାରେ ସହଜରେ ବ୍ୟବସାୟ କରିବାର ସୁବିଧା ପ୍ରଦାନ କରି ଦ୍ରୁତ ଗତିରେ ବିକାଶ କରାଯିବ । ଆଜି ୨୦୨୫ରେ ଆମେ ଯେ କେବଳ ସେହି ଚ୍ୟାଲେଞ୍ଜର ମୁକାବିଲା କରିବାରେ ସଫଳ ହୋଇଛୁ ତାହା ନୁହେଁ, ଆମେ ଶାସନର ଏମିତି ମଡେଲ ପ୍ରସ୍ତୁତ କରିଛୁ ଯାହାକୁ ସାରା ବିଶ୍ୱ ପ୍ରଶଂସା କରୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଭିମୁଖ୍ୟ ପୁରା ସ୍ପଷ୍ଟ ଥିଲା- ଏହି ବ୍ୟବସ୍ଥାକୁ ଏମିତି କରାଯିବ ଯାହାକି ଉଭୟ ପରିବେଶ ଓ ଅର୍ଥନୀତି ପାଇଁ ଲାଭଦାୟକ ହେବ ।

୨୦୧୪ରେ ସ୍ୱଚ୍ଛ ଭାରତ ମିଶନର ଶୁଭାରମ୍ଭ ଆମର ପ୍ରଥମ ବଡ଼ ଅଭିଯାନ ଥିଲା । ଏହି ଅଭିଯାନ ସ୍ୱଚ୍ଛତାରୁ ଆଗକୁ ଯାଇ ପରିବେଶର ସୁରକ୍ଷା ପାଇଁ ଆବର୍ଜନାର ପରିଚାଳନାକୁ ଏକ ସୁବ୍ୟବସ୍ଥିତ ବ୍ୟବସ୍ଥାରେ ପରିଣତ କରିଛି । ଏହି ମିଶନ ପରିବେଶ ସହିତ ଜଡ଼ିତ ସମସ୍ୟାକୁ ସାମାଜିକ ବିକାଶ ସହିତ ଯୋଡ଼ିବାର ଆମର ପ୍ରତିଶ୍ରୁତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ସମସ୍ତ ଜନସାଧାରଣଙ୍କୁ ଏଥିରେ ସାମିଲ କରାଯାଇ ଏହି ଅଭିଯାନକୁ ଏକ ଏକ ଜନଆନ୍ଦୋଳନ ଭାବେ ଆରମ୍ଭ କରାଯାଇଥିଲା । ଏକ ସ୍ୱଚ୍ଛ ଓ ସମ୍ବଳ ପ୍ରସଙ୍ଗରେ ଅପେକ୍ଷାକୃତ ଅଧିକ କୁଶଳୀ ଭାରତର ଲକ୍ଷ୍ୟକୁ ଆଗକୁ ନିଆଯାଇଥିଲା । ବିଭିନ୍ନ ସହରରେ ବାସ୍ତବିକ ସମୟରେ ନିର୍ଭୁଲ ଭାବେ ଜନସାଧାରଣଙ୍କୁ ବାୟୁ ପ୍ରଦୂଷଣର ସ୍ଥିତିର ସୂଚନା ପ୍ରଦାନ କରାଯାଇଥିଲା । ପରେ ପରେ ଜାତୀୟ ବାୟୁ ମାନକ ସୂଚକାଙ୍କର ଶୁଭାରମ୍ଭ କରାଯାଇଥିଲା ।

୨୦୧୪ରେ ଆରମ୍ଭ କରାଯାଇଥିବା ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ମଧ୍ୟ ଅନେକ କଡ଼ା ପରିବେଶ ନିୟମ ମାନକକୁ ସାମିଲ କରାଯାଇଥିଲା । ଏଥିରୁ ପ୍ରମାଣିତ ହୋଇଥିଲା ଯେ, ଆମେ ପରିବେଶର ସ୍ଥିରତାକୁ ବଜାୟ ରଖି ଅପେକ୍ଷାକୃତ ବଡ଼ ଆକାରରେ ଓ ଦ୍ରୁତ ଗତିରେ ମ୍ୟାନୁଫ୍ୟାକଚରିଂକୁ ପ୍ରୋତ୍ସାହିତ କରିପାରିବା । ଶକ୍ତି ସଂପର୍କିତ ଦକ୍ଷତାକୁ ପ୍ରୋତ୍ସାହନ ଦେବା ପାଇଁ ଓ ଶକ୍ତି ଉପରେ ଆଧାରିତ ଅଧିକ ସଂଖ୍ୟକ ଶିଳ୍ପକୁ ସାମିଲର ଲକ୍ଷ୍ୟ ନେଇ ୨୦୧୫ରେ ପ୍ରଦର୍ଶନ, ଉପଲବ୍ଧି ଓ ରୂପାନ୍ତର (ପିଏଟି) ଯୋଜନାକୁ ବ୍ୟାପକ କରାଗଲା । ଏହା ଦ୍ୱାରା ଶକ୍ତି ସଂପର୍କିତ ଦକ୍ଷତା ବୃଦ୍ଧି ପାଇଁ ବଜାର-ଆଧାରିତ ପ୍ରଶାସନର ନିର୍ମାଣ ହେଲା । ଆବର୍ଜନାର ପ୍ରଭାବୀ ପରିଚାଳନା, ସମ୍ବଳ ସଂପର୍କିତ ଦକ୍ଷତାର ବୃଦ୍ଧି ଓ ଅର୍ଥନୀତିର ଚକ୍ରକୁ ପ୍ରୋତ୍ସାହନ ପ୍ରଦାନର ଲକ୍ଷ୍ୟ ନେଇ ୨୦୧୬ରୁ ଆବର୍ଜନା ପରିଚାଳନାର ସମସ୍ତ ପ୍ରମୁଖ ନିୟମକୁ ନିୟମିତ ଭାବେ ଅନୁଧ୍ୟାନ କରାଯାଉଛି । ଏହି ଦୃଷ୍ଟିକୋଣର ମୂଳଦୁଆ ସିଦ୍ଧାନ୍ତ ବଜାର ଆଧାରିତ ପ୍ରଶାସନ ଓ ପ୍ରଦୂଷଣକାରୀ ଦ୍ୱାରା ପ୍ରଦାନର ନିୟମ ଉପରେ ଆଧାରିତ ବିସ୍ତାରିତ ଉତ୍ପାଦକ ଉତ୍ତରଦାୟିତ୍ୱ ସହିତ ଜଡ଼ିତ ଢାଞ୍ଚା ଉପରେ ନିର୍ଭରଶୀଳତାରେ ନିହିତ ଅଛି। ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ଆଇନ, ଇ-ଆବର୍ଜନା ପରିଚାଳନା ନିୟମ ତଥା ଟାୟାର, ବ୍ୟାଟେରି ଓ ବ୍ୟବହୃତ ତେଲର ଅବଶିଷ୍ଟାଂଶ ପରିଚାଳନା ନିୟମ ଆଦି ସେହି ସିଦ୍ଧାନ୍ତଙ୍କ ଆଧାରରେ ପ୍ରସ୍ତୁତ କରାଯାଇଥିଲା । ଏହା ଦ୍ୱାରା ଏପରି ଏକ ବ୍ୟବସ୍ଥାର ନିର୍ମାଣ ହେଲା, ଯାହା ଦ୍ୱାରା ବିଭିନ୍ନ ସାମଗ୍ରୀରେ ପ୍ରାୟ ୪୦୦୦ ପୁନର୍ବ୍ୟବହାରକାରୀଙ୍କୁ ପଂଜୀକୃତ ପୁନର୍ବ୍ୟବହାରକାରୀ ଭାବେ ଅଣସଂଗଠିତ କ୍ଷେତ୍ରରୁ ହଟାଇ ସଂଗଠିତ କ୍ଷେତ୍ରକୁ ଅଣାଗଲା । ଏହି ପଦକ୍ଷେପ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷରେ ୧୬୦୦ କୋଟିରୁ ଅଧିକ ରାଜସ୍ୱ ମିଳିଛି । ୨୦୨୨ରେ ଆରମ୍ଭ କରାଯାଇଥିବା ବିସ୍ତାରିତ ଉତ୍ପାଦକ ଉତ୍ତରଦାୟିତ୍ୱ (ଇପିଆର) ପୋର୍ଟାଲ ପୁନଃବ୍ୟବହାର ଅର୍ଥବ୍ୟବସ୍ଥା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ୨୦୨୪-୨୫ ଆର୍ଥିକ ବର୍ଷରେ ୬୧,୦୫୫ ସାମଗ୍ରୀକୁ ଅଣପ୍ଲାଷ୍ଟିକ ପ୍ୟାକେଜିଂ, ଇ-ଆବର୍ଜନା, ଅଦରକାରୀ ଟାୟାର, ବ୍ୟାଟେରି ଆବର୍ଜନା ଓ ବ୍ୟବହୃତ ହୋଇଥିବା ତେଲ କ୍ଷେତ୍ରରେ କାମ କରିବା ପାଇଁ ପିଆର୍ ପୋର୍ଟାଲରେ ପଂଜୀକରଣ କରାଯାଇଛି । ଅପଶିଷ୍ଟ ନିୟମ ୨୦୨୨ ବିଜ୍ଞପ୍ତି ପ୍ରକାଶ ଓ ଇପିଆର୍ ପୋର୍ଟାଲର ଆରମ୍ଭ ପରେ ଶୋଧିତ ଅବଶିଷ୍ଟର ମାତ୍ରା ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ନିୟମ ଲାଗୁ ହେବା ପୂର୍ବରୁ ୩.୬ ଏମଏମଟି ପ୍ରତି ବର୍ଷ ତୁଳନାରେ ବୃଦ୍ଧି ହୋଇ ୧୨୭.୪୮ ଏମଏମଟି ପ୍ରତି ବର୍ଷ ହେଲାଣି । ସମସ୍ତ ହିତାଧିକାରୀଙ୍କ ସହଯୋଗ ଓ ସମର୍ଥନ ପାଇଁ ଏହା ସମ୍ଭବ ହୋଇପାରିଛି । ବ୍ୟବସ୍ଥାଗତ ବିଳମ୍ବକୁ ହ୍ରାସ କରିବା ପାଇଁ ଓ ଏକ ବ୍ୟାପକ ପରିବେଶ ସଂକ୍ରାନ୍ତୀୟ ମୂଲ୍ୟାଙ୍କନ କରିବା ପାଇଁ ୨୦୧୮ରେ ପରିବେଶ ( ପ୍ରୋ-ଆକଟିଭ ଆଣ୍ଡ ରେସ୍ପନସିଭ୍ ବାଇ ଇଣ୍ଟରଏକଟିଭ, ଭର୍ଚୁଅସ୍ ଆଣ୍ଡ ଏନଭାଇରମେଣ୍ଟାଲ ସିଙ୍ଗଲ (ୱିଣ୍ଡୋ ହବ୍) ନାମରେ ଏକ ଅନଲାଇନ ଆଇଟି ଟୁଲ୍‌ର ଶୁଭାରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡିଜିଟାଲ ଇଣ୍ଡିଆର ଲକ୍ଷ୍ୟକୁ ସାକାର କରି ଏହି ଡିଜିଟାଲ ପ୍ଲାଟଫର୍ମ ବ୍ୟବସାୟ ଜଗତ ଓ ପରିବେଶ ନିୟମ ମଧ୍ୟରେ ସଂପର୍କରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। 'ପରିବେଶ' ପରିବେଶ ସମ୍ବନ୍ଧିତ ଅନୁମୋଦନର ଜଟିଳ ଓ କାଗଜପତ୍ର ଆଧାରିତ ପ୍ରକ୍ରିୟାକୁ ଏକ ସୁବ୍ୟବସ୍ଥିତ ଏବଂ ମଜଭୁତ ଡିଜିଟାଲ ଅଭିଜ୍ଞତାରେ ପରିଣତ କରିଦେଇଛି । ଏହି ଦୃଷ୍ଟିକୋଣରୁ ପରିବେଶ ସଂପର୍କିତ କଡ଼ା ମୂଲ୍ୟାୟନକୁ ବଜାୟ ରଖାଯିବା ସହିତ ଏହି ପ୍ରକ୍ରିୟାର ସମୟକୁ ହ୍ରାସ କରାଯାଇଛି ଓ ଦକ୍ଷତା ବୃଦ୍ଧି କରାଯାଇଛି ।



**ଭୂପେନ୍ଦ୍ର ଯାଦବ**
କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ

୨୦୧୯ ମସିହାରେ ସହରଗୁଡ଼ିକୁ କେନ୍ଦ୍ର କରି ହୋଇଥିବା ଯୋଜନାରେ ଭରପୁର ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି)ର ଆନୁଷ୍ଠାନିକ ଶୁଭାରମ୍ଭ ଆମକୁ ନୀତି ନିର୍ମାତା ଏବଂ ନିୟାମକରୁ କାର୍ଯ୍ୟାନ୍ୱୟନକାରୀରେ ପରିଣତ କରିଛି। ଏନସିଏପି ଲକ୍ଷ୍ୟ ରଖିଛି ୨୦୨୫-୨୬ ସୁଦ୍ଧା ପିଏମ ୧୦ ସାନ୍ଦ୍ରତାକୁ ୪୦ ପ୍ରତିଶତ ହ୍ରାସ କରାଯିବ କିମ୍ବା ୨୦୧-୧୮ ମୂଳ ବର୍ଷ ତୁଳନାରେ ପ୍ରତି ଘନ ମିଟରରେ ୬୦ ମାଇକ୍ରୋଗ୍ରାମର ଜାତୀୟ ମାନଦଣ୍ଡ ହାସଲ କରାଯିବ । ଏନ୍‌ସିଏପି ସହିତ ସିପିସିବି ମଧ୍ୟ ଏନ୍‌ସିଏପି ଅଧୀନରେ ଥିବା ୧୩୧ଟି ସହରରେ ବାୟୁର ମାନ କେମିତି ଅଛି, ତାର ଧାରା ଉପରେ କଡ଼ା ନଜର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ଦ୍ୱାରା ବାୟୁ ଗୁଣବତ୍ତାରେ ନିରନ୍ତର ଉନ୍ନତି ଆସିଛି । ୨୦୨୧ ମସିହାରେ କାଗଜବିହୀନ ପ୍ରକଳ୍ପ ପରିଚାଳନା ପାଇଁ ଏକ ୱେବ୍-ଆଧାରିତ ଉପକରଣ ଭାବରେ ଅଣ-ପ୍ରାପ୍ତି ସହରଗୁଡ଼ିକରେ ବାୟୁ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ପୋର୍ଟାଲ୍ (ପିଆରଏଏନ୍‌ଏ) ଆରମ୍ଭ କରାଯାଇଥିଲା । ଏହା ଦ୍ୱାରା ସ୍ୱଚ୍ଛ ବାୟୁ ସମ୍ପର୍କିତ ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନର ଭୌତିକ ଏବଂ ଆର୍ଥିକ ପ୍ରଗତି ଉପରେ ନଜର ରଖିବା ସମ୍ଭବ ହେବ ।

୧ ଜୁଲାଇ ୨୦୨୨ରୁ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ନିଷେଧାଦେଶ ଏବଂ ୩୧ ଡିସେମ୍ବର ୨୦୨୨ରୁ ୧୨୦ ମାଇକ୍ରନରୁ ଅଧିକ ମୋଟେଇ ପ୍ଲାଷ୍ଟିକ ଉପରେ ନିଷେଧାଦେଶ ପରିବେଶ କ୍ଷେତ୍ରରେ ସାହସିକ ନେତୃତ୍ୱର ପରିଚୟ ଦେଇଥିବା ବେଳେ ସେହି ବର୍ଷ ଆରମ୍ଭ ହୋଇଥିବା 'ଜଳ ଜୀବନ ମିଶନ' ଜଳ ଉପଲବ୍ଧତାକୁ ପରିବେଶଗତ ସ୍ଥିରତା ସହିତ ଯୋଡ଼ିଛି । ଏକ ବ୍ୟାପକ ଭାରତ ଶୀତଳୀକରଣ କାର୍ଯ୍ୟ ଯୋଜନା ବିକଶିତ କରିବାରେ ବିଶ୍ୱର ଅଗ୍ରଣୀ ଦେଶ ତାଲିକାରେ ସାମିଲ ହୋଇଛି ଭାରତ । ଏହି କାର୍ଯ୍ୟ ଯୋଜନାରେ ବିଭିନ୍ନ କ୍ଷେତ୍ରକୁ ଅତି ଥଣ୍ଡା ରଖିବାର ଆବଶ୍ୟକତା ପୂରଣ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ରହିଛି । ଏହା ସହିତ ଏପରି କାମର ତାଲିକା ଦିଆଯାଇଛି ଯାହାକି ଶୀତଳୀକରଣ ସହିତ ଜଡ଼ିତ ଚାହିଦାକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ । ବିଭିନ୍ନ କ୍ଷେତ୍ରରେ ଶୀତଳୀକରଣର ଆବଶ୍ୟକତା ରହିଛି ଏବଂ ଏହା ଆର୍ଥିକ ବିକାଶର ଏକ ଅତ୍ୟାବଶ୍ୟକୀୟ ଅଂଶ । ଆବାସିକ ଏବଂ ବାଣିଜ୍ୟିକ କୋଠା, କୋଲ୍ଡ-ଚେନ୍, ରେଫ୍ରିଜରେସନ୍, ପରିବହନ ଏବଂ ଶିଳ୍ପ ଭଳି ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି । ହାଇଡ୍ରୋଫ୍ଲୋରୋକାର୍ବନ (ଏଚ୍‌ଏଫସିଏସ୍)ର ନିର୍ଗମନକୁ ପର୍ଯ୍ୟାୟ କ୍ରମେ ହ୍ରାସ କରିବା ପାଇଁ ଭାରତ ୨୭ ସେପ୍ଟେମ୍ବର ୨୦୨୧ ରେ ମଣ୍ଟ୍ରିଲ ପ୍ରୋଟୋକଲର କିଗାଲି ସଂଶୋଧନକୁ ଅନୁମୋଦନ କରିଥିଲା। ଏହା ଅଧୀନରେ, ୨୦୩୨ ପରେ ଚାରିଟି ପର୍ଯ୍ୟାୟରେ ପର୍ଯ୍ୟାୟ କ୍ରମେ ଏହାକୁ ସଂପୂର୍ଣ୍ଣ କରିବାର ପ୍ରତିଶ୍ରୁତି ଦିଆଯାଇଛି ଏବଂ ୨୦୩୨, ୨୦୩୭, ୨୦୪୨ ଓ ୨୦୪୭ ମସିହାରେ ଯଥାକ୍ରମେ ୧୦ ପ୍ରତିଶତ, ୨୦ ପ୍ରତିଶତ, ୩୦ ପ୍ରତିଶତ ଏବଂ ୮୫ ପ୍ରତିଶତ ନିର୍ଗମନ ହ୍ରାସ କରାଯିବ ।

୨୦୨୨ ମସିହାରେ ଗୃହୀତ ହୋଇଥିବା ଶକ୍ତି ସଂରକ୍ଷଣ (ସଂଶୋଧନ) ଆଇନ ଭାରତର କାର୍ବନ କ୍ରେଡିଟ୍ ବାଣିଜ୍ୟ ଯୋଜନାର ଶୁଭାରମ୍ଭ କରିଥିଲା । ଏହା ଦ୍ୱାରା କାର୍ବନ ନିର୍ଗମନ ହ୍ରାସ ପାଇଁ ଏକ ବଜାର-ଆଧାରିତ ପ୍ରଶାସନ ସୃଷ୍ଟି ହୋଇଥିଲା। ୨୦୨୩ ମସିହାରେ ଶକ୍ତି ଦକ୍ଷତା ବ୍ୟୁରୋ ଅଧୀନରେ ଆମର କାର୍ବନ କ୍ରେଡିଟ୍ ବାଣିଜ୍ୟ ଯୋଜନାର କାର୍ଯ୍ୟକାରୀତା ଦେଶର ପ୍ରଥମ ବ୍ୟାପକ କାର୍ବନ ବଜାର ନିର୍ମାଣ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ୧ ନଭେମ୍ବର ୨୦୨୧ ରେ ଗ୍ଲାସଗୋରେ ସିଓପି ୨୬ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ମିଶନ ଲାଇଫ୍ (ପରିବେଶ ପାଇଁ ଜୀବନ ଶୈଳୀ) ହେଉଛି ମାନବ ଆଚରଣକୁ ନିୟନ୍ତ୍ରଣ କରି ସ୍ଥାୟୀ ବ୍ୟବହାର ଢାଞ୍ଚାକୁ ପ୍ରୋତ୍ସାହିତ କରିବାର ଆଉ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ । କାର୍ବନ କ୍ରେଡିଟ୍ ବ୍ୟତୀତ, ୨୦୨୩ ମସିହାରେ ୟୁଏଇରେ ସିଓପି ୨୮ ସମୟରେ ଗ୍ରୀନ୍ କ୍ରେଡିଟ୍ ପ୍ରୋଗ୍ରାମ୍ ରୂପରେ ଏକ ସକାରାତ୍ମକ ପଦକ୍ଷେପ ଆରମ୍ଭ କରାଯାଇଛି । ଏହାର ଲକ୍ଷ୍ୟ ହେଲା ପରିବେଶ ସୁରକ୍ଷା ଦିଗରେ ସକାରାତ୍ମକ କାର୍ଯ୍ୟକୁ ପୁରସ୍କୃତ କରାଯାଇପାରିବ ଓ ସ୍ୱେଚ୍ଛାକୃତ ପରିବେଶ ପରିଚାଳନାକୁ ଉତ୍ସାହିତ କରିବା ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା। ୨୦୨୪ରେ ସାରା ଦେଶରେ ଭାରତ ଷ୍ଟେଜ୍ ଷଷ୍ଠ (ବିଏସ୍ -ଷଷ୍ଠ ) ନିର୍ଗମନ ମାନଦଣ୍ଡକୁ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଇଥିଲା । ଏହା ସହିତ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା ପାଇଁ ଆମର ସବୁଜ କର ବ୍ୟବସ୍ଥା (ଗ୍ରୀନଟେକ୍ସୋନମି)ର ବିକାଶ ଏପରି ପଦକ୍ଷେପ ଯାହା କି ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ପଦକ୍ଷେପଗୁଡ଼ିକ ଏହା ମଧ୍ୟ ଦର୍ଶାଏ ଯେ ପରିବେଶଗତ ପ୍ରଶାସନ କିପରି ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ଆର୍ଥିକ ନବସୃଜନକୁ ପ୍ରୋତ୍ସାହିତ କରିପାରେ । ପରିବେଶ ଅନୁକୂଳ ଏବଂ ଗୁଣାତ୍ମକ ମଜଭୁତ ଉତ୍ପାଦର ଉତ୍ପାଦନ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ଇ (ପି) ଆଇନ, ୧୯୮୬ ଅନ୍ତର୍ଗତ ଇକୋମାର୍କ ନିୟମ, ୨୦୨୪ର ବିଜ୍ଞପ୍ତି ପ୍ରକାଶ କରିଛି । ଏଥିରେ ଉତ୍ପାଦନ ଏବଂ ଉପଯୋଗର ମଜଭୁତ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ୮୦ଟି ଉପ-ବର୍ଗ ଉତ୍ପାଦ ସହିତ ୧୭ ଟି ବ୍ୟାପକ ବର୍ଗକୁ ସାମିଲ କରାଯାଇଛି ଏବଂ ସିପିସିବିକୁ ପ୍ରମୁଖ ପ୍ରାଶାସନିକ ସଂସ୍ଥା ଭାବରେ ନାମିତ କରାଯାଇଛି । ୨୦୧୮ରେ ପରିବେଶର ଆରମ୍ଭ ହେବାଠୁ ଆରମ୍ଭ କରି ୨୦୨୪ରେ ପରିବେଶ ୨.୦' ପର୍ଯ୍ୟନ୍ତ ଏହାର ବିକାଶ, ପରିବେଶ ସଂପର୍କିତ ପରିଚାଳନା ଏବଂ ତଦାରଖ ପ୍ରକ୍ରିୟାରେ ନିରନ୍ତର ପ୍ରଯୁକ୍ତିବିଦ୍ୟା ଏବଂ ଗୁଣାତ୍ମକ ଉନ୍ନତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ପରିବେଶ ୨.୦' ରେ ଜିଆଇଏସ୍ ସମେତ ଉନ୍ନତ ପରିବେଶଗତ ମୂଲ୍ୟାଙ୍କନ ବୈଶିଷ୍ଟ୍ୟର ଏକ ଆଧୁନିକ ନିଷ୍ପତ୍ତି ନେବା, ସମର୍ଥନ ପ୍ରଣାଳୀ ଅନ୍ତର୍ଭୁକ୍ତ । ଜାତୀୟ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମରେ ପରିବେଶଗତ ମଞ୍ଜୁରୀଗୁଡ଼ିକୁ ଏକୀକୃତ କରିବା ଦ୍ୱାରା ବ୍ୟବସାୟିକ ଅନୁମୋଦନ ପାଇଁ ଏକ "ୱାନ-ଷ୍ଟପ୍ ଡିଜିଟାଲ୍ ପ୍ଲାଟଫର୍ମ ସୃଷ୍ଟି ହୋଇଛି । ଏହା ବିଶ୍ୱ ବ୍ୟାଙ୍କର ସହଜ ବ୍ୟବସାୟ ତାଲିକାରେ ଭାରତର ସ୍ଥାନରେ ନାଟକୀୟ ଉନ୍ନତି ଆଣିଛି । ଭାରତ ୨୦୧୪ରେ ଏହି ରାଙ୍କିଙ୍ଗରେ ୧୪୨ତମ ସ୍ଥାନରେ ଥିବା ବେଳେ ୨୦୨୦ରେ ୬୩ତମ ସ୍ଥାନକୁ ଡେଇଁଛି । ୨୦୧୪-୨୦୨୦ ମଧ୍ୟରେ ଆମେ ୨,୨୧୫ଟି ଆବେଦନ ମଧ୍ୟରୁ ପ୍ରାୟ ୨,୦୫୩ ଟି ପ୍ରକଳ୍ପକୁ ପରିବେଶଗତ ମଞ୍ଜୁରୀ ପ୍ରଦାନ କରିଛୁ । ଏହା ଆବେଦନ ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବାର ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି । ଶିଳ୍ପସଂସ୍ଥାଗୁଡ଼ିକରୁ ବର୍ଜ୍ୟବସ୍ତୁ ନିର୍ଗମନକୁ ହ୍ରାସ କରିବା ପାଇଁ ସର୍ବୋତ୍ତମ ପଦ୍ଧତି ଗ୍ରହଣ କରିବା ଲାଗି ଉତ୍ସାହିତ କରିବାକୁ ଏବଂ ନିୟମ ମାନିବାର ବୋଝକୁ ହ୍ରାସ କରିବା ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକର ବର୍ଗୀକରଣର ଏକ ନୂତନ ପଦ୍ଧତି ପ୍ରଚଳନ କରାଯାଇଛି । ଏହି ବୈଜ୍ଞାନିକ ପଦ୍ଧତି ଅନୁଯାୟୀ, ବିଭିନ୍ନ କାର୍ଯ୍ୟକଳାପକୁ ଲାଲ, କମଳା, ସବୁଜ, ଧଳା ଏବଂ ନୀଳ ବର୍ଗରେ ବର୍ଗୀକୃତ କରାଯାଇଛି । ନୀଳ ରଙ୍ଗର ନୂଆ ବର୍ଗର ଶିଳ୍ପରେ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ସାର ଉତ୍ପାଦନ ୟୁନିଟ୍, ବାୟୋଗ୍ୟାସ୍ ପ୍ଲାଣ୍ଟଗୁଡ଼ିକ ସାମଗ୍ରୀ ପୁନରୁଦ୍ଧାର ସୁବିଧା ଭଳି ସକାରାତ୍ମକ ପରିବେଶ ଅନୁକୂଳ ପଦକ୍ଷେପ ରହିଛି । ଆମେ ଆଗକୁ ବଢ଼ିବା ସହିତ ଆମର ପରିବେଶ ସହିତ ଜଡ଼ିତ ଆମର ପ୍ରଶାସନ ଢାଞ୍ଚା ବିକଶିତ ହେଉଛି । ଏଥିରେ ରହିଛି ଉନ୍ନତ ଏଆଇ କ୍ଷମତା, ଉନ୍ନତ ଜନଭାଗିଦାରୀ ପ୍ରଶାସନ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ପରିବେଶ ପରିଚାଳନା ବ୍ୟବସ୍ଥା । ଉନ୍ନତ ଡିଜିଟାଲ ନିରୀକ୍ଷଣ ବ୍ୟବସ୍ଥା ଓ ଇଏସଜି ରିପୋର୍ଟିଂର ଠୋସ୍ ବ୍ୟବସ୍ଥା ସମେତ ୨୦୨୫ ମସିହାରେ ହୋଇଥିବା ସାମ୍ପ୍ରତିକ ବିକାଶ ପ୍ରଦର୍ଶିତ କରୁଛି ଅତ୍ୟାଧୁନିକ ରହିବା ନେଇ ପ୍ରତିଶ୍ରୁତିବଦ୍ଧତା । ନାଲି ଫିତା ଶାସନରୁ ଆରମ୍ଭ କରି ସବୁଜ ସୃଜନଶୀଳ ପର୍ଯ୍ୟନ୍ତ ଏକ ଦଶନ୍ଧିର ଏହି ଯାତ୍ରା ଦର୍ଶାଉଛି ଯେ, ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ବହୁତ କିଛି ହାସଲ କରିପାରିବ । ପରିବେଶ ସଂରକ୍ଷଣ ଓ ଆର୍ଥିକ ବିକାଶ ମଧ୍ୟରେ ସନ୍ତୁଳନ ରଖିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଶାସନର ଏପରି ଏକ ମଡେଲ ପ୍ରସ୍ତୁତ କରିଛି ଯାହାକି ଏକା ସାଙ୍ଗରେ ଅନେକ ଲକ୍ଷ୍ୟପୂରଣ କରୁଛି ।

ଏବେ ଯେତେବେଳେ ଆମେ ବିକଶିତ ଭାରତ@ ,୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଅଗ୍ରସର ହେଉଛୁ, ଏକ ଦଶକରୁ ଅଧିକ ସମୟରେ ଲାଗୁ କରାଯାଇଥିବା ପରିବେଶ ସଂପର୍କିତ ପ୍ରାଶାସନିକ ଢାଞ୍ଚା ସ୍ଥାୟୀ ବିକାଶ ପ୍ରତି ଦୃଢ଼ ମୂଳଦୁଆ ପ୍ରଦାନ କରୁଛି ।

## ରାସ୍ତା ସୁବିଧା ନଥିବାରୁ ଶବକୁ ଦେଢ଼ କିମି କାନ୍ଧରେ ବୋହିଲେ ଗ୍ରାମବାସୀ



ପାରଳାଖେମୁଣ୍ଡି, (ସବ୍ୟ): ଗଜପତି ଜିଲ୍ଲାରେ ସାପ କାମୁଡ଼ାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁ ପରେ ଛାତ୍ରଙ୍କ ଶବକୁ ରାସ୍ତା ନଥିବା ଯୋଗୁଁ ଦେଢ଼ କିମି କାନ୍ଧରେ ବୋହି ଗ୍ରାମକୁ ନେବାକୁ ପଡିଥିଲା ବୋଲି ସମ୍ପୃକ୍ତ ଗ୍ରାମବାସୀ ଜଣାଇଛନ୍ତି । ଘଟଣାରୁ ପ୍ରକାଶ, ଏହି ଜିଲ୍ଲାର ରାୟଗଡ଼ ବ୍ଲକ ଲାଇଲାଇ ପଞ୍ଚାୟତ ସାନଲୋବା ଗ୍ରାମରେ ସାପ କାମୁଡ଼ାରେ ଜଣେ ଛାତ୍ରର ମୃତ୍ୟୁ ଘଟିଛି । ମୃତ ଛାତ୍ରଙ୍କ ନାମ ଗଣେଶ ପ୍ରଧାନ (୨୧) । ସେ ବ୍ରହ୍ମପୁର ସ୍ଥିତ ଖଲିକୋଟ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର । ସେ ନିଜ ଗ୍ରାମ ସାନଲୋବାରେ ମଙ୍ଗଳବାର ରାତିରେ ଘରେ ଶୋଇଥିଲେ । ମଧ୍ୟରାତ୍ରିରେ କୌଣସି ଏକ ବିଷାକ୍ତ ସର୍ପ ତାଙ୍କ ହାତକୁ ଦଂଶନ କରିଥିଲା ।

ଯନ୍ତ୍ରଣାରେ ଛଟପଟ ହେବାରୁ ପରିବାର ଲୋକେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣା ସମ୍ପର୍କରେ ରାୟଗଡ଼ ଥାନା ପୁଲିସ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଏନେଇ ରାୟଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡ଼ିଛି । ତେବେ ଗଣେଶଙ୍କ ଶବକୁ ଆଣିବା ପାଇଁ ପରିବାର ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ତାଙ୍କ ଗ୍ରାମକୁ ଭଲରାସ୍ତା ନଥିବାରୁ ଲାଇଲାଇ ମୁଖ୍ୟରାସ୍ତାର ସାନଲୋବା ଛକ ଠାରୁ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ଶବକୁ କାନ୍ଧରେ ବୋହି ପାଦଚଲା ରାସ୍ତାରେ ଆଣିଥିଲେ ।

ଏଭଳି ଘଟଣା ଏଠାରେ ନିତିଦିନିଆ ହୋଇଥିବା ବେଳେ ଏହି ସମସ୍ୟାର ସମାଧାନ ଦିଗରେ କେହି ମଧ୍ୟ ଦୃଷ୍ଟି ଦେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବର୍ଷା ଋତୁରେ ଏହି ଗ୍ରାମବାସୀ ଯିବା ଆସିବା ମଧ୍ୟ କରିପାରୁ ନାହାନ୍ତି । ସ୍କୁଲ କଲେଜ, ସ୍ୱାସ୍ଥ୍ୟସେବା, ବ୍ୟବସାୟ ସରକାରୀ କାର୍ଯ୍ୟ ଆଦିରେ କେବଳ ପାଦଚଲାରେ ଯିବା ଆସିବା କରିବାକୁ ପଡୁଛି । ସରକାର ଏନେଇ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ସୁନାବେଶ ଦେଖିବାକୁ ପ୍ରବଳ ଭିଡ଼

ବାରିପଦା, (ସବ୍ୟ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ରୂପେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜିଉଙ୍କ ବାହୁଡ଼ାଯାତ୍ରା ରବିବାର ଓ ସୋମବାର ଦୁଇଦିନ ଧରି ଅନୁଷ୍ଠିତ ହେବ, ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶନିବାର ମାଉସୀମା ମନ୍ଦିରରେ ତିନିଠାକୁରଙ୍କୁ ସୁନାବେଶ କରାଯାଇଥିଲା। ମହାପ୍ରଭୁଙ୍କୁ ସୁନାବେଶରେ ଦର୍ଶନ କରିବା ପାଇଁ ଦିନତମାମ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡ ଲାଗି ରହିଥିଲା। ଆଜି ସକାଳେ ଶ୍ରୀଜିଉଙ୍କ ମହାସ୍ନାନ ପରେ ଅବକାଶ ନୀତି ଆରମ୍ଭ ହୋଇଥିଲା, ପରେ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସମ୍ପୂର୍ଣ୍ଣ ହୋଇଥିଲା। ମଙ୍ଗଳାଚରଣ ଆରତୀ ପରେ ପରେ ମାଉସୀମାଙ୍କ ସୁନାଥାଳିରେ ପାଣିଆ ଖେଚୁଡ଼ି ଭୋଗ ଲାଗିଥିଲା। ପରେ ପରେ ତିନିଠାକୁର ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର ସୁସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ସୁନାବେଶ ଦର୍ଶନ ସମୟରେ ଭକ୍ତ ମାନଙ୍କୁ ପରମ୍ପରା ଅନୁଯାୟୀ ପାଣିଆ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥିଲା। ପ୍ରସାଦ ପାଇବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଥିଲା। ପରେ ପରେ ସାହାଣ ମେଳା



ପରିଚ୍ଛାଙ୍କ ଦ୍ୱାରା କନକଲାଗି ସେବା ଓ ଦର୍ଶନ ସମ୍ପୂର୍ଣ୍ଣ ହୋଇଥିଲା। ଶେଷରେ ଠାକୁର ମାନଙ୍କ ବେଶ ଖୋଲାଯିବା ପରେ ଅଁଳା ଭେଟି ଲାଗି କରାଯିବା ଓ ସଙ୍ଗେ ସଙ୍ଗେ ଚକାଛଡା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଚଳିତ ରୀତିନୀତି ଅନୁସାରେ ତିନିଠାକୁରଙ୍କୁ ମାଉସୀମା ମନ୍ଦିରର ଦକ୍ଷିଣଦ୍ୱାର ବାଟଦେଇ ଫୁଲ, ତୁଳସୀ ଓ ସୁସଜ୍ଜିତ ଟାହିଆ ପରିଧାନ କରାଯାଇ ଶଙ୍ଖ, ଘଣ୍ଟା, କାହାଳି ଓ ବାଦ୍ୟର ତାଳେ ତାଳେ ପହଣ୍ଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

ଗୋଟି ପହଣ୍ଡି ପରେ ପ୍ରଥମେ ବଳଭଦ୍ର ପରେ ଶୁଭଦ୍ରା ଓ ସୁଦର୍ଶନ, ଶେଷରେ ମହାପ୍ରଭୁ ଜଗନ୍ନାଥ ବିଭିଷଣ ଦର୍ଶନପୂଜା ପୂର୍ବକ ଗୋଟି ପହଣ୍ଡି ହୋଇ ରଥାରୂଢ଼ ହୋଇଥିଲେ। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ରୂପା ବେଶରେ ରଥ ଉପରେ ମହାପ୍ରଭୁ ଦର୍ଶନ ଦେଇଥିଲେ। ରବିବାର ଠାରୁ ଶ୍ରୀଜିଉଙ୍କ ପ୍ରସିଦ୍ଧ ଦୁଇଦିନିଆ ବାହୁଡ଼ାଯାତ୍ରା ଆରମ୍ଭ ହେବ। ରବିବାର ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା ହୋଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆସିବ ଓ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥ ମହିଳା ମାନଙ୍କ ଦ୍ୱାରା ଟଣାହୋଇ ଟାଉନ ଥାନା ପର୍ଯ୍ୟନ୍ତ ଅଧାବାଟ ଟଣାଯାଇ ଦ୍ୱିତୀୟଦିନ ଅଧାବାଟରୁ ଶୁଭଦ୍ରା ରଥକୁ ଟଣାଯିବା ଶେଷରେ ବଳଭଦ୍ରଙ୍କ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିରରେ ପହଞ୍ଚାଯିବା ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ବଳଭଦ୍ରଙ୍କ ରଥ ପହଞ୍ଚିବା ପରେ ରଥରୁ ସ୍ୱତନ୍ତ୍ର ଗୁଡଲଡୁ ଭକ୍ତ ମାନଙ୍କ ଉଦ୍ଦେଶ୍ୟରେ ଫିଙ୍ଗାଯିବ ।

## ଜୁଆ ଆଡ୍ଡାରେ ଚଢ଼ାଉ
## ୭ ଜୁଆଡ଼ି ଗିରଫ

ପାରଳାଖେମୁଣ୍ଡି, (ସବ୍ୟ): ଗଜପତି ଜିଲ୍ଲା ପୋଲିସର ଅତର୍କିତ ଚଢ଼ାଉରେ ୭ ଜଣ ଜୁଆଡ଼ି ଗିରଫ ହୋଇଥିବା ବେଳେ ୩ ଲକ୍ଷ ୬୯ହଜାର ଟଙ୍କା ଜବତ ହୋଇଛି । ଏଥିସହ ୩୦ଟି ବାଇକ୍ ଜବତ୍ ହୋଇଛି । ପ୍ରକାଶଯେ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅତର୍କିତ ଭାବେ କୁର୍ଲଣ୍ଡା ଗ୍ରାମ ନିକଟସ୍ଥ ଏକ କାଜୁ ତୋଟାରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଅତର୍କିତ ଚଢଉ କରିଥିଲା । ଚଢଉ ବେଳେ ପୋଲିସ ଆସୁଥିବା ଦେଖି ବହୁ ଜୁଆଡି ଦୌଡି ପଳାଇଥିବା ବେଳେ ୭ ଜଣ ଧରା ପଡ଼ିଥିଲେ । ଜୁଆ ଆଡ୍ଡାରୁ ୩ଲକ୍ଷ ୬୯ ହଜାର ୨ଶହ ନଗଦ ଟଙ୍କା ଓ ଘଟଣା ସ୍ଥଳରୁ ୩୦ ବାଇକକୁ ଜବତ କରାଯାଇଛି । ୩୦ ବାଇକ ମାଲିକଙ୍କ ନାମ ଠିକଣା ବାହାର କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଠାରେ ସୂଚନାଯୋଗ୍ୟଯେ, ଗୋଷାଣୀ ବ୍ଲକର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବର୍ଷସାରା ଜୁଆ ଖେଳ ଚାଲୁ ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ଜୁଆ ଖେଳରେ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏବଂ ପଡୋଶୀ ଅନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରୁ ଜୁଆଡ଼ିମାନେ ଆସିଥାନ୍ତି । ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କାର ଜୁଆ ଖେଳ ଏଠାରେ ଚାଲିଥାଏ । କେତେକ ସ୍ୱାର୍ଥନେସୀ ସରକାରୀ ଅଧିକାରୀ, ଦଲାଲ ଓ ରାଜନୈତିକ ଟାଉଟରଙ୍କ ସହାୟତାରେ କିଛି ଜଣ ବ୍ୟକ୍ତି ଏହି ଜୁଆ ଖେଳ ଜାରି ରଖିଛନ୍ତି । ପ୍ରତ୍ୟେକ ଦିନ ଏହି ଜୁଆ ଖେଳରୁ ଲକ୍ଷଲକ୍ଷ ଟଙ୍କା ଆଦାୟ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି ।

## ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟ) : ପ୍ରତିବର୍ଷଭଳି ଏବର୍ଷ ମଧ୍ୟ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଶ୍ରୀଜୀଉମାନଙ୍କ ଆଡପ ମଣ୍ଡପରେ ବିଭିନ୍ନ ବେଶ ଅବସରରେ ଜୁନ୍ ୩୦ତାରିଖ ଠାରୁ ଜୁଲାଇ ୪ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ମାନବ ଧର୍ମ ସମ୍ପର୍କିତ ଏକ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ ରାଧାମୋହନ ମନ୍ଦିର (ମାଉସୀ ମାଆ) ପ୍ରାଙ୍ଗଣରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଓଡିଶାର ଖ୍ୟାତନାମା ପ୍ରବଚକ ମାନସ କେଳି କଲ୍ଲୋଳ ହୃଦାନନ୍ଦ ସାହୁ ଓ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ପ୍ରବଚନ ପ୍ରଦାନ କରିଥିଲେ ।



ଶ୍ରୀ ସାହୁ ରାମ ଚରିତ ମାନସରେ ଉତ୍ତରା କାଣ୍ଡର କାକ ଭୁଷଣ୍ଡି ଓ ଗରୁଡ ସମ୍ବାଦ ଉପରେ ଏକ ତାତ୍ତ୍ୱିକ ପ୍ରବଚନ ପ୍ରଦାନ କରିଥିବାବେଳେ ଶ୍ରୀ ପଣ୍ଡା ସ୍କନ୍ଦ ପୁରାଣ ଅନ୍ତର୍ଗତ ଦାରୁ ବିଗ୍ରହଙ୍କ ମାନୁଷୀଲୀଳା ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ଶ୍ରୋତା ମାନଙ୍କ ଭିତରେ ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଏକ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ । ଏବର୍ଷ ମଧ୍ୟ ଉଦ୍‌ଯାପନୀ ସମାରୋହରେ ଶ୍ରୀଜୀଉମାନଙ୍କର ଶ୍ରୀଅଙ୍ଗଲାଗି ସେବକ ଅମ୍ରିତ କୁମାର ମିଶ୍ର, ପ୍ରଦୀପ କୁମାର ପଣ୍ଡା, ଦେବକାନ୍ତ ପଣ୍ଡା, ଦେବାଶିଷ ପଣ୍ଡା, ସୁନୀଲ କୁମାର ପଣ୍ଡା, କାମେଶ୍ୱର ତ୍ରିପାଠୀ ଓ ସୁଦୀପ କୁମାର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପମାଲ୍ୟ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଭଜନ ପରିବେଷଣ କରୁଥିବା ଗାୟକଶେଖର ଉମେଶ ଚନ୍ଦ୍ର ବାରିକ ଓ ଗାୟକ ଶ୍ରୀହରି ଦତ୍ତ ତଥା ତବଲା ବାଦକ ତୋଫାନ ସିଂ, ଗୋବର୍ଦ୍ଧନ ସିଂ ଏବଂ ପାଳିଆ ଭବାନୀ ଶଙ୍କର ମହାନ୍ତି ଓ ସୂରଜ ଜେନାଙ୍କୁ ମଧ୍ୟ ଅଙ୍ଗବସ୍ତ୍ର ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପ୍ରବାଚକ ସାହୁଙ୍କୁ ମଧ୍ୟ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଭକ୍ତ ସମାଜ ତରଫରୁ ଭାଗବତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶହ ଶହ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପ୍ରବଚନ ଶ୍ରବଣ କରି ସନ୍ତୋଷ ପ୍ରକଟ କରିଥିଲେ ।

## ନାବାଳିକା ଅପହରଣ ଓ ନରକଙ୍କାଳ ଉଦ୍ଧାର ଘଟଣା : ୨ ଗିରଫ

ଭଞ୍ଜନଗର, (ସବ୍ୟ): ଭଞ୍ଜନଗର ଥାନା ଅଞ୍ଚଳରୁ ନାବାଳିକାକୁ ଅପହରଣ ଏବଂ କନ୍ଧମାଳ ଜିଲ୍ଲାର ଚକାପାଦ ଥାନା ଅନ୍ତର୍ଗତ ଗସମା ଜଙ୍ଗଲରୁ ନରକଙ୍କାଳ ଜବତ ଘଟଣାରେ ପୋଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ତଥା ତଦନ୍ତକାରୀ ଜୀବନଦାନ ଜେନା ସୂଚନା ଦେଇଛନ୍ତି । ନିଜ ନାବାଳିକା ଝିଅ ଅପହୃତ ହେବାର ପ୍ରାୟ ମାସକ ପରେ ଅର୍ଥାତ ଗତ ୨୯ ତାରିଖରେ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ ବାପା ଜଗନ୍ନାଥ ମଳିକ । ଅଭିଯୋଗ ପାଇବା ପରେ ଗଞ୍ଜାମ ସୀମାନ୍ତ କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ଗସମା ଜଙ୍ଗଲରେ ନରକଙ୍କାଳ ପଡ଼ିଥିବା ନେଇ ତଦନ୍ତ ଆରମ୍ଭ ହୋଇଥିଲା । ଅନ୍ୟପକ୍ଷରେ ଅପହୃତ ନାବାଳିକାର ବାପା ଉକ୍ତ ଜଙ୍ଗଲରେ ପଡ଼ିଥିବା କିଛି ପୋଷାକ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁମାନ କରି ସଂପୃକ୍ତ ଅପହରଣକାରୀ ଏବଂ ତାର ପରିବାରର ସହଯୋଗୀ ମାନେ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ଆଣିଥିଲେ । ପରବର୍ତ୍ତୀ ସମୟରେ ଅପହରଣକାରୀ ତଥା ତାରାସିଙ୍ଗି ଥାନା ଅନ୍ତର୍ଗତ ଡିମିରିଝୋଲି ଗାଁ ର ଲାଲକ୍ ମଲ୍ଲିକ୍ ନାମକ ଜଣେ ଯୁବକ ଏବଂ ତାର ଭିଣୋଇ ଚକାପାଦ ଥାନା ଅନ୍ତର୍ଗତ ନିଧିଆବେଣା ଗ୍ରାମର ଶିବଶଙ୍କର ମଲ୍ଲିକକୁ ଗିରଫ କରିଛି ପୋଲିସ । ଏହା ସହ ଏଫଏମଟିକୁ ପଠାଯାଇଥିବା ରିପୋର୍ଟ ଏବଂ ତଦନ୍ତ ଆଧାରରେ ଯଦି ହତ୍ୟା ପ୍ରମାଣିତ ହୁଏ ପୁଣିଥରେ ପୋଲିସ ତାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନାଧିକାରୀଙ୍କ ଠାରୁ ଜଣାପଡିଛି । ଏହି ଘଟଣାକୁ ନେଇ ଅପହୃତ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି ।

# ତାଳଚେର ଡାକ୍ତରଖାନା: ରୋଗୀ ଖୋଜୁଛନ୍ତି ଡାକ୍ତରଙ୍କୁ

ତାଳଚେର, (ସବ୍ୟୁ) : ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ଏକମାତ୍ର ନିର୍ଭର ଯୋଗ୍ୟ ବହୁପୁରାତନ ମଣ୍ଡପାଳ ସରକାରୀ ଡାକ୍ତରଖାନା ପୂର୍ବରୁ ତାଳଚେର ସମେତ ଏହାର ଆଖାପାଖ ଅଂଚଳ ରୋଗୀମାନେ ନିର୍ଭର କରି ଆସୁଥିଲେ । ମାତ୍ର ଏବେ ଡାକ୍ତରଖାନାରେ ଡାକ୍ତର ସହିତ ଆନୁସାଙ୍ଗିକ ଭିତିଭୂମି ଅଭାବରୁ ଏଠାରୁ ରୋଗୀମାନେ ମୁହଁ ଫେରାଉ ନଥିବା ଘଟଣା କିପରି କେଜାଣି ସ୍ଥାନୀୟ ନେତୃତ୍ୱ ପ୍ରତି ଧିକ୍କାର କରୁନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ? ଦୈନିକ ୨ଶହରୁ ୪ଶହ ରୋଗୀ ପ୍ରତ୍ୟେକ ଦିନ ଏହି ଡାକ୍ତରଖାନାରେ ଚିକିତ୍ସା ହେବାକୁ ଆସିଥାନ୍ତି, କିନ୍ତୁ କାର୍ଯ୍ୟରତ ଡାକ୍ତରମାନେ ରେଫର୍ ରେଫର୍‌ରେ ନିଜର ଦାୟିତ୍ୱ ତୁଲାଇ ଚୁପଚାପ ବସୁପଡୁଥିବା ଅଭିଯୋଗ ହେଉଛି ଓ ରୋଗୀମାନେ ଡାକ୍ତରଙ୍କୁ ଖୋଜିଲେ ମଧ୍ୟ ଡାକ୍ତରଙ୍କ ଦେଖା ପାଇନଥାନ୍ତି । ସରକାର ବଦଳିଲା, ନୂତନ ସରକାରଙ୍କୁ ଏକବର୍ଷ ପୂର୍ତି ଉପଲକ୍ଷେ ଲୋକମାନଙ୍କୁ ଜନପ୍ରତିନିଧି ମାନେ ବିଭିନ୍ନ କାର୍ଯ୍ୟକ୍ରମ କରି ବାହାବାହା ନେଉଥିବା ବେଳେ ତାଳଚେର ଡାକ୍ତରଖାନା ପ୍ରତି ଏଭଳି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ଏହାକୁ ଅଂଚଳବାସୀ ତୀବ୍ର ନିନ୍ଦା କରିବା ସହିତ ଏଠିକାର ପ୍ରଶାସନ ଓ ରାଜନେତା ଉପରୁ ଭରଷା ତୁଟେଇ ଦେଲେଣି । ବର୍ଷାଦିନ ଆଗମନରେ ବର୍ତମାନ ହଇଜା, ଝାଡ଼ା, ବାନ୍ତି, ଜ୍ୱରରେ ଲୋକେ ଆକ୍ରାନ୍ତ ହେଉଥିବା ବେଳେ ସେମାନେ ଉକ୍ତ ଡାକ୍ତରଖାନାକୁ ଗଲେ ଡାକ୍ତର ଚିକତ୍ସା କରିବା ପରିବର୍ତେ ବିଭିନ୍ନ ଚିକିତ୍ସାଳୟକୁ ପଠାଇ ଦେଇଥାନ୍ତି । ଏପରିକି, ଏଠାରେ ଲକ୍ଷଲକ୍ଷ ଟଙ୍କା ବିନିମୟରେ ରୋଗୀଙ୍କ ଉନ୍ନତସେବା ଓ ୨୪ଘଂଟା ଅକ୍ସିଜେନ୍ ଭଣ୍ଡାର ନିର୍ମାଣ କରାଯାଇଥିଲେ ମଧ୍ୟ ଏହା କୌଣସି କାରଣରୁ ପାଇପ୍ ଫାଟି ଯାଇଥିବାରୁ ରୋଗୀମାନଙ୍କୁ ଅକ୍ସିଜେନ୍ ଦେବା ସମ୍ଭବପର ହଉନାହିଁ ବୋଲି କୁହାଯାଇଥାଏ ।

ଏହି ଡାକ୍ତରଖାନାରେ ପୂର୍ବରୁ ୧୭ରୁ ୧୮ଜଣ ଅଭିଜ୍ଞ ଡାକ୍ତର କାର୍ଯ୍ୟକରୁଥିଲେ, ମାତ୍ର ୩ଦଶନ୍ଧି ହେବ ଏହି ଡାକ୍ତରଖାନାରେ ହାତଗଣତି ୫ରୁ ୭ଜଣ ଡାକ୍ତର କାର୍ଯ୍ୟ ତୁଲାଉଥିବା ବେଳେ ସେଥିରୁ କିଛି ଦୀର୍ଘଦିନ ଛୁଟିରେ ରହୁଥିବାରୁ ରୋଗୀସେବା କିପରି ହେଉଛି ଏଥିରୁ ସ୍ପଷ୍ଟବାରି ହୋଇପଡୁଛି । ଏଠାରେ କଳକାରଖାନା ବହୁଳ ମାତ୍ରାରେ ରହିଥିବାରୁ ରୋଗୀସଂଖ୍ୟା ଦିନକୁ ଦିନ ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଜଳବାୟୁ ପ୍ରଦୂଷଣ ଯୋଗୁଁ ହୃଘାତ, କିଡ଼ନୀଜନିତ, କର୍କଟ ରୋଗ, ଶ୍ୱାସ ଭଳି ବହୁ ମରାତ୍ମକ ରୋଗରେ ଏଠିକାର ଅଧିବାସୀମାନେ ଜର୍ଜରିତ ହୋଇ ବାହାର ରାଜ୍ୟର ଘରୋଇ ଚିକତ୍ସାଳୟରେ ଚିକତ୍ସିତ ହୋଇ ନିଜର ଭିଟାମାଟି ବିକ୍ରିକରି ତଳିତଳାନ୍ତ ହେଉଥିବା ବେଳେ ଉକ୍ତ ପୁରାତନ ଡାକ୍ତରଖାନାଟିକୁ କାହିଁକି ଡାକ୍ତର ଓ ଆନୁସାଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଉ ନାହିଁ ତାକୁ ନେଇ ବିଭିନ୍ନ କଳ୍ପନା ଜଳ୍ପନା ବୃଦ୍ଧି ପାଇବାରେ ଲାଗିଛି । କୋଟି କୋଟି ଟଙ୍କା ବିନିମୟରେ ଏହି ଡାକ୍ତରଖାନା ପରିସର ମଧ୍ୟରେ ରୋଗୀଙ୍କ ପାଇଁ ବିରାଟ ବିରାଟ ଅଟ୍ଟାଳିକା ନିର୍ମାଣ କରାଯାଇଥିଲେ ମଧ୍ୟ ଏଗୁଡ଼ିକ କାର୍ଯ୍ୟରେ ଲାଗୁନଥିବାରୁ କେଉଁଠାରେ ଗାଈ ଗୁହାଳ ତ ଆଉ କେଉଁଠାରେ ଏହା ଭାଙ୍ଗିରୁଜି ଚୁରମାର ହେବାକୁ ବସିଲାଣି । ତାଳଚେର ଟ୍ରକମାଲିକ ସଂଘ ପକ୍ଷରୁ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ରୋଗୀଙ୍କ ସେବା ନିମନ୍ତେ ଲକ୍ଷଲକ୍ଷ ଟଙ୍କା ବିନିଯୋଗ ଏକ ଅଟ୍ଟାଳିକା ନିର୍ମାଣ ହୋଇଛି ମାତ୍ର ରୋଗୀସେବା ପାଇପାରୁନଥିବାରୁ ଏହି ଗୃହଟି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି । ତେଣୁ ତୁରନ୍ତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜିନ୍ଦଲ ନଗର: ଭକ୍ତିମୟ ପରିବେଶରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ଅନୁଗୁଳ, (ସବ୍ୟୁ): ଦେବଭୂମି ଜିନ୍ଦଲ ନଗରରେ ବାହୁଡ଼ା ଯାତ୍ରା ବେଶ ଆଧାତ୍ମିକ ଓ ଭକ୍ତି ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତୀ, ବଡ଼ଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନ ଗୁଣ୍ଡିଚା ମନ୍ଦିରରୁ ଦେବଭୂମି ସ୍ଥିତ ଶ୍ରୀ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ପ୍ରଥମ ସେବକ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ରରୁ ୩ଥର ନିର୍ବାଚିତ ହୋଇଥିବା ସାଂସଦ ନବୀନ ଜିନ୍ଦଲଙ୍କ ପତ୍ନୀ ଶ୍ରୀମତୀ ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ଛେରାପହଁରା ଓ ପହଣ୍ଡି ନୀତି ତୁଲାଇ ଥିଲେ । ଏହା ପୂର୍ବରୁ ବଡ଼ି ଭୋର ୫ଟା ସମୟରେ ମନ୍ଦିରର ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆରତୀ, ମଇଲମ, ତଡ଼ପ ଲାଗି, ଅବକାଶ ନୀତି ଏବଂ ଅନ୍ୟାନ୍ୟ ନୀତିକାନ୍ତି ମନ୍ଦିରର ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା ।

ବାହୁଡ଼ା ଯାତ୍ରା ଅବସରରେ ଜିନ୍ଦଲ ନଗର ବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମ ଗୁଡ଼ିକରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା ।



ଭକ୍ତମାନେ ଶ୍ରୀ ଜଗନ୍ନାଥ, ଭଉଣୀ ସୁଭଦ୍ରା ଏବଂ ବଡ ଭାଇ ବଳଭଦ୍ରଙ୍କ ରଥ ଗୁଡ଼ିକୁ ଉତ୍ସାହ ଉଦ୍ଦୀପନାର ସହ ଟାଣି ଥିଲେ । ଚତୁର୍ଦ୍ଧାମୂର୍ତ୍ତୀ ଆସନ୍ତା ତିନି ଦିନ ଯାଏ ରଥ ଉପରେ ରହିବେ । ରବିବାର, ସୋମବାର ଓ ମଙ୍ଗଳବାର ଯଥାକ୍ରମେ ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ । ଏହି ତିନି ଦିନ ଧରି ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ଓ ଆର୍ଶୀବାଦ ଲାଭ କରିପାରିବେ ।

## ଖୋଲିଲା ରେଙ୍ଗାଳି ଡ୍ୟାମ୍ ଗେଟ୍
# ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲାଯାଇ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି । ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଡ୍ୟାମ୍‌ର ଅଧିକ୍ଷଣଯନ୍ତ୍ରୀ ସୌମେନ୍ଦ୍ର ବେହେରାଙ୍କ ସୂଚନା ଅନୁସାରେ ରେଙ୍ଗାଳି ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩.୫୦ ଥିବାବେଳେ ଆଜି ଶନିବାର ଦିନ ୬ଟା ବେଳେ ଡ୍ୟାମ୍‌ର ଜଳସ୍ତର, ୧୨୧.୦୦ ମିଟରରେ ପହଁଚି ଥିଲା । ଫଳରେ ଦିନ ୬ଟା ୩୦ ମିନିଟ ବେଳେ ଡ୍ୟାମ୍ କର୍ତ୍ତୃପକ୍ଷ ସାତ ନମ୍ବର ଗେଟ୍‌କୁ ଖୋଲିଥିଲେ ।

ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୪୮୯.୯୭ ଘ.ମି ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ ଦେଇ. ୭୩୮. ୨୨ ଘ ମି ବନ୍ୟା ଜଳ ନିଷ୍କାଷିତ ହେଉଛି । ସନ୍ଧ୍ୟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୧. ରହିଛି। ଡ୍ୟାମ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ , ହୃଦାନନ୍ଦ ମଲ୍ଲିକ ସହକାରୀ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ଅଧିକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା, ଉପଖଣ୍ଡ ଅଧିକାରୀ ଶଙ୍କରାନନ୍ଦ ରଣା, ଯନ୍ତ୍ରୀ. ଲକ୍ଷ୍ମଣ ମୁର୍ମୁ, ଓ ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ ।

# ଦଣ୍ଡିରୀ ଗାଁରେ ଲାଗିଲା ପାମ୍ ଗଛ

ରାସୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଦଣ୍ଡିରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସନ୍ଦୀପ ପାଣିଗ୍ରାହୀ ଙ୍କ ଫାର୍ମ ରେ ପାମ୍‌ଗଛ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଲିଭ ରିସୋର୍ସ ପ୍ରାଇଭେଟ ଲିମିଟେଡ୍ ଓ ଉଦ୍ୟାନ କୃଷି ବିଭାଗ ମିଳିତ ଆନୁକୂଲ୍ୟରେ ଦଣ୍ଡିରୀ ଗ୍ରାମଠାରେ ଏହି ଚାରାରୋପଣ କରାଯିବ ବୋଲି ଜଣାଯାଇଛି । ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିବା ସହିତ ଗ୍ରାମାଞ୍ଚଳ ଅର୍ଥ ଅର୍ଥନୀତିକୁ ଏକ ନୂତନ ଦିଶା ପ୍ରଦାନ କରିବାରେ ସହାୟକ ହେବ ବୋଲି ଜଣାଯାଇଛ । ଆଗାମୀ ଦିନରେ ଏଠାରେ ଲିଭ୍ ପାମ୍ ଅଏଲ୍ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇ ତେଲ ଉତ୍ପାଦନ ହେବ ବୋଲି ଲିଭ୍ ପାମ୍ ରିସୋର୍ସ ସଂସ୍ଥାର ଅଧିକାରୀ ସୂଚନା ଦେଇଛନ୍ତି । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ହିନ୍ଦୋଳ ସହକାରୀ ଉଦ୍ୟାନ ଅଧିକାରୀ ସୁବ୍ରତ ମହାନ୍ତି ,ସସ୍ମିତା ସାହୁ, ବାବୁଲା ପରିଡା ,ତପନ ସାହୁ ଏବଂ ପାମ ତେଲ କ୍ଷେତ୍ର ଅଧିକାରୀ ସୁଜିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ବର୍ଷାରେ ହେଲା ବାହୁଡା ଯାତ୍ରା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ପ୍ରସିଦ୍ଧ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବାର ଜଣାପଡିଛି। ଝିପିଝିପି ବର୍ଷରେ ଭକ୍ତମାନେ ଦୁଇରଥକୁ ଟାଣିଟାଣି ରଥଗଡାରେ ପହଞ୍ଚାଇଥିବାର ଜଣାପଡିଛି। ବାହୁଡା ଯାତ୍ରା ଅବସରରେ ମାଉସୀ ମାଆଙ୍କ ମନ୍ଦିର ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସକାଳ ନୀତି ପାଳନ ହୋଇ ମହାପ୍ରଭୁଙ୍କର ମଙ୍ଗଳାର୍ପଣ ଓ ସେବା ପୂଜା ହୋଇ ଆରତ୍ରିକ ଇତ୍ୟାଦି ସେବା ପୂଜା ପରେ ଶ୍ରୀ ମହାପ୍ରଭୁଙ୍କ ଅଙ୍ଗଲାଗି ବସ୍ତ୍ର କରାଯାଇଥିଲା। ମୁଖ୍ୟ ମନ୍ଦିରରୁ ଚତୁର୍ଦ୍ଧା ମୂରତୀଙ୍କୁ ପହଣ୍ଡି ବିଜେ କରାଯାଇ ରଥଖଳାକୁ ଅଣାଯାଇଥିଲା। ସେଠାରେ ଦୁଇଟି ରଥରେ ପ୍ରଭୁଙ୍କୁ ରଥାରୁଢ କରାଯିବା ପରେ ମହାପ୍ରଭୁଙ୍କର ପୂଜା ଓ ରୀତିନୀତି କରିବା ପରେ ସାଢେ ବାରଟା ତିରିଶ ମିନିଟ ସମୟରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। । ପୂର୍ବର ବାହୁଡା ଯାତ୍ରାପାଇଁ ସମସ୍ତ ପ୍ରକାରର ନିତୀ ଦିର୍ଘଣ୍ଟ ହୋଇଥିବା ବେଳେ ଅପରାହ୍ଣ ୨ଟା ୪୭ ମିନିଟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବଡରଥ ସନ୍ଧ୍ୟା ୬ଟା ଏବଂ ସାନରଥ ୬ଟା ୪୦ ମିନିଟ ପର୍ଯ୍ୟନ୍ତ ରଥଗଡାରେ ପହଞ୍ଚିଥିଲା। ରଥଯାତ୍ରାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ସହିତ ପୋଲିସ ପ୍ରସାଶନ ଉପସ୍ଥିତ ରହିଥିଲେ। ରେଡକ୍ରସ ସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଯୋଗ ଦେଇଥିଲେ। ରଥଯାତ୍ରା ସମୟରେ ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ଟାଉନ ଥାନା ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀମାନେ ମୁତୟନ ରହିଥିଲେ ।

## ସମୁହ ଔଷଧ ସେବନ ନିମନ୍ତେ ଅଣ୍ଟା ଭିଡ଼ିଲା ପ୍ରଶାସନ
# ୯ଦିନ ବ୍ୟାପୀ ହେବ ଔଷଧ ସେବନ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ ଶନିବାର ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ସଦ୍‌ଭାବନା ସଭାଗୃହ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଫାଇଲେରିଆ ନିରାକରଣ ନିମନ୍ତେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନ, ପରଜଙ୍ଗ, ହିନ୍ଦୋଳ, ସଦର, କାମାକ୍ଷାନଗର ଏନ୍‌ଏସି, ହିନ୍ଦୋଳ ଏନ୍‌ଏସି ଓ ଢେଙ୍କାନାଳ ମୁନିସିପାଲିଟି ଆଦି ୭ଟି ଜାଗାରେ ପାଳନ ହେବ । ଲୋକମାନେ କିପରି ଭାବେ ଔଷଧ ସେବନ କରିବେ ଓ ଯାହାଦ୍ୱାରା ଫାଇଲେରିଆ ନିରାକରଣ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ଉପରେ ପ୍ରଚାର ଓ ପ୍ରସାର ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମାଞ୍ଚଳର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଏହା ସହିତ ଡେଙ୍ଗୁର ମୁକାବିଲା କରିବାପାଇଁ ଲୋକ ସଚେତନତା ସୃଷ୍ଟି କରିବା, ପାଣି ଜମି ରହିବାକୁ ଦେବାନାହିଁ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଠିକ୍ ଭାବେ ଘୋଡାଇ ରଖିବା ଯାହା ଫଳରେ ଡେଙ୍ଗୁ ମୁକାବିଲା କରିବାରେ ସଫଳ ହେବା । ଜିଲ୍ଲାପାଳ ଏହି ଦିଗରେ ସବୁ ବିଭାଗକୁ ସଚେତନ କରିବା ସହ ଏହା କିପରି ନବ୍ୟାପିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ କହିଥିଲେ । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ, ଏନ୍‌ଜିଓ ଙ୍କ ସହିତ ଡିଡିଏମ୍ ମିଶନ ଶକ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# କାମାକ୍ଷାନଗରରେ ବାହୁଡ଼ା ଯାତ୍ରା

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହ ଓ ଆଖପାଖରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସହରର ଅନନ୍ତପୁର ସ୍ଥିର ମାଉସୀ ମା ମନ୍ଦିରରେ ଆଡମ୍ବରରେ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ସମାପନ କରାଯାଇ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୂଜକ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ସକାଳ ଧୂପ ଠାରୁ ଆରମ୍ଭ କରି ସମସ୍ତ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ହୋଇଥିଲା । ଅପରାହ୍ନ ୩ଟା ସମୟରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା । ପରେ କାମାକ୍ଷାନଗରର ଗଜପତି ସୁବ୍ରତ ରଞ୍ଜନ ତ୍ରିପାଠୀ ଛେରାପହଁରା କରିଥିବା ବେଳେ ବର୍ଷା ପାଗ ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ରଥକୁ ଭିଡି ନେଇଥିଲେ ।

ସନ୍ଧ୍ୟା ୬ଟାରେ ରଥ ଜଗନ୍ନାଥ ବଜାର ସ୍ଥିତ ଜଗନ୍ନାଥ ମନ୍ଦିର ଛକ ନିକଟରେ ପହଞ୍ଚିଥିଲା । ସଞ୍ଜୟ କୁମାର ମିଶ୍ର, ଶ୍ରୁତିପଦ ନନ୍ଦ, ଶିଶିରକାନ୍ତ ପଣ୍ଡା, ପ୍ରିୟବ୍ରତ ପଣ୍ଡା, ହିମାଂଶୁ ମହାପାତ୍ର, ଅଜିତ ଦାଶ, ପ୍ରତ୍ୟୁଷ ମଶ୍ର, ବିଜୟ ଓଝା ପ୍ରମୁଖ ମହାପ୍ରଭୁଙ୍କ ସେବାକାର୍ଯ୍ୟରେ ନିୟୋଜିତ ରହିଥିଲେ । ସେହିପରି ଆଳତୁମା ଗ୍ରାମରେ ଥିବା ଦଧିବାମନ ଜୀଉଙ୍କ ମନ୍ଦିରରେ ମଧ୍ୟ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିରିଡାମାଳି, ବାଇସିଙ୍ଗା, ମହୁଲି, ବଡସୁଆଁଳ ପ୍ରଭୃତି ଗ୍ରାମରେ ବାହୁଡା ଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି । କାମାକ୍ଷାନଗର ଥାନା ଅଧିକାରୀ ଆଶିଷ ଜେନାଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

# ଏକ୍ସପାରୀ ମେଡ଼ିସିନ ବ୍ୟବହାର ନେଇ ହଣ୍ଡପା ମେଡ଼ିକାଲରେ ଉତ୍ତେଜନା, ଥାନାରେ ଅଭିଯୋଗ

ଠାକୁରଗଡ, (ସବ୍ୟୁ): କିଶୋରନଗର ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ଠାରେ ଏକ୍ସପାରୀ ମେଡ଼ିସିନ ବ୍ୟବହାର କୁ ନେଇ ଶନିବାର ଦିନ ଉତ୍ତେଜନା ଦେଖା ଦେଇଛି । ବିଶେଷ କରି ଏହି ମେଡ଼ିକାଲରେ ରୋଗୀ ମାନଙ୍କୁ ଦୁଇ ବର୍ଷ ତଳର ଏକ୍ସପ୍ୟାରୀ ମେଡ଼ିସିନ ଲଗାଇ ବ୍ୟାଣ୍ଡେଜ କରାଯାଉଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି। ଏନେଇ ଜଣାପଡିବା ପରେ ମେଡ଼ିକାଲରେ ଉତ୍ତେଜନା ଦେଖା ଦେଇଥିବାବେଳେ ସମସ୍ତ କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ପଳାଇଯାଇଥିବା ଯୋଗୁଁ ଅସନ୍ତୋଷ ଦେଖା ଦେଇଛି । ଏନେଇ ହଣ୍ଡପା ଗ୍ରାମର ଗୁଲଜାର ଖାଁ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ହଣ୍ଡପା ଗ୍ରାମରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ରୋଗୀଙ୍କ ଜୀବନ ସହ ମେଡ଼ିକାଲ କର୍ତ୍ତୃପକ୍ଷ ଖେଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ କହିଛନ୍ତି ଯେ ହଣ୍ଡପା ମେଡ଼ିକାଲରେ ଏବେ ସ୍ୱାସ୍ଥ୍ୟ ସେବା ରୋଗୀଙ୍କୁ ସଠିକ ସମୟରେ ଯୋଗାଇ ଦିଆ ଯାଉନାହିଁ ।

ଏହି ମେଡ଼ିକାଲରେ ରୋଗୀ ମାନଙ୍କୁ ମେଡ଼ିସିନ ଯୋଗାଇ ଦିଆଯାଉ ନାହିଁ । ବିଶେଷ କରି ବାହାର ଅଞ୍ଚଳରେ ଥିବା ଔଷଧ ଦୋକାନ ମେଡ଼ିସିନ କିଣିବା ପାଇଁ ମେଡ଼ିକାଲ କର୍ତ୍ତୁପକ୍ଷ କହୁଥିବାବେଳେ ପେଟିପେଟି ମେଡ଼ିସିନ ମେଡ଼ିକାଲରେ ଗଛିତ କରି ଏକ୍ସପ୍ୟାରୀ କରି ନଷ୍ଟ କରୁଛନ୍ତି । ସେହିପରି ଏକ୍ସପ୍ୟାରୀ ଔଷଧ ରୋଗୀଙ୍କ ଠାରେ ବ୍ୟବହାର କରାଯାଇ ବ୍ୟାଣ୍ଡେଜ କରାଯାଉଛି । ଶନିବାର ଦିନ ଗ୍ରାମର ଗୁଲଜାର ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିବା ବେଳେ ମେଡ଼ିକାଲକୁ ବ୍ୟାଣ୍ଡେଜ କରିବା ପାଇଁ ଆସିଥିଲେ। ହେଲେ ମେଡ଼ିକାଲ କର୍ମଚାରୀ ଜଣଙ୍କ ୨ ବର୍ଷ ତଳର ଔଷଧ ତାଙ୍କ ବ୍ୟାଣ୍ଡେଜରେ ବ୍ୟବହାର କରିଥିଲେ। ଏନେଇ ଗୁଲଜାର ଏକ୍ସପ୍ୟାରୀ ଔଷଧ ଲଗା ଯାଇଥିବା ଦେଖି ପ୍ରତିବାଦ କରିଥିଲେ। ଏହା ଲଗାଇଲେ କୌଣସି କ୍ଷତି ହେବ ନାହିଁ କହି ଉକ୍ତ ଏକ୍ସପ୍ୟାରୀ ଔଷଧ ଲଗାଇ ବ୍ୟାଣ୍ଡେଜ କରିଥିଲେ । ଏହାକୁ ନେଇ ଗୁଲ ଜାର କମ୍ପାଉଣ୍ଡର ଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ଉକ୍ତ ମେଡ଼ିସିନ ଜିଲ୍ଲା ମେଡ଼ିକାଲ ଯୋଗାଇ ଦେଉନାହାନ୍ତି ବୋଲି କମ୍ପାଉଣ୍ଡର କହିଥିଲେ। ପରେ ଏହାକୁ ନେଇ ମେଡ଼ିକାଲରେ ଉତ୍ତେଜନା ଦେଖା ଦେଇଥିଲା ।



ଅଞ୍ଚଳବାସୀ ମେଡ଼ିକାଲରେ ଥିବା ମେଡ଼ିସିନ ଗୁଡିକ ଯାଞ୍ଚ କରିବା ପାଇଁ ଆସିଥିବା ବେଳେ ମେଡ଼ିକାଲ କର୍ତ୍ତୁପକ୍ଷ ମେଡ଼ିକାଲରେ ତାଲା ପକାଇ ସମସ୍ତେ ପଳାଇ ଯାଇଥିଲେ। ଏହି ଘଟଣାକୁ ନେଇ ହଣ୍ଡପାରେ ଉତ୍ତେଜନା ଲାଗି ରହିଥିବା ବେଳେ ଗୁଲଜାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଘଟଣା ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ଅନୁଗୋଳ ସିଡିଏମଓ ଗୌରି ଶଙ୍କର ବଳ କୁହନ୍ତି ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।

# ବୃଦ୍ଧଙ୍କୁ ଠେଙ୍ଗାରେ ଆକ୍ରମଣ

ଠାକୁରଗଡ, (ସବ୍ୟୁ) : କିଶୋରନଗର ଥାନା ଜାମୁନାଳି ଗ୍ରାମର ହରି ବନ୍ଧୁ ସାହୁ (୬୩ ) ଜଣେ ବୃଦ୍ଧଙ୍କୁ ଏକ ଠେଙ୍ଗାରେ ସେହି ଗ୍ରାମର ରାଜେନ୍ଦ୍ର ସାହୁ ମାଡ଼ ମାରିଥିବା ହରିବନ୍ଧୁ ଗୁରୁବାର ଦିନ କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ନମ୍ବର ୧୮୩/ ୨୫ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ହରିବନ୍ଧୁ ତାଙ୍କର ଏକ ପୁରୁଣା ଚାଳ ଘର ବର୍ଷାରେ ଭାଙ୍ଗିଯାଇଛି ।

ଉକ୍ତ ଚାଳଘରୁ କାଠ ସାମଗ୍ରୀ ଗୁଡିକ ଆଣିବା ପାଇଁ ସେ ଯାଇଥିବା ବେଳେ ରାଜେନ୍ଦ୍ର ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ।

# ସାପ କାମୁଡାରେ ନାବାଳକ ମୃତ

ଠାକୁରଗଡ, (ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ଗତିକୃଷ୍ଣପୁର ଗ୍ରାମରେ ଶୁକ୍ରବାର ରାତିରେ ସାପ କାମୁଡାରେ ବଳରାମ ବାଘଙ୍କ ପୁଅ ରିତେଶ ବାଘ (୧୫ )ଙ୍କର ମୃତ ହୋଇଛି । ରିତେଶ ତାଙ୍କ ଘରେ ସୋଇଥିବା ବେଳେ ଏକ ବିଷ ଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା । ପରେ ତାଙ୍କୁ ତାଙ୍କ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଚିକିତ୍ସା ପାଇଁ କିଶୋରନଗର ମେଡ଼ିକାଲ ରେ ଭର୍ତ୍ତି କରିଥିଲେ । ପରେ ସେଠାରେ ତାଙ୍କର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ମୃତ ହୋଇଥିବା ରିତେଶଙ୍କ ପରିବାର ସୂତ୍ରରୁ ଜଣାପଡିଛି ।

# ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ପାଳିତ

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ବିଲେଇନାଳି , ବଡ ଗୋବିନ୍ଦପୁର , ଇଛାପୁର, ବଇଣ୍ଡା, ଗାଁ ବଇଣ୍ଡା, ଘୋଷାର, ବାଟିମୁଣ୍ଡା, ଉରୁକୁଳା, ସଂଜାମୁରା, ବାମୁର, ସରିଗିପାଲି , ଠାକୁରଗଡ ଥାନାର ପେଡିପଥର, କୁର୍ତିବାସପୁର, ଠାକୁରଗଡରେ ଶନିବାର ଦିନ ବାହୁଡା ଯାତ୍ରା ପାଳିତ ହୋଇଯାଇଛି ।

ସାରା ଦିନ ଝିପି ଝିପି ବର୍ଷା ଲାଗି ରହିଥିଲେ ମଧ୍ୟ ଭକ୍ତ ମାନେ ବର୍ଷାରେ ଭିଜି ପ୍ରଭୁଙ୍କ ରଥକୁ ମାଉସୀ ମା ମନ୍ଦିର ଠାରୁ ଟାଣି ଟାଣି ଶ୍ରୀ ମନ୍ଦିର ସମ୍ମୁଖକୁ ନେଇଥିଲେ। ପ୍ରଭୁ ତିନି ଠାକୁର ମା ମାଉସୀ ମନ୍ଦିର ରେ ପୋଡ ପିଠା ଖାଇ ଭକ୍ତଙ୍କ ଗହଣରେ ଶ୍ରୀମନ୍ଦିର ସମ୍ମୁଖକୁ ଯାଇଛନ୍ତି । ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ବହୁ ଶ୍ରଦ୍ଧାଳୁଙ୍କର ଭିଡ ଦେଖିବାକୁ ମିଳିଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ ବଣ୍ଟନ କରାଯାଉଥିବା ବେଳେ ହଣ୍ଡପା, କିଶୋରନଗର, ଠାକୁରଗଡ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

## ୧୧ରେ ରାହୁଲ ଗାନ୍ଧିଙ୍କ ଭୁବନେଶ୍ୱର ସଭା
# ଅନୁଗୋଳରୁ ଯିବେ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ

ଅନୁଗୋଳ, (ସବ୍ୟୁ): କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖାଡଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସଙ୍ଗଠନ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଆସନ୍ତା ୧୧-୦୭-୨୦୨୫ ରିଖ ଓଡ଼ିଶା ଗସ୍ତକୁ ସଫଳ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଜି ପୂର୍ବାହ୍ଣରେ ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଞ୍ଜଙ୍କ ସଭାପତିତ୍ୱରେ ଜିଲ୍ଲା କଂଗ୍ରେସ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ପ୍ରଭାରୀ ପୂର୍ବତନ ବିଧାୟକ ଡକ୍ଟର ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ଆଗାମୀ ଏଗାର ତାରିଖ ଦିନ ହେବାକୁ ଥିବା ସମାବେଶକୁ ସଫଳ କରିବା ପାଇଁ ସମସ୍ତ କଂଗ୍ରେସ କର୍ମୀ ଉଦ୍ୟମ କରିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ଅଧିକରୁ ଅଧିକ ଯୁବ ସମାଜ ଆକୃଷ୍ଟ ହେଉଥିବାରୁ, ସେମାନଙ୍କୁ ଭୁବନେଶ୍ୱର ନେବାପାଇଁ ସମସ୍ତ ବନ୍ଦୋବସ୍ତ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା। ବୈଠକରେ ତାଳଚେର ବିଧାୟକ ପ୍ରାର୍ଥି ପ୍ରଫୁଲ୍ଲ ଦାସ, ପୂର୍ବତନ ବ୍ଲକ ସଭାପତି ଉମେଶ ସାହୁ, ପୂର୍ବତନ ସରପଞ୍ଚ ସହଦେବ ବେହେରା, ଶୁଶ୍ରୀ ଶାନ୍ତୀ ବେହେରା, ସୁନିଲ ପ୍ରଧାନଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ କଂଗ୍ରେସ କର୍ମୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ନିର୍ବାଚନ ମଣ୍ଡଳୀରୁ ପାଖାପାଖି ୧୦୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଭୁବନେଶ୍ୱର ଯିବା ସହିତ, ଅନୁଗୋଳ ଜିଲ୍ଲାରୁ ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ କର୍ମୀ ଭୁବନେଶ୍ୱର ସଭାରେ ଯୋଗଦାନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା ।

## ୮ଫୁଟ ଉଚ୍ଚତାରେ ଝୁଲୁଥିଲା ୧୧କେଭି ବିଦ୍ୟୁତ୍ ତାର
# ଡିଜେରେ ତାର ଲାଗି ଯୁବକ ମୃତ, କ୍ଷତିପୂରଣ ଦାବିରେ ଧାରଣା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ତୁମୁସିଂହା ଥାନା କଦଳୀପାଳ ଗ୍ରାମରେ ବିବାହ ଶୋଭାଯାତ୍ରାରେ ଅଘଟଣ ଘଟି ଟାଉନ ଥାନା ଅନ୍ତର୍ଗତ ୩ ନମ୍ବର ୱାର୍ଡର ମଣ୍ଟୁ ଦେହୁରୀ ମୃତ୍ୟୁ ବରଣ କରିଥିଲେ । ଏହାକୁ ନେଇ ଶନିବାର ପରିବାର ବର୍ଗ ଓ ସାହି ବାସିନ୍ଦା କ୍ଷତିପୂରଣ ଦାବୀରେ ରାଜ ରାସ୍ତା ଅବରୋଧ କରିଥିବାର ଜଣାପଡିଛି । କାମାକ୍ଷାନଗର ଉପଖଣ୍ଡର ତୁମୁସିଙ୍ଗା ଥାନା ଅନ୍ତର୍ଗତ କଦଳୀ ପାଳ ଗ୍ରାମରେ ଏକ ବିବାହ ଶୋଭାଯାତ୍ରା ଚାଲିଥିଲା । ଢେଙ୍କାନାଳରୁ ବର ପକ୍ଷ କଦଳୀପାଳ ଗ୍ରାମକୁ ଆସିଥିବା ବେଳେ ଡ଼ିଜେ ସାଉଣ୍ଡର ତାର ମାତ୍ର ୮ଫୁଟ ଉଚ୍ଚତାରେ ଥିବା ୧୧ କେଭି ତାରରେ ଲାଗି ଯାଇଥିଲା। ଫଳରେ ଡିଜେ ଗାଡିରେ ବିଦ୍ୟୁତ ଚାର୍ଜ ହୋଇଯିବାରୁ ୫ ଜଣ ଲୋକ ଗୁରୁତର ଆହତ ହୋଇଥିଲେ । ପ୍ରଥମେ ସେମାନଙ୍କୁ ଅଳାଁବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଢ଼େଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠି ଢ଼େଙ୍କାନାଳ ଟାଉନ୍ କୁଞ୍ଜକାନ୍ତ ଗୁଡ଼ିଆ ନାଳି ଅଞ୍ଚଳର ମଣ୍ଟୁ ଦେହୁରୀ ୩୦ କୁ ଡ଼ାକ୍ତର ମୃତ ଘୋଷଣା କରିଛନ୍ତି। ଅନ୍ୟ ୪ ଜଣଙ୍କ ମଧ୍ୟରେ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ବାସ୍ତବ ପୁର ଗ୍ରାମର ମନୋଜ ବେହେରା, ଭୁବନ ଗୋରୋଡ଼ିଆ ଅଞ୍ଚଳର ସୁସିଲ ସାହୁ, ଢେଙ୍କାନାଳ କଣ୍ଟାନାଳି ଗ୍ରାମର ସାଜନ ନାଏକ କଦଳୀ ପାଳ ଗ୍ରାମର ସୁନିଲ୍ ପଲେଇ, କଣ୍ଡିଓ କାଟେଣୀ ଗ୍ରାମର ନିଶିକାନ୍ତ ଦଳେଇ ବୋଲି ଜଣାପଡିଥିଲା । ଏହାକୁ ନେଇ ଆଜି ମଣ୍ଟୁଦେହୁରୀଙ୍କ ଶବ ବ୍ୟବଚ୍ଛେଦ ପରେ ସାହି ବାସିନ୍ଦା ଏବଂ ପରିବାର ଲୋକ କ୍ଷତିପୂରଣ ଦାବୀ କରି କଲେଜ ବାଇପାସ୍ ସ୍ଥିତ ଟିପିସିଓଡିଏଲ୍ ସୁପରିଟେଣ୍ଡେଣ୍ଟ ଇଂଜିନିୟରଙ୍କ କାର୍ଯ୍ୟାଳୟ ସାମ୍ନାରେ ମୃତ ଦେହକୁ ରଖି କ୍ଷତିପୂରଣ ଦାବୀ କରିଥିଲେ । କିନ୍ତୁ କୌଣସି ଅଧିକାରୀ ଘଟଣା ସ୍ଥଳରେ ନପହଞ୍ଚିବା ଓ ଭିତରୁ ତାଲାବନ୍ଦ କରି ରହିବା ପରେ ପରିବାରଲୋକେ କଲେଜ ବାଇପାସ୍‌ରେ ୫୫ନମ୍ବର ଜାତୀୟ ରାଜପଥକୁ ଉଭୟ ପାର୍ଶ୍ୱରୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୩ ନମ୍ବର ୱାର୍ଡର କାଉନ୍‌ସିଲରଙ୍କ ସହିତ ଫୋନ୍‌ରେ ଆଲୋଚନା କରି ବିଭାଗ ତରଫରୁ ପରିବାରକୁ ୨୦ହଜାର ଟଙ୍କା ଏବଂ ରେଡକ୍ରସରୁ ୧୦ହଜାର ଟଙ୍କା ଦେବାର ପ୍ରତିଶୃତି ଦେଇଥିଲେ ।

ଶବ ବ୍ୟବଚ୍ଛେଦ ରିପୋର୍ଟ ଇଲେକ୍ଟ୍ରି ସକ୍‌ରେ ହୋଇଥିବା ଆସିବାପରେ ଏହାକୁ ନେଇ ଆଲୋଚନା ସହିତ ଶବ ବ୍ୟବଛେଦ ପରେ ତଦନ୍ତ କରାଯାଇ କ୍ଷତିପୂରଣ ଦିଆଯିବବୋଲି କାଉନ୍‌ସିଲରଙ୍କୁ ଫୋନରେ କହିଥିଲେ । ମଣ୍ଟୁଙ୍କ ଦାଦା କହିବା ଅନୁସାରେ ବିଦ୍ୟୁତ ତାର ମାତ୍ର ଆଠ ଫୁଟରେ ଝୁଲୁଥିବା ଯୋଗୁ ଡିଜେରେ ଲାଗି ଏଭଳି ହୋଇଛି । ତେଣୁ ମୃତ୍ୟୁ ପାଇଁ ବିଦ୍ୟୁତ ବିଭାଗ ଦାୟୀ ବୋଲି କହିବା ସହିତ ଜେଜେ ମାଆ ଏବଂ ବାପା ସମାନ ଅଭିଯୋଗ କରିବା ସହିତ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବୀ କରିଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା ।

# ପାର୍କିଙ୍ଗ ସ୍ଥଳ ସାଜିଛି ପୌରକାର୍ଯ୍ୟାଳୟ ସମ୍ମୁଖ ରାସ୍ତା

ତାଳଚେର, (ସବ୍ୟୁ): ପାର୍କିଙ୍ଗ ସୁବିଧାକୁ ନେଇ ସରକାର ଯେତେ ଚେଷ୍ଟା କରୁଥିଲେ ମଧ୍ୟ ସେତେଟା ସଫଳତା ମିଳୁନି । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ତାଳଚେର ପୌରକାର୍ଯ୍ୟାଳୟର ସମ୍ମୁଖ ରାସ୍ତାରେ। କେବଳ ରବିବାର ଦିନଟି ଛାଡ଼ିଦେଲେ ଆଉ ଛଅ ଦିନ ଏହି ରାସ୍ତାଟି ଗହଳ ଚହଳ ହୋଇଥାଏ। ସେହି ରାସ୍ତାଦେଇ ଛୋଟଛୋଟ ପିଲା ଟିଉସନ୍, ସ୍କୁଲ, କଲେଜ, ମାର୍କେଟ ଓ ସକାଳ ୧୦ଘଟିକା ବାଜିଲେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟକୁ ଲୋକମାନେ ଯାତାୟତ କରୁଛନ୍ତି । ଏହି ଅଫିସ୍ ସମ୍ମୁଖ ବା କାର୍ଯ୍ୟାଳୟର ୨ଶହ ମିଟର୍ ପର୍ଯ୍ୟନ୍ତ ଗାଡ଼ି ଗୁଡ଼ିକ ଏଣେତେଣେ ମନଇଚ୍ଛା ପାର୍କିଙ୍ଗ କରୁଥିବା ଯୋଗୁଁ ରାସ୍ତାଟି ଏକ ପ୍ରକାର ସଂକିର୍ଣ୍ଣ ଅବସ୍ଥାରେ ପରିଣତ ହୋଇଯାଉଛି । କିଛି ବ୍ୟକ୍ତି କାର୍ଯ୍ୟାଳୟକୁ ବିଭିନ୍ନ କାମନେଇ ଆସୁଥିବା ବେଳେ ଏମାନେ ନିଜର ଗାଡ଼ି ଗୁଡ଼ିକ କାର୍ଯ୍ୟାଳୟ ସମ୍ମୁଖରେ ରଖୁଥିବା ମଧ୍ୟ ଦେଖାଯାଇଛି । ଏଠି କଥା ଆସେକି, ପ୍ରଶାସନ ପକ୍ଷରୁ ପାର୍କିଙ୍ଗ କରିବାକୁ ନେଇ ଅନ୍ୟ ଲୋକଙ୍କୁ ତାଗିଦ୍ କରୁଥିବା ବେଳେ ଖୋଦ ନିଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଅବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି? ବିଶେଷ କଥା ହେଉଛି ଆଗାମୀ ଦେଶର ଭବିଷ୍ୟତ କୁହାଯାଉଥିବା ଛାତ୍ରଛାତ୍ରୀମାନେ ପାଠ ଅଧ୍ୟୟନ କରିବା ସମୟ ଓ ଘରକୁ ଫେରିବା ସମୟରେ ପାର୍କିଙ୍ଗ ହେତୁ ଏହି ରାସ୍ତାଟି ସଙ୍କୁଚିତ ହେଉଥିବା ଯୋଗୁଁ ଦୁର୍ଘର୍ଟଣାର ଆଶଙ୍କା ଦେଖାଦେବା ସହ ଯାତାୟତରେ ବାଧା ଉପୁଜୁଛି ବୋଲି ଅଭିଭାବକ ମହଲରେ ଏହାକୁ ନେଇ ଘୋର ନିନ୍ଦା କରାଯାଇଛି। ତେବେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

# ବ୍ଲକସ୍ତରୀୟ ବାଲ୍ୟବିବାହ ନିରୋଧ ସମନ୍ୱୟ କାର୍ଯ୍ୟକ୍ରମ

ବଇଣ୍ଡା, (ସବ୍ୟ): କିଶୋରନଗର ପଞ୍ଚାୟତ ସମିତି ସଭାଗୃହ ଠାରେ ବିଶ୍ୱଯୁବ କେନ୍ଦ୍ର, ବଣିନାଳୀ ତରଫରୁ ଏବଂ ପଞ୍ଚାୟତ ସମିତି କିଶୋରନଗର ସହଯୋଗରେ ବାଲ୍ୟବିବାହ ନୀରୋଧ ସମ୍ବନ୍ଧୀୟ ସମସ୍ତ ସହଯୋଗୀ ବିଭାଗ ମାନଙ୍କୁ ନେଇ ବ୍ଲକସ୍ତରୀୟ ସମନ୍ୱୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।





କାର୍ଯ୍ୟକ୍ରରେ ମୁଖ୍ୟଅତିଥି ଭାବରେ ଅତିଥି ଡ଼ି.ଓ ସୁବ୍ରତ କୁମାର ବେହେରା, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ସି.ଡ଼ି.ପି.ଓ. ଆରତୀ ସିଂ, ଜିଲ୍ଲା ଶ୍ରମ ବିଭାଗରୁ ଅଶ୍ୱିନୀ କୁମାର ମୁଦୁଲି, କିଶୋରନଗର ଥାନାର ଭାରପ୍ରାପ୍ତ ଅଧିକାରୀ ବିଭୁତି ପ୍ରଧାନ ପ୍ରମୁଖ କର୍ମୀମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ବିଶ୍ୱଯୁବ କେନ୍ଦ୍ରର ସଂଯୋଜକ ପୂଜା ସ୍ୱାଇଁ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱଯୁବ କେନ୍ଦ୍ରର ସଦସ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ବାଲ୍ୟବିବାହ ନିଷେଧ ଆଇନର ବିଭିନ୍ନ ଦିଗ ଏବଂ ସମ୍ପର୍କିତ ସମସ୍ୟା ଏବଂ ଆଇନ ପାଳନରେ ବିଭିନ୍ନ ବିଭାଗ ଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। ସୁବ୍ରତ କୁମାର ବେହେରା ସମସ୍ତ ପ୍ରଧାନ ଶିକ୍ଷକ ମାନଙ୍କୁ ନିଜର ନାମଫଳକରେ ସି.ଏମ.ଆଇ.ଓ. ଲେଖିବା ପାଇଁ ନିର୍ଦ୍ଦେଶ ଦେଲେ ଓ ବାଲ୍ୟବିବାହ କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଶ୍ଚିତ କଲେ କଲ୍ୟାଣ କିଶୋର ମହାନ୍ତି ଶିଶୁ ଅଧିକାର ଉପରେ କହିଥିଲେ । ଏଥିରେ ସମସ୍ତ ୨୩ ଟି ଯାକ ପଂଚାୟତରେ ବିବାହ ରେଜିଷ୍ଟର ଓ ସ୍ଥାନାନ୍ତରଣ ରେଜିଷ୍ଟର ପରିଚାଳନା କରିବାକୁ ନିଷ୍ପତି ନିଆଗଲା । ଶେଷରେ ବସନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ୍-ବୋଲେରୋ ଧକ୍କା : ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

କେନ୍ଦୁଝର, (ସ୍ୱପ୍ର) : ଝୁମ୍ପୁରା ବ୍ଲକ ବାରିଆ ଥାନା ଅନ୍ତର୍ଗତ ଗଣ୍ଡବରେଇ ନାଳ ନିକଟରେ ବାହୁଡା ଯାତ୍ରା ଦିନ ବୋଲେର ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଚଉଠିଆ ପଞ୍ଚାୟତ ଚୈତନପୁର ଗ୍ରାମର ଗୌର ମହାନ୍ତ ଏବଂ ତା ସ୍ତ୍ରୀ ଯୋଶବନ୍ତି ମହାନ୍ତ ବରହାପଶି ଗ୍ରାମକୁ ନିଜର ବାଇକ ରେ ଘରେଇ କାର୍ଯ୍ୟ ନେଇ ଯାଇଥିଲେ । ସେଠାରୁ ତାଙ୍କ କାମ ସାରି ଘରକୁ ଫେରୁଥିବା ସମୟରେ ଗଣ୍ଡବରେଇ ନାଳ ନିକଟରେ ପହଞ୍ଚି ଥିବା ସମୟରେ ଚମ୍ପୁଆ ପଟୁ ଉଖୁଣ୍ଡାକୁ ଯାଉଥିବା ବୋଲେରୋ ସହିତ ମୁହାଁମୁହିଁ ଧକ୍କା ଦେଇଥିଲା । ଗୌର ହେଲମେଟ ପିନ୍ଧି ଥିବାରୁ ସେ ବଞ୍ଚି ଯାଇଛନ୍ତି ସତ କିନ୍ତୁ ତା'ର ଗୋଟାଏ ଗୋଡ଼ ଭାଙ୍ଗି ଯିବା ସହିତ ମୁହଁରେ ମାଡ ହୋଇଛି । ଯାହା ଫଳରେ ଦାନ୍ତ ଗୁଡ଼ିକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ଯୋଶବନ୍ତୀ ର ମୃତ୍ୟୁ ହୋଇ ଯାଇଥିଲା । ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ମଗାଇ ଉଭୟଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିସାଳୟ କୁ ପଠାଇ ଥିବା ଜଣାଯାଇଛି । ବୋଲର ଟି ଝାରଖଣ୍ଡ ଅଞ୍ଚଳରୁ ଉଖୁଣ୍ଡା ଠାରେ ରହିଥିବା ତା ଝିଅ ଘରକୁ ପରିବାର ସହିତ ଆସୁଥିଲେ । ବାରିଆ ପୁଲିସ ଦୁର୍ଘଟଣା ଘଟିଥିବା ସମ୍ପର୍କରେ ଖବର ପାଇ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ବୋଲେର ସହିତ ବାଇକ କୁ ଜବତ୍କରିବା ଜଣା ଯାଇଛି । ଦୁର୍ଘଟଣା ଘଟାଇ ଥିବା ବୋଲେର ଡ୍ରାଇଭର କୁ ମଧ ବାରିଆ ପୁଲିସ ଅଟକ ରଖିଛି ।

## ରାଜ୍ୟସ୍ତରୀୟ ବୃତ୍ତି ପରୀକ୍ଷାରେ ଛାତ୍ରୀ ଶ୍ରେୟାଂସି ସପ୍ତମ ସ୍ଥାନରେ

ଆରଡି, (ସବ୍ୟୁ) : ଭଦ୍ରକ ଜିଲା ଆରଡିପୀଠରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସପ୍ତମ ଶ୍ରେଣୀର ଛାତ୍ରୀ ଶ୍ରେୟାଂସି ଦାଶ ଭାରତୀୟ ଶିକ୍ଷା ପରିଷଦ ଦ୍ୱାରା ରାଜ୍ୟସ୍ତରୀୟ ସପ୍ତମଶ୍ରେଣୀ ବୃତ୍ତି ପରୀକ୍ଷାରେ ୭ମ ସ୍ଥାନ ହାସଲ କରି କୃତିତ୍ୱ ହାସଲ କରିଛନ୍ତି। ଶ୍ରେୟାଂସି ପୂର୍ବରୁ ପଂଚମଶ୍ରେଣୀରେ ସରକାରୀ ବୃତ୍ତି,ଆଦର୍ଶ ସହ ନବୋଦୟ ପରୀକ୍ଷାରେ ଉର୍ତ୍ତିର୍ଣ୍ଣ ହୋଇ ଶିକ୍ଷାକେନ୍ଦ୍ର ପାଇଁ ଗୌରବ ଆଣି ଦେଇଥିଲେ। ରାଜ୍ୟ ଶିକ୍ଷାବିଭାଗର ଅନୁମୋଦନ ଓ ଭାରତୀୟ ଶିକ୍ଷା ପରିଷଦ ସହ ବନ୍ଧନରେ



ଆରଡିପୀଠରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରତିବର୍ଷ ସରକାରୀ ଓ ବେସରକାରୀ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଆଗଧାଡିରେ ରହିବା ସହ କୃତିତ୍ୱ ଆଣି ଶିକ୍ଷାକେନ୍ଦ୍ରକୁ ସଫଳତା ଦେଇଥାନ୍ତି। କୃତିତ୍ୱ ଦର୍ଶି ଶିକ୍ଷାକେନ୍ଦ୍ରର ଛାତ୍ରୀ ଶ୍ରେୟାଂସି ଏପରି ସଫଳତା ଦେଉଥିବାରୁ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ରେଣୁବାଳା ସାମଲ,ନିର୍ଦ୍ଦେଶକ ଚିରଞ୍ଜନ ମହାନ୍ତିଙ୍କ ସହ ସମସ୍ତ ଗୁରୁଜୀ,ଗୋରୁମା ଓ ପରିଚାଳନା କମିଟିକୁ ଶ୍ରେୟାଂଶି ଜେଜେମା ଦୁରମଣୀ ଦାଶ,ବାପା ବିଜୟ କୁମାର ଦାଶ,ଅଜୟ କୁମାର ଦାଶ,ସଂଜୟ କୁମାର ଦାଶ, ମାଆ ପ୍ରିତିପୁଷ୍ପା ଦାଶ,ସଂଭୁକ୍ତା ଦାଶ,ଅନିତା ଦାଶ କୃତଜ୍ଞତା ଜଣାଇଛନ୍ତି।

## ଭୋଗରାଇରେ ୩ ଶହରୁ ଉର୍ଦ୍ଧ୍ୱ ରଥ ମାଉସୀମା ମନ୍ଦିରରୁ ବାହୁଡ଼ିଲେ

ଭୋଗରାଇ, (ସବ୍ୟୁ) : ଚରାଚରିତ ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବାଲେଶ୍ୱରଜିଲା ଭୋଗରାଇ ବ୍ଲକର ୩ ଶହରୁ ଉର୍ଦ୍ଧ୍ୱ ରଥରେ ମହାପ୍ରଭୁ ମାଉସୀମା ମନ୍ଦିରରୁ ବାହୁଡ଼ିଛନ୍ତି।ବାହୁଡ଼ା ଯାତ୍ରା ଉପଲକ୍ଷେ ସବୁଠି ଜଗନ୍ନାଥ ପ୍ରେମୀଙ୍କ ଭକ୍ତି ଭାବନା, ପୂଜାର୍ଚ୍ଚନା, ଆରାଧନା, କୀର୍ତ୍ତନ, ଭଜନ ସନ୍ଧ୍ୟା ଓ ଅନ୍ନ ମହୋତ୍ସବ ରେ ଗାଁ ଦାଣ୍ଡ ଉଚ୍ଛୁଳି ପଡିଥିଲା । କୃପାକ୍ଷେତ୍ର ରଘିବପୁର, ଚନ୍ଦନେଶ୍ୱର, ଶଙ୍ଖାରୀ, ଶ୍ରୀରାମପୁର, କାର୍ତ୍ତିକନିଆ, ରଣକୁଠା ଆଉସା, ନିମାତପୁର, ଜୟରାମପୁର, ନଗୁଆଁ, କଖଡ଼ା, ଜଳସୋହରିଆ, ସୋହରିଆ, ଚୌକି, ବେଲା,ଦେଉଳା, ନିଶିନପୁର, କୁକିଡା, ବେଣ୍ଟୁଡା, ମହାରବ, ବାଙ୍କିଶଡିହା, କମର୍ଦ୍ଦା, କୁଣ୍ଡୁଡା, ଦହମୁଣ୍ଡା, ଭୋଗରାଇ ହାଟ ସହିତ ବହୁ ଗ୍ରାମରେ ୩ ଶହ ରୁ ଉର୍ଦ୍ଧ୍ୱରଥ ଶ୍ରୀଜଗନ୍ନାଥଙ୍କ ଟାଣିଥିଲେ ।ସୀମାନ୍ତ ଗାଁ ନିଶିନପୁର ଚଣ୍ଡିମନ୍ଦିର ଠାରେ ୮ ଦିନ ବ୍ୟାପି ମାଉସୀମା ମନ୍ଦିର ରେ ବଡ ଠାକୁର ବଳଭଦ୍ର, ମା ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଅବସରରେ ପ୍ରତିଦିନ କୀର୍ତ୍ତନ, ଭଜନ ସନ୍ଧ୍ୟା ପରିବେଷଣ ହେଉଥିବାବେଳେ ଶନିବାର ସନ୍ଧ୍ୟାରେ ଛାତ୍ରୀ ଛାତ୍ର ମାନଙ୍କ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ଛାତ୍ର।ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଗ୍ରାମବାସୀ ଓ କ୍ଷମାନୀ କ୍ରିକେଟ ଟିମ ପକ୍ଷରୁ ହେରା ପଞ୍ଚମୀରେ ୩ ହଜାରରୁ ଉର୍ଦ୍ଧ୍ୱଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ମହୋତ୍ସବ ଭୋଜନର ବ୍ୟବସ୍ଥା କରାଯାଇଥିଲା । ବାହୁଡା ଯାତ୍ରା ପରିଚାଳନା ଲାଗି ମୁଖ୍ୟ ପୃଷ୍ଠପୋଷ୍କ ଗୋରହରି ଜେନା, କାହ୍ନୁ ଚରଣ ଜେନା, ଅରୁଣ କୁମାର ଜେନା, ଚିତ୍ତ ନନ୍ଦ ପାଳ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ତପନ ବେହେରା, ଖୋକନ ବେହେରା, ଗୌରହରି ଦୋଳା, ଗୋପାଳ ଦାସ, ଅନିଲ ଦୋଳା, ଧନଞ୍ଜୟ ପାଳ, କ୍ରିକେଟ ଟିମର ସଭାପତି ସୂର୍ଯ୍ୟ ପ୍ରତାପ ଜେନା, ଜନ୍ମେଜୟ ପାଳ, ଚନ୍ଦନ ଜେନା, ଉତ୍ତମ ମଣ୍ଡଳ, ରାଜାରାମ ଗିରି ପ୍ରମୁଖ ପରିଚାଳନା ଦାୟିତ୍ୱରେ ଥିଲେ ।

## ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଠାକୁରମୁଣ୍ଡା,(ସବ୍ୟୁ) : ପଡିଆବେଡାସ୍ଥିତ ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୭୬ ତମ ବନ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମାକୁ ଭଲ ପାଉଥିବା ସମସ୍ତ ପିଲା ମାଙ୍କ ସମ୍ମାନର୍ଥେ ଅନ୍ତତଃ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ । ପିଲାମାନଙ୍କ ଜରିଆରେ ପ୍ରତ୍ୟେକ ପରିବାରରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପହଞ୍ଚି କାର୍ଯ୍ୟରେ ରୂପାନ୍ତରିତ ହେଲେ ବନ ମହୋତ୍ସବ ସଫଳ ହେବ ବୋଲି କହିଥିଲେ । ପରିବେଶରେ ସନ୍ତୁଳନ ଆଣିବା ପାଇଁ ଆମକୁ ଅଧକରୁ ଅଧିକ ସବୁଜିମା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ ।



ସମ୍ମାନିତ ଅତିଥି ଭାବେ ସରପଞ୍ଚ ଧର୍ମେନ୍ଦ୍ର ନାଏକ, ସମିତି ସଭ୍ୟ ପ୍ରମୋଦ ନାଏକ, ପ୍ରକୃତି ବନ୍ଧୁ ପଦ୍ମଲୋଚନ ନନ୍ଦ, ଓଏଫଏସଡିପି ସଂଯୋଜକ ସୁକାନ୍ତ କୁମାର ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ । ବନପାଳ ପ୍ରଦୀପ କିଶୋର ହାଇବୁରୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ବନରକ୍ଷୀ ବିକାଶ କୁମାର ମହାନ୍ତ, ସହଯୋଗୀ ଯୋଗାନନ୍ଦ ମହାନ୍ତ, ଲୁଲୁ କୁମାର ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।ସଭା ପରେ ସାମୁହିକ ଭାବେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।

## ବାହୁଡ଼ିଲେ ମହାପ୍ରଭୁ

# ଇମାମି ନଗର ବାହୁଡ଼ା ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ବାଲେଶ୍ୱର, (ସବ୍ୟୁ) : ରେମୁଣା ବାଲଗୋପାଳପୁରସ୍ଥିତ ଇମାମି ନଗର ଶ୍ରୀଗୁଣ୍ଡିଚା ଛାଡ଼ି ମହାପ୍ରଭୁ ଶନିବାର ଅପରାହ୍ନରେ ଶ୍ରୀମନ୍ଦିର ବାହୁଡ଼ି ଯାଇଛନ୍ତି। ୯ ଦିନ ପାଇଁ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀଗୁଣ୍ଡିଚା ଯାଇଥିବା ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ପୁଣି ଶ୍ରୀମନ୍ଦିରକୁ ଫେରିଆସିଛନ୍ତି। ଏଥିପାଇଁ ଇମାମି କ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଥିଲା। ହରିବୋଲ, ହୁଳହୁଳି, ଶଙ୍ଖ, ଘଂଟା, ମାଦଳର ତାଳରେ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ସତେଯେପରି ଭିନ୍ନ ଏକ ଶ୍ରୀକ୍ଷେତ୍ରର ଆଭାସ ହୋଇଥିଲା ଇମାମି ନଗର ବାହୁଡ଼ା ଯାତ୍ରା। ଆରତି ଅବକାଶ, ମଙ୍ଗଳାର୍ପଣ, ଆଜ୍ଞାମାଳ ନୀତି, ଧାଡ଼ିପହଣ୍ଡି, ଛେରାପହଁରା ସମାପନ ପରେ ରଥଟଣା ଆରମ୍ଭ ହୋଇଥିଲା। ପରେ ରଥ ଉପରୁ ଠାକୁରମାନଙ୍କୁ ପହଣ୍ଡି କରାଯାଇ ଶ୍ରୀମନ୍ଦିରକୁ ନିଆଯାଇଥିଲା। ରାତ୍ର ସାଢ଼େ ୯ଟାରେ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ କଳି, ରସଗୋଲା ଭୋଗ ଏବଂ ତା'ପରେ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ରାତ୍ର ୧୦ଘଟିକାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟପୂଜକଙ୍କ ତତ୍ତ୍ୱାବଧାନରେ ରୀତିନୀତି ସମ୍ପନ୍ନ ହୋଇଥିଲା। ରଥଯାତ୍ରା ଅବସରରେ ସୁଦୂର ଋଷିକେଶରୁ ଆସିଥିବା କଳାସଂସ୍ଥାନର କଳାକାରଙ୍କ ଦ୍ୱାରା ରଥଟଣାର ତାଳେତାଳେ ଆକର୍ଷଣୀୟ ନୃତ୍ୟ ପରିବେଷଣ ହୋଇଥିଲା। ସେମାନଙ୍କ ସହ ଭକ୍ତମାନେ ମଧ ମସଗୁଲ ହୋଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମି ଗ୍ରୁପ୍‌ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ୍ ଏବଂ ରାଧାଶ୍ୟାମ ଗୋଏଙ୍କାଙ୍କ ପ୍ରତିନିଧିଭାବେ ସୁଶିଲ ଗୋଏଙ୍କାଙ୍କ ତତ୍ତ୍ୱାବଧାନରେ ଇମାମୀ ନଗର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କା ତଥା ପତ୍ନୀ ଇନ୍ଦୁ ଗୋୟେଙ୍କା ଉପସ୍ଥିତ ରହି ସମସ୍ତ



କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରିଥିବାବେଳେ ଇମାମୀ ଗ୍ରୁପ୍‌ର ପୂର୍ଣ୍ଣକାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ବିବେକ୍ ଚାୱଲା, ସ୍ଥାନୀୟ ପେପର ମିଲ୍‌ର ସଭାପତି ଆଶୀଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ କୁମାର ଗୁପ୍ତା, ମୁଖ୍ୟ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଂଟିଆ, ଆର.କେ. କୁଣ୍ଡୁ, ଏଜିଏମ୍ ଓମ୍‌ପ୍ରକାଶ ଶର୍ମା, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳରଞ୍ଜନ ଦାସସାମନ୍ତରାୟ, ପ୍ରବନ୍ଧକ ବିନୋଦ କୁମାର ଜେନା, ମନ୍ଦିରର ମୁଖ୍ୟ ପୂଜକ ଏବଂ ତାଙ୍କ ସହଯୋଗୀ, ଇମାମୀ ଲେଡିଜ୍ କ୍ଲବ୍‌ର ସଭାପତି ବନ୍ଦନା ଗୁପ୍ତା, ସଂପାଦିକା ନିବେଦିତା ଖୁଣ୍ଟିଆ ଓ ସମସ୍ତ ସଦସ୍ୟାଙ୍କ ସମେତ ସତ୍ୟସାଇ ସେବା ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ଜଗନ୍ନାଥ ପ୍ରବଚକ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଭରତ ଚନ୍ଦ୍ର ମହାନ୍ତି ଧାରାବିବରଣୀ ପାଠ କରିଥିଲେ। ୬ ତାରିଖ ରବିବାର ସକାଳ ୮.୩୦ରେ ଶ୍ରୀଜୀଉମାନେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ବାହୁଡ଼ାଯାତ୍ରାରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଲୋକସଭା ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ଇମାମୀ କାଗଜ କଳର ୩ ୟୁନିୟନ୍‌ର ସାଧାରଣ ସଂପାଦକ ଭବାନନ୍ଦ ଶତପଥୀ, ରୀତେଶ ସିଂ, ଜ୍ୟୋତିପ୍ରକାଶ ବେହେରା, ଶ୍ରମିକନେତା ପଦ୍ମଲୋଚନ ନାୟକ ତଥା ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବାହୁଡ଼ା ଯାତ୍ରାରେ ଅଘଟଣ, ଦୁଇ ଆହତ

ସିମୁଳିଆ, (ସବ୍ୟୁ) : ବାହୁଡ଼ା ଯାତ୍ରା ଅବସରରେ ଅଘଟଣ ଘଟି ଦୁଇ ଜଣ ସେବାୟତ ଗୁରୁତର ଆହତ ହୋଇ ବାଲେଶ୍ୱରରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ବଣା ଜଗନ୍ନାଥ ମନ୍ଦିର ବାହୁଡ଼ା ଯାତ୍ରା ଅବସରରେ ମାର୍କୋଣା ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ରଥକୁ ମା ସୁଭଦ୍ରାକୁ ନେବା ସମୟରେ ଝିପିଝିପି ବର୍ଷା ଯୋଗୁଁ ରଥ ସିଡ଼ି ତଳକୁ ଖସି ପଡିଥିଲା । ଫଳରେ ସିଡିରେ ଥିବା ମାଙ୍କ ସେବା କାର୍ଯ୍ୟରେ ଥିବା ସେବାୟତ ପଣ୍ଡୁ ଗ୍ରାମର କୈଳାସ ପାଢ଼ୀଙ୍କ ପୁଅ ବିଶ୍ୱରଞ୍ଜନ (୨୦)ବର୍ଷଙ୍କ ଡାହାଣ ହାତ ଭାଙ୍ଗି ଯାଇ ଗୁରୁତର ଆହତ ହୋଇଥିବା ବେଳେ ଖଡ଼ିଗଡ଼ିଆ ଗ୍ରାମର ଗଣପତି ପଣ୍ଡା ଆହତ ହୋଇ ପ୍ରଥମେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ଗୁରୁତର ହେତୁ ସେମାନଙ୍କୁ ବାଲେଶ୍ୱର ଏକ ଘରୋଇ କ୍ଲିନିକ ଚିକିତ୍ସିତ ହେଉଥିବା ଜଣାଯାଇଛ ।

## ବାଗୁଡ଼ି ଖାଦାନରେ ତହସିଲଦାରଙ୍କ ଚଢ଼ାଉ, ପଥର ଜବତ

ସୋର, (ସବ୍ୟୁ) : ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖାଦାନ ଅଞ୍ଚଳରେ ବେଆଇନ ପଥର ଖାଦାନରେ ତହସିଲଦାର ଚଢ଼ାଉ କରି ବେଆଇନ ପଥର ଜବତ କରିଛନ୍ତି।ଗତ ଦୁଇଦିନ ତଳେ ପୁଲିସ ପକ୍ଷରୁ ଖଦାନର ମୁଖ୍ୟ ରାସ୍ତାରେ ବସାଯାଇଥିବା କ୍ୟାମ୍ପକୁ ଉଠାଯାଇଛି। ଫଳରେ ମାଫିଆ ମାନେ ପୂର୍ବବତ କିଛି ଅଧିକାରୀଙ୍କ ହାତ କରି ପଥର ଚୋରାଚାଲାଣ ଆରମ୍ଭ କରିଛନ୍ତି। ଶନିବାର ସକାଳେ ଖାଦାନରେ ବେଆଇନ ବ୍ଲାଷ୍ଟିଂ କରାଯାଇଥିବାରୁ ଖବର ପାଇ ସୋର ତହସିଲଦାର ଚଢ଼ାଉ କରି ୩୦ ଟ୍ରକରୁ ଉର୍ଦ୍ଧ୍ୱ ପଥର ଜବତ କରିଛନ୍ତି। ସୂଚନା ଅନୁସାରେ ଏହି ଖାଦାନର ୫୫ ନମ୍ବର କ୍ୱାରିରେ ଆଜି ସକାଳେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇଥିଲା। ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ସେଠାରେ ପହଂଚି ପଥରକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଜବତ ପଥରକୁ କେତେ ଟଙ୍କାରେ ନିଲାମ କରାଗଲା ତାହା ଖଣି ବିଭାଗ ପକ୍ଷରୁ ସୂଚନା ମିଳିପାରିନାହିଁ।

## ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ

ସୋର, (ସବ୍ୟୁ) : ସୋର ବ୍ଲକ ସବିରା ପଞ୍ଚାୟତ ଚାଳିଶମାଢ଼ ଗ୍ରାମରେ ବିଲରେ କାମ କରୁଥିବା ବେଳେ ଏକ ବିଷଧର ସାପ କାମୁଡାରେ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ସବିରା ପଞ୍ଚାୟତ ଚାଳିଶମାଢ଼ ଗ୍ରାମର ଜଗବନ୍ଧୁ ନାୟକ (୬୧)ଶନିବାରି ପୂର୍ବାହ୍ନରେ ବିଲକୁ ଧାନ ତଳି ପକେଇବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡିଥିଲା।ଏ ବାବଦରେ ସେ ପରିବାର ଲୋକଙ୍କୁ ଜଣେଇବା ପରେ ପରିବାର ଲୋକେ ତାଙ୍କୁ ଏକ ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଂଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ୭୯/୨୫ରେ ଏକ ଥାନାରେ କେଶ୍ ନମ୍ବର ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଯବାନ ଶଶୁର ଘରକୁ ବୁଲିବାକୁ ଯାଇ ଶବ ହୋଇ ଫେରିଲେ

ବାହାନଗା, (ସବ୍ୟୁ) : ଖନ୍ତାପଡ଼ା ଥାନା ଅଞ୍ଚଳରେ ଜଣେ ଯବାନ ଶଶୁର ଘରକୁ ବୁଲିବାକୁ ଯାଇ ଶବ ହୋଇ ଫେରିବା ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି।ସୂଚନାଯୋଗ୍ୟ ପଥରପେଣ୍ଠି ପଞ୍ଚାୟତ ବଗଲପୁର ଗ୍ରାମର କରୁଣାକର ସାହୁଙ୍କ ସାନ ପୁତ୍ର ଦିବ୍ୟ ରଞ୍ଜନ(୩୯) ଦିଲ୍ଲୀରେ ବିଏସଏଫ ଯବାନ ଭାବେ କାର୍ଯ୍ୟ କରି ଆସୁଥିଲେ।ଗତ ଗୁରୁବାର ଦିନ ନିଜ ମାଆଙ୍କ ଦେହ ଅସୁସ୍ଥ ଥିବାରୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜାଣିବାକୁ ପାଇ ତାଙ୍କୁ ଦେଖା କରି ନିଜ ଶଶୁର ଘର ସହଦେବଖୁଣ୍ଟା ଥାନା ରାଣୀ ପାଟଣା ଅଞ୍ଚଳର ତିଳିକା ବେହେରାଙ୍କ ଘରକୁ ବୁଲିବାକୁ ଯାଇଥିଲେ।ସେଠାରେ ପୂର୍ବରୁ ଦିବ୍ୟରଞ୍ଜନଙ୍କ ପତ୍ନୀ ସଂଯୁକ୍ତା ଓ ୧୨ ବର୍ଷର ଝିଅ ଦିବ୍ୟାଂଶୀ ସେଠାରେ ରହୁଥିଲେ।ମାତ୍ର ଶନିବାର ସକାଳ ସମୟରେ ଶଶୁର ଘର ଲୋକେ ଦିବ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଜଣାଇଥିଲେ। ଦିବ୍ୟ ରଂଜନଙ୍କ ଭାଇ ସୌମ୍ୟରଂଜନ ଘଟଣା ସ୍ଥଳରେ ପଂହଚି ତାଙ୍କ ଭାଇ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇବା ସହିତ ଦିବ୍ୟରଞ୍ଜନଙ୍କ ଶଶୁର ଘର ଲୋକେ ତାଙ୍କ ଭାଇକୁ ଧନ,ଅର୍ଥ,ଗାଡି ଲୋଭରେ ମାରିଦେଇଥିବା ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ଆଜି ସନ୍ଧ୍ୟା ସମୟରେ ଦିବ୍ୟରଞ୍ଜନଙ୍କ ମଇ ଶରୀରୁ ନିଜ ପୈତୃକ ଘର ବଗଲପୁରକୁ ଅଣା ଯାଇଥିଲା।ଖବର ପାଇ ଖନ୍ତାପଡ଼ା ପୋଲିସ ଘଟଣା ସ୍ଥଳରେ ପଂହଚି ତଦନ୍ତ ଜାରି ରଖିଛି।ଅନ୍ୟ ପଟେ ଶଶୁର ଘରୁ ଆସିଥିବା ଦିବ୍ୟ ରଂଜନଙ୍କ ପତ୍ନୀ ସଂଯୁକ୍ତା,ଶଳା ଭାଉଜ ସୋନିଆ ବେହେରା,ଶାଶୁ କଲ୍ୟାଣୀ ବେହେରା,ନଣନ୍ଦ ସୁଜାତା ରାଣୀ ସିଂହକୁ ଗ୍ରାମବାସୀ ଅଟକ ରଖିଥିବା ଜଣା ପଡ଼ିଛି।ଘଟଣା ବାବଦରେ ସଂଯୁକ୍ତାଙ୍କ ବାପ ଘର ଲୋକଙ୍କୁ ପଚାରିବାରୁ ଏହାକୁ ଖଣ୍ଡନ କରିଥିଲେ।

## ଦେବଭୂମି ଗବସାହି ଜଗନ୍ନାଥ ମନ୍ଦିରକୁ ବାହୁଡ଼ିଲେ ତିନି ଠାକୁର

ଭଦ୍ରକ,ତା(ସବ୍ୟୁ):ଭଦ୍ରକ ଦେବଭୂମୀ ଗବସାହିସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ମହାସମାରୋହରେ ଅଂଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବା ବେଳେ ଆଜି ବହୁ ଜନସମାଗମରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ଘର ସାଳନ୍ଦୀ ହସ୍ପିଟାଲରୁ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି। ଆଜି ଭଦ୍ରକ ଜିଲ୍ଲାପାଳ ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାଏ ବାହୁଡ଼ା ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କ ପହଣ୍ଡି ପୂଜା ପରେ ରଥ ଉପରେ ଛେରା ପହଁରା କରିଥିଲେ। ନଅ ଦିନ ମଧ୍ୟରେ ମାଉସୀ ମା' ମନ୍ଦିରରେ ସମସ୍ତ ନୀତିକାନ୍ତି ଅନୁଯାୟୀ ନୀତିପୂଜା, ଷୋଡଶ ଉପଚାର ପୂଜା ଉପଚାର ପୂଜା, ଭାଗବତ ପାରାୟଣ, ହେରା ପଂଚମୀ ନୀତି ପୂଜାଅର୍ଚ୍ଚନା ସହିତ ଦୈନିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରତ୍ୟହ ସଂଧ୍ୟାରେ ଭଜନ ଜଣାଣ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଏହି ଅଂଚଳର ବହୁ ଜଗନ୍ନାଥ ପ୍ରେମୀ ସମବେତ ହୋଇ ଘଂଟ ଘଂଟା, ମାଦଳ, କୀର୍ତ୍ତନ ବାଦ୍ୟର ତାଳେ ତାଳେ ରଥାରୁଢ଼ ଜୀଉଙ୍କୁ ତାଙ୍କ ଦେବଭୂମି ଜଗନ୍ନାଥଙ୍କ ମନ୍ଦିରକୁ ଟାଣି ଟାଣି ନେଇଥିଲେ। ପଥ ମଧ୍ୟରେ ଥିବା ଶ୍ରୀଯୁକ୍ତ ଗୟାଧର ପଣ୍ଡାଙ୍କ ବାସଭବନ ନିକଟରେ ମନ୍ଦିରର ପୂଜକ କାଳିଆ ନନା ମାଉସୀ ଘର ପୋଡ଼ପିଠା ଲାଗି କରିଥିଲେ। ବାହୁଡ଼ା ପଥରେ ବହୁଭକ୍ତ ପ୍ରଭୁଙ୍କୁ ପୂଜାଅର୍ଚ୍ଚନା କରି ମାନସିକ କାମନା କରିଥିଲେ। ମନ୍ଦିର ପରିସରରେ ରେ ପହଂଚିବା ପରେ ରଥାରୂଢ଼ ଦିଅଁଙ୍କୁ କାନିକା ଭୋଗ ଲାଗି କରାଯିବା ସହିତ ରଥ ଉପରେ ଅଧର ପଣାର ବିଧି ପାଳନ କରାଯାଇଥିଲା। ଜଗନ୍ନାଥ ମନ୍ଦିର ଗବସାହି ରଥଯାତ୍ରା କମିଟିର ସଭାପତି ଡାକ୍ତର ପ୍ରଭାସ କୁମାର ମହାନ୍ତି, ସଂପାଦକ ନେପାଳ ଚନ୍ଦ୍ର ଦାସଙ୍କ ସମେତ କମିଟିର କର୍ମକର୍ତ୍ତା ସର୍ବଶ୍ରୀ ଆନନ୍ଦ ଚନ୍ଦ୍ର ଦାସ, ବଂଶୀଧର ବେହୁରା, ପରମାନନ୍ଦ ସାହୁ, ଗୟାଧର ପଣ୍ଡା, ତ୍ରିଲୋଚନ ଦାସ, ଅଶ୍ୱିନୀ କୁମାର ଦାସ, ମୁକ୍ତିକାନ୍ତ ମଲ୍ଲିକ, ସୀତାକାନ୍ତ ଦାସ, ମହେଶ ଦାସ, ଋଷ୍ୟଶୃଙ୍ଗ ନାୟକ, ପ୍ରଦୀପ କୁମାର ପାଲ, ପ୍ରଣତି ମଲ୍ଲିକ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଅଜିତ୍ ଦାସ, ଗୋପିନାଥ ମିଶ୍ର, ସଂଜୟ ଦାସ, ବିଜୟ କୁମାର ନାୟକ, ଅଶୋକ କୁମାର ଦାସ, ପ୍ରମୋଦ ଦାସ, ହରେକୃଷ୍ଣ ସ୍ୱାଇଁ, ସାଧନ କୁମାର ସିହ୍ନା, ଗୌରହରି ନାୟକ, ପ୍ରଶାନ୍ତ କୁମାର ସାହୁ, ଦୁର୍ଗା ଚରଣ ଦାସ, ଉମେଶ ଚନ୍ଦ୍ର ନାୟକ, ଭାଗୀରଥି ମହାରଣା, ଗୋପାଳ ଚନ୍ଦ୍ର ଦାସ, ଜୟପାଳ ଦାସ, ଅଶ୍ୱିନୀ କୁମାର ସାହୁ, ସୁକାନ୍ତି ଗୋସ୍ୱାମୀଙ୍କ ସମତେ ବହୁଭକ୍ତ ପ୍ରମୁଖ ଏହି ଉତ୍ସବରେ ସକ୍ରିୟ ସହଯୋଗ କରିଥିଲେ। ବହୁ ଲୋକଙ୍କ ସମାଗମରେ ଏହି ବାହୁଡାଯାତ୍ରା ଶାନ୍ତିପୂର୍ଣ୍ଣ ଭାବରେ ପାଳିତ ହୋଇଯାଇଛି।

## ଝାଡାବାନ୍ତି ଆକ୍ରାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ମେଡିକାଲ ଟିମ୍

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ମାଳଦା ପଞ୍ଚାୟତ ଅନ୍ତର୍ଗତ ଚତୁର୍ଭୁଜପୁର ଗ୍ରାମରେ ହଇଜା ଆକ୍ରାନ୍ତଙ୍କୁ ଭେଟି ଶୁକ୍ରବାର ଅନୁଧାନ କରିଛନ୍ତି କେନ୍ଦ୍ରୀୟ ମେଡିକାଲ ଟିମ। ଅପରାହ୍ନ ୨ଟା ବେଳେ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ ଡା ବିନୟ କୁମାର ଦାସମହାପାତ୍ର, ସଂକ୍ରାମକ ରୋଗ ବିଶେଷଜ୍ଞ ଡା ପାର୍ଥସାରଥି ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଙ୍ଗୀତା ବଳ, ସ୍ଥାନୀୟ ଜନସ୍ୱାସ୍ଥ୍ୟ ଅଧିକାରୀ ପୃଥିରାଜ ପୋଥାଳ, ସ୍ୱାସ୍ଥ୍ୟ ପରିଦର୍ଶନ ନବଘନ ଦାସ ପ୍ରମୁଖ ଗ୍ରାମ ଆକ୍ରାନ୍ତଙ୍କ ଘରକୁ ଯାଇ ସେମାନଙ୍କ ଆକ୍ରାନ୍ତର କାରଣ ପଚାରି ବୁଝିବା ସହ, ମିଳିଥିବା ଚିକିତ୍ସା ସୁବିଧା, ପାନୀୟ ଜଳ ନମୁନା ପରୀକ୍ଷା, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଅନୁଧାନ କରିଥିଲେ। କେନ୍ଦ୍ରୀୟ ମେଡିକାଲ ଟିମ ପରିସ୍ଥିତିର ସମୀକ୍ଷା କରିବା ସହ ପାନୀୟ ଜଳ ଉତ୍ସଗୁଡିକୁ ନିରନ୍ତର ବିଶୋଧନ କରିବା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମର ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା, ଦୈନନ୍ଦିନ ଆକ୍ରାନ୍ତଙ୍କ ପରିସଂଖ୍ୟାନ, ପରିସ୍ଥିତି ଓ ଚିକିତ୍ସା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି.ଏଚ.ଓ., ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ କେନ୍ଦ୍ରୀୟ ମେଡିକାଲ ଟିମଙ୍କୁ ଅନୁଧାନରେ ସହାୟତା କରିଥିଲେ।

## ପ୍ରାକ୍ତନ ସମିତି ସଭ୍ୟଙ୍କ ପରଲୋକ

ଅସୁରାଳି,ତା(ସବ୍ୟୁ):ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଂଚାୟତର ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ଯେନା(୬୩)ଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଖପରପଦା ପଂଚାୟତରେ ଶୋକ ପ୍ରକାଶ ପାଇଛି। ଲକ୍ଷ୍ମୀଧର ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କର ଲୁଣିଆସ୍ଥିତ ବାସଭବନରେ ମୃତ୍ୟୁ ଘଟିଥିଲା। ସେ ୨୦୧୨ରୁ ୧୭ପର୍ଯ୍ୟନ୍ତ ସମିତି ସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ଜଣେ ସରଳ,ସ୍ୱାଭିମାନି ଏବଂ ସ୍ନେହୀ ମଣିଷ ଭାବେ ସେ ପରିଚିତ ଥିଲେ। ଧାମନଗର ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ,ସରପଞ୍ଚ ଅନୁସୂୟା ସାହୁ,ସମିତି ସଭ୍ୟ ଭାରତ ବିଜୟ ଦଳାଇ,ଯୁବନେତା ରମାକାନ୍ତ ସାହୁ,ପ୍ରାକ୍ତନ ସମିତି ସଭ୍ୟ ଗଦାଧର ସାହୁ,ଯୁବ ସମାଜସେବୀ ରଣଜିତ ଲେଙ୍କା,ବରିଷ୍ଠ ନାଗରିକ ମହେଶ୍ୱର ସାହୁ ପ୍ରମୁଖ ଲକ୍ଷ୍ମୀଧରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଲୁଣିଆ ଠାରେ ଆଜି ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା।

## ଏମବିକେ ଉପରେ ମାଡ ଘଟଣାରେ ଦୁଇ ମାମଲା ଗିରଫ ଦାବିରେ ଓଏଲଏମ କର୍ମଚାରୀଙ୍କ କଲମ ଛାଡ ଆନ୍ଦୋଳନ

ବାସୁଦେବପୁର, (ସବ୍ୟୁ) : ବାସୁଦେବପୁର ବ୍ଲକର ପଦ୍ମପୁର ପଂଚାୟତର ମହିଳା ମହାସଂଘର ବୈଠକରେ ଏମବିକେ ଉପରେ ଆକ୍ରମଣ ଓ ଗାଳିଗୁଲଜ ହୋଇଥିଲା। ଯାହାକୁ ନେଇ ବାସୁଦେବପୁର ଥାନାର ପୃଥକ ପୃଥକ ଭାବରେ ଦୁଇଟି ମାମଲା ରୁଜୁ ହୋଇଛି। ହେଲେ କ୍ୟାଡର ୟୁନିୟନ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀରେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ବାସୁଦେବପୁର ବ୍ଲକର ପଦ୍ମପୁର ପଂଚାୟତର ଦୀର୍ଘ ଦୁଇ ବର୍ଷ ହେବ ମହାସଂଘର ବିବାଦ ଲାଗି ରହିଛି। ଏହି ବିବାଦର ପୂର୍ଣ୍ଣଚ୍ଛେଦ ପକାଇବାକୁ ବ୍ଲକର ଓଏଲଏମର ଅଧିକାରୀ ୩ତାରିଖରେ ପଦ୍ମପୁର ପଂଚାୟତର ପହଂଚିଥିଲେ। ମହାସଂଘ କାର୍ଯ୍ୟାଳୟର ବସି ପଦ୍ମପୁର ଆଂଚଳିକ ମଂଚ-୧ମହିଳାମାନଙ୍କ ସହ ବସି ଆଲୋଚନା ଚାଲିଥିଲା। ଏହି ବୈଠକରେ ବିପିସି ସନ୍ଦିପ୍ତା ଦାସ,ବିଏମସି ସନ୍ତୋଷ କୁମାର ଜେନା,ଏଲଏସପି ସଙ୍କର୍ଷଣ ଦାସ,ଏମବିକେ,ମହାସଂଘର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଆଲୋଚନା ପରେ ଖାତା ଦସ୍ତଖତ ହେବାକୁ ବୁଲୁଥିବାର ବେଳେ କିଛି ସଭ୍ୟ ପ୍ରସ୍ଥାବିତ ପ୍ରସ୍ଥାବକୁ ବିରୋଧ କରି ପାଟିତୁଣ୍ଡ କରିଥିଲେ। ସଭ୍ୟମାନଙ୍କ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖାତା ଛଡାଛଡି ଅବସ୍ଥାରେ ଚିରି ଯାଇଥିଲା। ଯାହାକୁ ନେଇ ହାତାହାତି ହୋଇଥିଲା। ଏହି ଘଟଣାକୁ ନେଇ ବାସୁଦେବପୁର ଥାନାର ପୃଥକ ପୃଥକ ଭାବରେ ଦୁଇଟି ମାମଲା ରୁଜୁ କରାଯାଇଛି। ମଂଚର ସଭ୍ୟାମାନେ ଏମବିକେକୁ ଆକ୍ରମଣ କରିଥିବାରୁ ସେମାନଙ୍କ ବିରୋଧରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେତ କୌଣସି କ୍ୟାଡର ୟୁନିୟନ କାର୍ଯ୍ୟ ବନ୍ଦ କରି କଲମ ଛାଡ ଆନ୍ଦୋଳନ କରିଛନ୍ତି।

## ବିଦ୍ୟୁତ୍ ସଂସ୍କାର କ୍ଷେତ୍ରରେ ଉତ୍ତର ଓଡ଼ିଶାରେ ଉଦାହରଣ ସୃଷ୍ଟି କରିଛି

ବାଲେଶ୍ୱର,(ସବ୍ୟୁ): ଟିପିଏନଓଡିଏଲ ବିଦ୍ୟୁତ ଆବଣ୍ଟନର ଦାୟିତ୍ୱ ନେଇ ମାତ୍ର କେଇ ବର୍ଷ ମଧ୍ୟରେ ଉତ୍ତର ଓଡ଼ିଶାରେ ବିଦ୍ୟୁତ ସଂସ୍କାର କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେଇଥିବା ଟିପିଏନଓଡିଏଲ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଉତ୍ତମ ସେବା ଓ ନିରାପତ୍ତା ପ୍ରଦାନ କ୍ଷେତ୍ରରେ ଆଶାତୀତ ସଂସ୍କାର ଆସିଥିବା ପରିଲକ୍ଷିତ ହୋଇଛି । ଦାୟିତ୍ୱସମ୍ପନ୍ନ ଅଧିକାରୀ ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିଷ୍ଠାପରତା ଯୋଗୁ ସମ୍ପ୍ରତି ୫ ଜିଲାରେ ବିଦ୍ୟୁତ ଉପଭୋକ୍ତା ଆଶ୍ୱସ୍ତି ଅନୁଭବ କରୁଛନ୍ତି ଏଥିରେ ଦ୍ୱିମତ ନାହିଁ ବୋଲି ଜାନୁଗଞ୍ଜ ଗୋଲେଇସ୍ଥିତ ଟିପିଏନ୍ଓଡିଏଲ୍ କର୍ପୋରେଟ ଅଫିସରେ ଟିପିଏନଓଡିଏଲ୍‌ର ସିଇଓ ଗଜାନନ କାଲେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶ୍ରୀ କାଲେ କହିଥିଲେ ଯେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ଆସିଥିବା ପରିଲକ୍ଷିତ ହୋଇଛି। ବିଶେଷତଃ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଂଗଠିତ କରିଛି। ଅତ୍ୟାଧୁନିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ପିଏସସିସି) 'ସ୍କାଡା' ଦ୍ୱାରା ୧୧ କେଭିଏ ଓ ୩୩ କେଭିଏ ଗ୍ରୀଡଗୁଡିକ ସଞ୍ଚାଳିତ ହେଉଥିବାବେଳେ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକରଣ କରାଯିବା ସହ ବୈଷୟିକ ତ୍ରୁଟି ସଜାଡିବା ପ୍ରକ୍ରିୟା ସହଜ ଓ ସରଳ ହୋଇଛି। କେବଲ ଫଲ୍ଟ ଲୋକେଟର, ଅଟୋ ରିକ୍ଲୋଜର, ଟ୍ରଲି ମାଉଣ୍ଟେଡ ଡିଟିଆର, ଭୂତଳ କେବଲ ବ୍ୟବସ୍ଥା, ଡ୍ରୋନ ବେସ ଥର୍ମୋଗ୍ରାଫି ଆଦି ନୂତନ ଅତ୍ୟାଧୁନିକ ବ୍ୟବସ୍ଥା ଗୁଣାତ୍ମକ ବିଦ୍ୟୁତ ସେବା ବିତରଣକୁ ସୁନିଶ୍ଚିତ କରିଛି। ସେହିଭଳି ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ସଂସ୍ଥା ପକ୍ଷରୁ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇଥିବାବେଳେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଲୋଇଟେଜର ସ୍ଥିତି ଆଉ ଆଗ ଭଳି ନାହିଁ । ସବୁଠାରୁ ବଡ଼ କଥା ହେଲା, ପୂର୍ବରୁ ସାମାନ୍ୟ ବର୍ଷା ବା ଟିକିଏ ପବନରେ ସହରଠାରୁ ଗ୍ରାମାଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ହେଉଥିଲା। ଏବେ ବିଦ୍ୟୁତ କାଟ ବହୁ ମାତ୍ରାରେ ହ୍ରାସ ପାଇଛି । ଉପଭୋକ୍ତାଙ୍କ ସଂଖ୍ୟା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଟ୍ରାନ୍ସଫର୍ମର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଉଲ୍ଲେଖନୀୟ ବିଷୟ ହେଲା, ପୂର୍ବରୁ ବିପଦଜନକ ସ୍ଥିତିରେ ଥିବା ବିଦ୍ୟୁତ ସବ-ଷ୍ଟେସନ ଓ ଟ୍ରାନ୍ସଫର୍ମରଗୁଡ଼ିକର ଏବେ ରୂପାନ୍ତରଣ ହୋଇଛି। ଗୃହପାଳିତ ପଶୁପକ୍ଷୀଙ୍କ ସମେତ ପିଲାଛୁଆ କେହି ଯେମିତି ଏହାର ସଂସ୍ପର୍ଶରେ ନ ଆସିବେ, ସେଥିପାଇଁ ପ୍ରତ୍ୟେକ ଟ୍ରାନ୍ସଫର୍ମରକୁ ପକ୍କା ପ୍ରାଚୀର କିମ୍ବା ଶକ୍ତ ତାର ଜାଲି ଦ୍ୱାରା ଆବଦ୍ଧ କରାଯାଇଛି। ଏବେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିଦ୍ୟୁତ ତାର ଓହଳି ପଡିନି କି ଗଛର ଡାଳ ପଡ଼ି ଫ୍ୟୁଜ ଯାଉନି। ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି । ଫଳରେ ଏବେ ଦୁର୍ଘଟଣା ହ୍ରାସ ପାଇଛି। ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ବିଗତ କିଛି ବର୍ଷ ମଧ୍ୟରେ ୨ଲକ୍ଷ ୭୪ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନଓଡିଏଲ। ସିଏସଆର ବିନିଯୋଗ କ୍ଷେତ୍ରରେ ଅନେକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଟିପିଏନଓଡିଏଲ ଗ୍ରହଣ କରିଛି। ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏବେ ବିଜୁଳି ବିଲ୍ ର ଚିନ୍ତାରୁ ମୁକ୍ତି। ସୂର୍ଯ୍ୟଶକ୍ତିରେ ଜଳିବ ଘରର ବିଜୁଳି ବତୀ। ଚାଲିବ ପଙ୍ଖା। ଆଉ ଘରର ସବୁ ବୈଦ୍ୟୁତିକ ଉପକରଣ। ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନଓଡିଏଲ୍) ବିଶେଷ ଗୁରୁତ୍ୱ ଦେଉଛି । ପିଏମ ସୂର୍ଯ୍ୟ ଘର ପୋର୍ଟାଲରେ ପଂଜିକରଣ ପରେ ନିଶ୍ଚିନ୍ତରେ ପ୍ରକଳ୍ପ ଯୋଗାଇବା ଠାରୁ ଆରମ୍ଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରଙ୍କ ତରଫରୁ ରିହାତି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛି ଟିପିଏନଓଡିଏଲ୍।ଏକକାଳୀନ ସ୍ୱଳ୍ପ ବିନିଯୋଗରେ ଦୀର୍ଘକାଳୀନ ସୁବିଧାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ବେଶ୍ ଖୁସି ମଧ୍ୟ ଦେଖିବାକୁ ମିଳିଛି । ପିଏମ ସୂର୍ଯ୍ୟଘର ପୋର୍ଟାଲରେ ଉପଭୋକ୍ତା ଏହି ଯୋଜନା ପାଇଁ ଆବେଦନ କରୁଥିବା ବେଳେ ସବସିଡି ଓ ଋଣ ବ୍ୟବସ୍ଥା ରହିଛି। ଏହି ଯୋଜନା ପାଇଁ ସରକାର ଆକର୍ଷଣୀୟ ସବସିଡି ସୁବିଧା କରିଛନ୍ତି।

## ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ମନୋହରପୁରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦୁଝର,(ସ୍ୱପ୍ର) : ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ କଳ କାରଖାନା, ଗାଡ଼ି, ମୋଟର ର ଧୂଳି ଓ ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ପ୍ରକୃତି ଶନ୍ତୁଳ ହରାଉଛି ।ଯଦ୍ୱାରାକି ପ୍ରାକୃତିକ ବିପର୍ଯ୍ୟୟ ଘଟି ବହୁ ଧନଜୀବନ ନଷ୍ଟ ହେଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ପରିବେଶ ର ସୁରକ୍ଷା ପାଇଁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।ଏହି ଅବସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ମନୋହରପୁର ହାଟପଡିଆ ଓ ପିଟାପିଟି ଶିବ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ ତେଲକୋଇ ବିଧାୟକ ଡକ୍ଟର ଫକୀର ଚରଣ ନାୟକ ଙ୍କନେତୃତ୍ୱରେ




ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ରାଜ୍ୟ ସଂଯୋଜକ ସୁଧାକର ସାହୁ, ବରିଷ୍ଠ ବିଜେପି ନେତାଶିରିସ କୁମାର ସାହୁ, ଅଭିମନ୍ୟୁ ସାହୁ, ସଞ୍ଜୀବ କୁମାର ସାହୁ, ଚତୁର୍ଭୁଜ ସାହୁ, ମନୋରଞ୍ଜନ ଜେନା, ରାଘବ ବାରିକ, ଗୌର ଚନ୍ଦ୍ର ସାହୁ, ଗଦାଧର ମହାନ୍ତ, ଭୂପତି ସାହୁ, ଦିଲ୍ଲୀପ କୁମାର ସାହୁ, ରମାନାଥ ସାହୁ, ଅନନ୍ତ ସାହୁ ପ୍ରମୁଖ ଙ୍କ ସମେତ ଶତାଧିକ କାର୍ଯ୍ୟକତା ଯୋଗଦାନ କରିଥିଲେ ।

# ରଜ ଦୋଳି ଗୀତରେ ଆମ ସାମାଜିକ ଚିତ୍ର

**ପ୍ରେମାନନ୍ଦ ପାଣିଗ୍ରାହୀ**

ନିକଟରେ ଓଡ଼ିଶାର ଅନ୍ୟତମ କୃଷିଭିତ୍ତିକ ପର୍ବ ରଜ ଯାଇଛି । ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏହାକୁ ବେଶ୍ ଆନନ୍ଦ ସହକାରେ ପାଳନ କରାଯାଇଛି । ତିନି ଦିନ ଧରି ପାଳନ ହେଉଥିବା ଏହି ପର୍ବ, ସମାଜର ସବୁ ବର୍ଗର ଲୋକମାନଙ୍କ ପାଇଁ ଅବସରର ସମୟ ହୋଇଥାଏ । ଲୋକମାନେ ଏହି ସମୟରେ ନାନାଦି ପିଠାପଣା ଖାଇବା ସହ ଭିନ୍ନ ଭିନ୍ନ ଖେଳ ମାଧ୍ୟମରେ ଏହି ଦିନସବୁକୁ ପାଳନ କରିଥାନ୍ତି । ସେହିପରି ଏହି ରଜ ସମୟରେ ଦୋଳି ଖେଳ ସମସ୍ତଙ୍କର ଅନ୍ୟତମ ଆକର୍ଷଣ ହୋଇଥାଏ । କହିବାକୁ ଗଲେ, ରଜ ପର୍ବ ଓ ଦୋଳି ଯେପରି ପରସ୍ପରର ପରିପୂରକ । ବିନା ଦୋଳିରେ ରଜ ଅଧୁରା ଲାଗେ । ରଜରେ ବିଶେଷଭାବେ ଝିଅମାନଙ୍କ ପାଇଁ ଘରେ ଘରେ ଦୋଳି ଲାଗେ । ଆମ୍ବ ତୋଟାରେ ମଧ୍ୟ ଦୋଳି ବନ୍ଧା ହୁଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପଟା ଦୋଳି, ଡଙ୍ଗା ଦୋଳି, ଖାଇ ଦୋଳି, ବାଉଁଶ ଦୋଳି, ଚକ୍ର ଦୋଳି, ରାମ ଦୋଳି, ଯୁଆଳି ଦୋଳି, ନିଶୁଣି ଦୋଳି ,ଦଣ୍ଡି ଦୋଳି ପ୍ରଭୃତି ଭିନ୍ନ ଭିନ୍ନ ଦୋଳି ଖେଳ ଅନୁଷ୍ଠିତ ହୁଏ । ପିଠା,ଦୋଳି ଓ ଗୀତର ଆସର ହିଁ କହିଦିଏ ଏହି ପର୍ବର ମନ କଥା । ଏହି ଦୋଳି ଯେମିତି ଉପଭୋଗ୍ୟ, ତା' ଠାରୁ ଶ୍ରୁତି ମଧୁର ତା' ଗୀତସବୁ । ଜଣକ ପରେ ଜଣେ, ଦୁଇଜଣ ବା ଏକକାଳୀନ ଅନେକ ଝିଅ ବସି ବା ଛିଡା ହୋଇ ସମତାଳରେ ଝୁଲି ରଜ ଦୋଳି ଗୀତ ଗାଇବା ବେଶ୍ ଉପଭୋଗ୍ୟ । ପଥଚାରୀମାନେ ରଜ ଦୋଳି ଗୀତକୁ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ରଜ ଗୀତଗୁଡିକର ଭାଷା ସାବଲୀଳ ଓ ଅତି ସହଜ । ଦୋଳିଗୀତର ପରିସର ବ୍ୟାପକ ନୁହେଁ । ପରିବାର ତଥା ସମାଜର ନିତିଦିନିଆ ଚିତ୍ର ଏଥିରେ ପ୍ରତିଫଳିତ ହୋଇଥାଏ ।

ରଜଦୋଳି ଗୀତରେ ଭରି ରହିଥାଏ ଓଡିଆ ଜନଜୀବନର କଥା ଓ ବ୍ୟଥା । ଆମ ସାମାଜିକ ଜୀବନର ଅନେକ ଅନାଲୋଚିତ ଦିଗକୁ ଏହା ଉନ୍ମୋଚନ କରେ । ଏହି ଗୀତଗୁଡିକ ଆମ ଜନଜୀବନର ସଂସାର, ପ୍ରେମ, ଶୃଙ୍ଗାର, ଆଧ୍ୟାତ୍ମିକତା, ସଣ୍ଣା, ଦାରିଦ୍ର୍ୟ, ଭାତୃସ୍ନେହ, ବିରହ ଆଦି ବହୁ ସୂକ୍ଷ୍ମ ଦିଗ ଉପରେ ଆଲୋକପାତ କରିଥାଏ । ଏହି ସବୁ ଗୀତର କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ସଂଯୋଜନା ନାହିଁ କି ଏହାର କେହି ନିର୍ଦ୍ଦିଷ୍ଟ ରଚୟିତା ନାହାନ୍ତି । ମୁହଁରୁ ମୁହଁକୁ ଯାଇ ପୁରୁଷାନୁକ୍ରମେ ରଜଗୀତ ଚଳି ଆସୁଛି । ଏହି ଗୀତଗୁଡିକର ସାଙ୍ଗୀତିକ ମୂଲ୍ୟ ସର୍ବାଧିକ । ଏହାର ସ୍ୱର ଲହରୀ ମଧୁର । ଏପରି ହୋଇଥାଏ ଯେ ପାଖାପାଖି ଦୁଇଟି ଦୋଳିରେ ବସିଥିବା ଦୋଳି ବାହକମାନଙ୍କ ମଧ୍ୟରେ ଗୀତରେ ଗୀତରେ ଚାଲେ ପ୍ରଶ୍ନୋତ୍ତର ବଚନିକା । ଦୋଳି ଗୀତର ଆସରକୁ ଉପଭୋଗ କରିବାପାଇଁ କୁମାରୀ, ନବବଧୂ ଓ ପୁରୁଷମାନଙ୍କର ସମାଗମ ହୁଏ ଦୋଳି ପାଖରେ ।

ରଜଦୋଳି ବନ୍ଧା ହେବା ପରେ ପ୍ରଥମେ ଦୋଳି ପାଖରେ ପୂଜା କରାଯାଏ । ଦୋଳିରେ ଫୁଲ ହାର ମଣ୍ଡାଯାଏ । ସିନ୍ଦୁର, କଜ୍ଜ୍ୱଳ ଦିଆଯାଏ । ସର୍ବାରାଧ ବିଘ୍ନ ବିନାଶକଙ୍କ ବନ୍ଦାପନା କରାଯାଏ । ମାଙ୍ଗଳିକ କାର୍ଯ୍ୟ ପରେ ଦୋଳି ଝୁଲିବା ବିଧି ସମ୍ମତ ହୋଇଥାଏ । ପ୍ରଥମେ ଗଜାନନଙ୍କୁ ସ୍ମରଣ କରି କିଶୋରୀମାନେ ଗାଆନ୍ତି

*'ଲଲାଟେ ଦେଇ ଚନ୍ଦନ/ ପ୍ରଥମେ ବନ୍ଦିଲି ଶ୍ରୀ ଗଜାନନ/ଶ୍ରୀଗଜାନନ ଲୋ/ଦୋଳି ଗୀତେ ହେଲା ମନ ।'* ପୁଣି

*'ଗ୍ରାମରୁ ବାହାର ହେଲି/ଗ୍ରାମ ଦେବତାଙ୍କୁ ଜୁହାର କଲି/ଜୁହାର କଲି ଲୋ/ତାପାଦେ ଶରଣ ଗଲି ।'*

ସାମାନ୍ୟ ଗୁଳୁଗୁଳି ସାଙ୍ଗକୁ ଟିକେ ଖରା ଟିକେ ଛାଇ ପଡୁଥିବ । କେବେ କେବେ କୁଣ୍ଡା ଝରା ବର୍ଷା ହେଉଥିବ । ଆକାଶରେ ଭସା ବାଦଲ ଥିବ । ତେବେ ଏହି ପାଗ ରଜ ପାଇଁ ଅନୁକୂଳ । ରଜରେ କୁମାରୀମାନେ ନୂଆ ପୋଷାକ ପିନ୍ଧନ୍ତି । ଗୋଡରେ ଅଳତା, ମଥାରେ ଚନ୍ଦନ, କୁଙ୍କୁମ, ଓଠରେ ଦ୍ରାକ୍ଷାରସ, ପାଦରେ ଚପଲ ପିନ୍ଧି ଗାଁର ଝିଅ ଓ ବୋହୂମାନେ ଆନନ୍ଦରେ ଦୋଳି ଗୀତ ଗାଇ ହସ କୌତୁକରେ ମଜି ଯାଆନ୍ତି । ଭାଉଜ-ନଣନ୍ଦ, ସାଙ୍ଗସାଥୀ, ଦିଅର-ଭାଉଜମାନଙ୍କ ମଧ୍ୟରେ ଜମିଯାଏ ଗୀତ ମାଧ୍ୟମରେ ପ୍ରତିଯୋଗୀତା–

*'ବନସ୍ତେ ଡାକିଲା ଗଜ/ବରଷକେ ଥରେ ଆସିଛି ରଜ/ଆସିଛି ରଜ ଲୋ/ଘେନି ନୂଆ ସଜବାଜ ।'* ପୁଣି–

*'ରାଶିରୁ ଛାଡିଲା ଚୋପା/ଗୋଡରେ ନାଇଚୁ ସରୁ ଅଳତା/ସରୁ ଅଳତା ଲୋ/ମଥାରେ ସିନ୍ଦୁର ଟୋପା ।'* ପୁଣି–

*'ପାଚିଲା ଭଉଁରୀ କୋଳି/ବେକରେ ନାଇଚି ଗଜରା ମାଳି/ଗଜରା ମାଳି ଲୋ/ଝୁଲାଅ ରଜର ଦୋଳି ।'* ପୁଣି–

*'ଆଜି ତ ପହିଲି ରଜ/ସଜ କରିଦିଅ ନୂଆ ଭାଉଜ/ନୂଆ ଭାଉଜ ଲୋ/ କରିବା ରଜ ମଉଜ ।'*

ରଜଗୀତରେ କିଶୋରୀମାନଙ୍କର ରୋମାଞ୍ଚକର ଆଶା ଓ ସ୍ୱପ୍ନ, ମଧୁର ସଂପର୍କଜନିତ ଭାବାବେଗ ପ୍ରକାଶ ପାଇଥାଏ । ଅନୂଢା ଯୁବତୀ ମନରେ ଅସୁମାରି ସ୍ୱପ୍ନର ଢେଉ । ଆପଣାର ମଣିଷକୁ ଆପଣାଇ ନେବାକୁ ମନ ହୁଏ ଆନମନା । ରଜ ଦୋଳିରେ ଝୁଲି ଝୁଲି ସେ ଗାଏ :–

*'ପଟାକୁ ପଟା ଲାଗିଛି/ତୋ ମନ ମୋ ମନ ମିଶି ଯାଉଛି/ମିଶି ଯାଉଛି ଲୋ/ଜାତି କି ଡର ଲାଗୁଛି ।'* ପୁଣି–

*'ପଣସ ପାଚିଲା ବନେ/ବଣ ପୋଡିଗଲେ ଦୁନିଆ ଜାଣେ/ ଦୁନିଆ ଜାଣେ ଲୋ/ମନ କଥା କିଏ ଜାଣେ ।'* ପୁଣି –

*'ଉଡିଲା ଶୁଆ ନାହାକା/ଦୋଳିଟା କାହିଁକି ଲାଗୁଛି ଏକାଲା/ଏକାଲା ଲୋ/କାହାବିନା ଏକା ଏକା ।'* ପୁଣି–

*'ନିମ୍ବର ବୁକେ ଚନ୍ଦନ/ଦେବତା ଗଢିଲା ନାରୀ ଜୀବନ/ନାରୀ ଜୀବନ ଲୋ/ଦେଲା ତହିଁ ଯଉବନ ।'*

ଦୋଳିଗୀତ ମାଧ୍ୟମରେ ପ୍ରେମିକ ପ୍ରେମିକାକୁ କହେ–

*'ଶୁଖିଲା ତାଳପତର/ତୋତେ କିଣିଦେବି ନାଲି ଅତର/ନାଲି ଅତର ଲୋ/ମାଖିବୁ ଦିନ ପନ୍ଦର ।'* ପୁଣି–

*'ଶାଳ ଫୁଲ କେରି କେରି/ତୋତେ ନେଇଯିବି ଲୋ ମହନି କରି/ ମହନି କରି ଲୋ/ନଇ ବନ୍ଧ ଆରପାରି ।'* ପୁଣି–

*'ଦୋଳି ଚାଲେ ସାଇଁ ସାଇଁ/ମଲ୍ଲିଫୁଲ ଶେଯୁ ନେବି ଉଠାଇ/ନେବି ଉଠାଇ ଲୋ/ଚମ୍ପାଫୁଲ ମନ୍ଥୁରାଇ ।'* ପୁଣି–

*'ଝାଞ୍ଜି ପିଟେ ଝାଇଁ ଝାଇଁ/ ତୁମ ଆମ ଭାବ ଯୁଗକୁ ଥିବ/ ଯୁଗକୁ ଥିବ ଲୋ/ ବଚନ ଭୁଲିବ ନାହିଁ ।'*

ପରିବାରରେ ଭାଇର ସ୍ନେହ, ଶ୍ରଦ୍ଧା ଭଉଣୀକୁ ଗର୍ବିତ କରିଥାଏ । ଭାଇର ସମୃଦ୍ଧି ଦେଖିଲେ ଭଉଣୀ ଅଜସ୍ର ଆନନ୍ଦ ଲାଭ କରେ । ସାଙ୍ଗସାଥୀ ଗହଣରେ ଭାଇର ଗୌରବ ବର୍ଣ୍ଣନା କରି ସେ ଉଲ୍ଲସିତା ହୁଏ । ଦୋଳିରେ ବସି ଭଉଣୀ ତା' ଭାଇ ଉଦ୍ଦେଶ୍ୟରେ ଗାଇଉଠେ–

*'ଦୋଳି ହୁଏ ରଟ ରଟ/ ମୋ ଭାଇ ମୁଣ୍ଡରେ ସୁନା ମୁକୁଟ/ ସୁନା ମୁକୁଟ ଲୋ/ଦିଶୁଥାଏ ଝଟ ଝଟ ।'* ପୁଣି –

*'ପଟା ଦୋଳି କେଁ କଲା/ମୋ ଭାଇ ମୁଣ୍ଡରେ କି ଫୁଲ ଥିଲା/ କି ଫୁଲ ଥିଲା ଲୋ/ ଦଶ ଦିଗ ମହକିଲା ।'* ପୁଣି–

*'କଅଁଳା ବାଛୁରୀ କାନ/ଶହେ ମଣିଷରେ ମୋ ଭାଇନା ଠିଆ/ଠିଆ ଲୋ/ ଦିଶନ୍ତି କୁଆଁରୀ ଜହ୍ନ ।'* ପୁଣି –

*'ଦୋଳି ଚାଲେ ଧୀରେ ଧୀରେ/ଭାଇନାତ ମୋର ବାହା ହୋଇଯାଏ/ ବାହା ହୋଇଯାଏ ଲୋ/ ତେଲିଙ୍ଗି ବାଇଦ ସାରେ ।'* ପୁଣି–

*'ରଜଦୋଳି ଖେଳୁଥିଲି/ଭାଇ ଡାକିଦେଲେ କନକ ବୋଲି/କନକ ବୋଲି ଲୋ/ ହାତଧୋଇ ଭାତ ଦେଲି ।'*

ଦୋଳି ଖେଳରେ ତରୁଣୀମାନଙ୍କ ସହିତ ଯୋଗଦିଅନ୍ତି ନବବିବାହିତାମାନେ । ଦିଅର-ଭାଉଜର ସଂପର୍କ, ନଣନ୍ଦ-ଭାଉଜର ସଂପର୍କର ଦୃଶ୍ୟ ପରିଲକ୍ଷିତ ହୁଏ ଦୋଳିଗୀତରେ । ନୂଆଭାଉଜ ତାର ନଣନ୍ଦ ମାନଙ୍କ ସହ ମିଶି ଦୋଳି ଖେଳିବାବେଳେ ଦିଅରକୁ ଦେଖି ଥଟ୍ଟାରେ ଗାଏ :–

*'ଦୋଳି ଖେଳୁଥିଲି ବସି/ମଝିଆଁ ଦିଅର ଦେଲେ ତ ହସି/ଦେଲେ ତ ହସି ଲୋ/ଦୋଳିରୁ ପଡିଲି ଖସି ।'* ପୁଣି–

*'ନଈକି ମାରିଲି ଗିଲ ସଙ୍ଗାତୁଣୀ/ନଈକି ମାରିଲି ଗିଲ/କିରଙ୍ଗ ଦେଖାଉ ଦିଅର ଟୋକାରେ/ଭାଙ୍ଗିନାହିଁ ଦୁଧ ଗାଲ ।'* ପୁଣି–

*'ଏଗୋଡ ଖସିଲା ସେ ଗୋଡ ଖସିଲା/ ଟୋକା ଦିଅର ମୋ ଗମ୍ଭୀରି ଘରେ/ଗମ୍ଭୀରି ଘରେ ଲୋ/ ମୁରୁ ମୁରୁ ହସିଲା ।'*

ନୂଆ ଭାଉଜମାନଙ୍କୁ ଟାହି ଟାପରା କରି ନଣନ୍ଦମାନେ ଗାଇଥାନ୍ତି–

*'ଦୋଳି ପଟା କଟମଟ/ମୋ ଭାଇ ମୁଣ୍ଡରେ ସୁନା ମୁକୁଟ/ ସୁନା ମୁକୁଟ ଲୋ/ ଭାଉଜ ମନ ଉଚାଟ ।'* ପୁଣି–

*'କଟମଟ ହୁଏ ଦୋଳି/ ଭାଉଜଙ୍କ ମନ ଯାଉଛି ଜଳି/ ଯାଉଛି ଜଳି ଲୋ/ଭାଇ ବିଦେଶୁ ନଅଇଲୋ ବୋଲି ।'* ପୁଣି–

*'ଅଦିନ ମଲ୍ଲୀ ଫୁଟିଲା/ଭାଉଜକୁ ଦେଖି ଭାଇ ହସିଲା/ଭାଇ ହସିଲା ଲୋ/ସପନ ପରି ଲାଗିଲା ।'*

ଶ୍ୱଶୁର ଘରକୁ ଆସିଥିବା ନୂଆ ଭିଣୋଇକୁ ଦେଖି ଦୋଳି ଉପରେ ବସି ଶାଳୀ ଗୀତ ଗାଏ–

*'ଡେଇଁ ଡେଇଁ ଗଲା ବଣି/ନଦୀ ଆରପଟେ ଆସନ୍ତି ମୋ ଭାଇ/ଆସନ୍ତି ଭାଇ ଲୋ/ ଦିଶିଲାଣି କୁଞ୍ଚ କାନି ।'* ପୁଣି–

*'ଆଳିଆରେ ମୁଗ ଜାଇ/କଳା ମୁଚୁ ମୁଚୁ ଭିଣୋଇ ଭାଇ/ଭିଣୋଇ ଭାଇ ଲୋ/ ଆସିଛି ପୁନେଇଁ ଖାଇ ।'* ପୁଣି–

*'ଆଇଁସ ପାଛିଆ ତଳି/ ମୋ ନାନୀ କରିଛି ସରୁ ଚକୁଳି/ସରୁ ଚକୁଳି ଲୋ/ଭିଣୋଇ ଦେଉଛି ଗିଳି ।'*

ଶାଶୁଘରକୁ ଯାଇଥିବା ଝିଅ ବାପଘରେ ରଜପାଳିବା ନିଆରା । ଶାଶୂଘରର ନୀତି ନିୟମ ଓ ଚାରିକାନ୍ଥ ମଧ୍ୟରେ ଆବଦ୍ଧ ଥିବା ବଧୂ ରଜମଉଜରେ ବାପଘରକୁ ଯିବାକୁ ମନ ବଳାଇଥାଏ । ପୁରୁଣା ସାଙ୍ଗମାନଙ୍କ ସହ ସାକ୍ଷାତର ସୁଯୋଗ ଖୋଜେ । ଭାବୋଚ୍ଛ୍ୱାସକୁ ପ୍ରକାଶ କରି ବାପା ଭାଇଙ୍କୁ ସ୍ମରଣ କରି ସେ ଗାଏ :–

*'ରଜ ଏଇ ନାଗି ହେବ/ଆମ ଭାଇକି ପଠେଇ ଦେବ/ପଠେଇ ଦେବ ଗୋ/ରଜ ମାନି ନେଇଯିବ ।'* ପୁଣି–

*'ବାରମାସରେ ତ ତେର ପରବ/ବାର ପରବକୁ ଛାଡିତ ଦେବ/ଛାଡିତ ଦେବ ଗୋ/ରଜ ପରବକୁ ମୋତେ ଆଣିବ ।'*

ପ୍ରବାସୀ ସ୍ୱାମୀଙ୍କ ପାଇଁ ଅପେକ୍ଷାରତା ଘରଣୀର ବିରହ ବେଦନା ପ୍ରସଙ୍ଗ ଅତି ମାର୍ମିକ ।

*'ଗୋଡରେ ଲେଖିଲି ହଂସ/ମୋତେ ଛାଡି ସ୍ୱାମୀ ଯିବେ ବିଦେଶ/ଯିବେ ବିଦେଶ ଗୋ/ ସବୁ ହେବ ମୋର ବିଷ ।'* ପୁଣି–

*'ଶୂନ୍ୟରେ ଉଡଇ ଶାରୀ/ଦୁଇ ଚାରିଦିନେ ଆସିବ ଫେରି/ଆସିବ ଫେରି ଗୋ/ ରହିଥିବୁ ଦେହ ଧରି ।'*

ରଜରେ ମସଲାଦିଆ ଖିଲିପାନର ମଉଜ ଅଲଗା । ରଜପାନରେ ପାଚିଲା ମିଠା ଗୋଟା ପାନରେ ସରୁ ଗୁଆ, ଭଜା ଧଣିଆ, ପାନମଧୁରୀ, ଅଳେଇଚ, ଭଜାଗୁଆ, ଗୁଜୁରାତି, ଭଜା ନଡିଆ, ଚେରିଖଣ୍ଡ ପ୍ରଭୃତି ଚଉଷଠି ପ୍ରକାର ମସଲା ଦିଆଯାଇ ପାନ ଭଙ୍ଗାଯିବା ପରେ ଉପରେ ଗୋଟା ଲବଙ୍ଗ ମାରିଦିଆଯାଏ । ଏହାକୁ କୁମାରୀ ମାନେ ନିଜେ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ବାଣ୍ଟିଥାନ୍ତି । ପାନ ଖାଇବାରେ ରଜରେ କାହାକୁ ଆକଟ ନଥାଏ । ପାନ ଖାଇ ପାଟି ନାଲି କରି ରଜ ଦୋଳିରେ ବସି ଝିଅମାନେ ଗାଆନ୍ତି :–

*'ନଈ ଆରପାରେ କେକେ ଯାଉଛ ଲୋ/ମୋ ଠାରୁ ଖବର ନିଅ/ ପାନ ବିଡି ବିଡି ଗୁଆ ବିଡି ବିଡି ବାପାଙ୍କ ଛାମୁରେ ଦିଅ/ବାପା ବସିଛନ୍ତି ଉଚ୍ଚ ପିଣ୍ଡାରେ ଲୋ/ଭଗାରୀ ବସିଛି ତଳେ/ ପାନ ଖାଇ ପିକ ପକାଇ ଦେବେଲୋ/ପଡିବ ଭଗାରୀ ଶିରେ ।'* ପୁଣି–

*' ନଈରେ ପୋତିଲି ଛୁରୀ/ଛୁରୀ ଚାରିପାଖ ପାନମହୁରୀ/ପାନ ମହୁରୀ ଲୋ/ବାପା ହେବେ ଚୌଧୁରୀ ।'*

ଦୋଳି ଗୀତରେ କେବଳ ସୁଖର କଥା ନଥାଏ, ଥାଏ ନବବଧୂର ତେଲ ଲୁଣର ସଂସାର, ମନର ଭାବନା, ଅଭାବ, ଅନୁଭୂତି, ଶାଶୁଘର କଥା । ଶାଶୁଘରର ସମସ୍ତ କଷଣକୁ ସେ ବାପା ଭାଇଙ୍କୁ ମୁହଁ ଖୋଲି କହିନପାରିଲେ ବି ମନ ଭିତରେ ଗୁମୁରି ଉଠୁଥିବା କୋହ ଓ ବେଦନାକୁ ସହି ସାଙ୍ଗଙ୍କ ମେଳରେ ବଖାଣି ବସେ । ଗୀତ ମାଧ୍ୟମରେ ହୁଏ ତ ତାର ରୁଦ୍ଧ ଯନ୍ତ୍ରଣା କିଛି ପରିମାଣରେ ପ୍ରଶମିତ ହୁଏ ।

*'ଢିଙ୍କିରେ କୁଟିଲି ଚଷ୍ଟୁ/ବଡଘର ବୋଲି ଦେଇଛ ନନା ହେ /ବଡ ଖଣ୍ଡାଖାଇ ଶାଶୁ ।'* ପୁଣି–

*'ଚଢେଇ ଚିରିଗୁଣୀ ପକ୍ଷୀ/ଆମେ ଦି ଭଉଣୀ ଜନମ ଦୁଃଖୀ ଲୋ/ନନା ନଆସିଲେ ଦେଖି ।'* ପୁଣି–

*' ଢିଙ୍କିରେ କୁଟିଲି ତାଳ/ତୋରାଣୀ କଂସାକେ ଲୁହ କଂସାଏ ଲୋ/ବୋଉ ଅଢେଇ ପହର ବେଳ ।'* ପୁଣି :–

*'ଦୋଳି ତଳଯାକ ପାଣି/ଶାଶୂ ଗାଳି ଦେଲେ ମରମ ହାଣି/ମରମ ହାଣିଲୋ/ ନଣନ୍ଦେଇ ମାଲିକାନୀ ।'*

ପ୍ରାଚୀନ ଉତ୍କଳର ସାଧବ ପୁଅର ନୌବାଣିଜ୍ୟର ସମୃଦ୍ଧି ଦୋଳିଗୀତରେ ମଧ୍ୟ ପ୍ରତିଫଳିତ ହୋଇଥାଏ । ଯଥା–

*'ଦୋଳିରୁ ଖସିଲା ବତା/ବୋଇତରେ ଗଲେ ସାତ ଖୁଡୁତା/ଝିଆରି ଅମରମତା ।'* ପୁଣି :–

*ଦୋଳିରୁ ଛିଡିଲା ଲଇ/ବୋଇତରେ ଗଲେ ସପତ ଭାଇ/ସପତ ଭାଇ ଲୋ/ଜଣେ କାନ୍ଦେ ତଅପୋଇ ।'*

**ଭୁଷଳ, ଭୁବନ, ଢେଙ୍କାନାଳ**
**ମୋ–୯୪୩୭୭୨୯୩୮୪**

---

# ଘର

**ନଗେନ୍ଦ୍ର ନାଥ ପଟ୍ଟନାୟକ**



ବାପା ମାଆ ଓ ପରିବାର ବର୍ଗଙ୍କ ସହ ବେଶ୍ ଖୁସିବାସିରେ କାଳ କାଟୁଥାଏ ସଙ୍କେତ । ବିରାଟ ପ୍ରତିଷ୍ଠିତ ଆଇଟି କ୍ୟମ୍ପାନୀରେ ସେ ଜଣେ ଉଚ୍ଚପଦସ୍ଥ ଅଫିସର । ସବୁ ପ୍ରକାର ସୁବିଧା ସାଧନରେ ଘରଟି ପରିପୂର୍ଣ୍ଣ । ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବୈଭବ କୋଉଟାର ଊଣାନାହିଁ କହିଲେ ଚଳେ । ସଂକେତର ବିବାହ ସମ୍ପନ୍ନ ହୋଇଥିଲା ଗୋଟିଏ ସଂଭ୍ରାନ୍ତ ଆଭିଜାତ୍ୟସଂପନ୍ନ ପରିବାରର କନ୍ୟାରତ୍ନ ସହିତ ।

ବାହାତୋଳା ହେବାର କିଛିଦିନ ଅନ୍ତେ ଶାଶୁ ଓ ଶ୍ୱଶୁର ଦୁହେଁ ପାଦ ଥାପିଲେ ସଙ୍କେତ ଘରେ । ପରିବାରର ସବୁ ସଦସ୍ୟ ମଧ୍ୟ ସେମାନଙ୍କୁ ପାଛୋଟି ନେଇ ମାନସମ୍ମାନର ସହ ଯଥୋଚିତ ସେବା ସତ୍କାର କଲେ । ଆଦର ସମାଦର୍ କରି ଅତିଥି ରୁମରେ ସୁ ବନ୍ଦୋବସ୍ତ କରିଦେଲେ ସେମାନଙ୍କ ରହଣି ପାଇଁ ।

ସନ୍ଧ୍ୟା ଭୋଜନ ବେଳେ ଆଳାପ କରିବା ଆଳରେ ଶାଶୁ କହିଲେ ଆମ ଝିଅର କେବଳ ଗୋଟିଏ ଚିନ୍ତା: ଭିନେ ହୋଇ ରହିବାକୁ । ତୁମ ସମୁଦି ସମୁଦିଣୀ ନିଜପାଇଁ ଅଲଗା ଫ୍ଲାଟ୍ ନେଇନିଅ । ଟଙ୍କା ଟୋକର କଥା ଚିନ୍ତା କରନି । ଏ ସବୁର ବନ୍ଦୋବସ୍ତ ଆମେ କରିଦେବୁ । ଏ କଥା ଶୁଣିବାମାତ୍ରେ ସଂକେତ ଚେହେରା କଳା ପଡ଼ିଗଲା । ହୋସ ଉଡିଗଲା ଭଳି ଅନୁଭବ କଲା ସେ । ଏଣେ ପତ୍ନୀ ଉର୍ବଶୀ ମୁହଁକୁ ଅନାଉଥାଏ ତ ତେଣେ ନିଜ ମାଆ ପାପାକୁ ଚାହୁଁଥାଏ । କିଛିକ୍ଷଣ ପରେ ତା ଆଖିଯୋଡ଼ିକ ଲୁହ ବନ୍ୟାରେ ବତୁରି ଯାଇଥିଲା ।

ଶାଶୁଙ୍କ ଆଡ଼ିକି ଦୃଷ୍ଟି ଫେରାଇ ଆଣି ଲୁହ ଛଳଛଳ ଆଖିରେ ସଙ୍କେତ କହିଲା – ମାମା ଆମେ ବେଶ୍ ଖୁସି ଆନନ୍ଦରେ ଅଛୁ ଏଠି । ଘରଟି ମରହଟିଆ ,ପୁରୁଣା ହେଲେ କଣ ହେଲା, ଏ ଘର ସହିତ ଆମର ପିଢ଼ି ପରେ ପିଢ଼ିଙ୍କ ସ୍ମୃତିସବୁ ଜଡିତ ହୋଇ ରହିଛି । ଏ ଘର ଛାଡ଼ି ଆମେ କୁଆଡେ ଯାଇପାରିବୁନି । ତା ତୁଣ୍ଡରୁ କଥା ନ ସରୁଣୁ ବାପା କୁଆଡ଼େ ଥିଲେ କେଜାଣି ଝପଟିଆସି ମଝିରେ ବାଧାଦେଇ କହିଲେ ପୁଅ , ତୁ କେବଳ ଥରୁଟିଏ ଏ ବାବଦରେ ଭାବି ଚିନ୍ତି ସିଦ୍ଧାନ୍ତ ନେଲେ ଆମର ସେଥିରେ କୌଣସି ଆପତ୍ତି ନାହିଁ ।

ସଙ୍କେତ ଆଉ କିଛି କହିବା ଆଗରୁ ସେ ସେଠୁ ତତ୍କାଳ ଅପସରିଗଲେ । ସେ ସେଠୁ ନିଷ୍କ୍ରାନ୍ତ ହେଲାପରେ ଉର୍ବଶୀ ମାଆ ମୁହଁକୁ ଚାହିଁ କହିଲେ – ମାଆ ଏଭଳି ପରାମର୍ଶ ତୁମେ ମୋ ବଡଭାଇଙ୍କୁ କାହିଁକି ଦେଉ ନା । ଆମ ଶାଶୁ ଶ୍ୱଶୁର ଏବେ ବୟସର ସାୟାହ୍ନରେ । କେତେବେଳେ କୋଉ କ ଥା । ପାଚିଲା ତାଳ ଭଳି ,କେତେ ବେଳେ ଖସିପଡ଼ିବେ କିଏ ବା ଜାଣେ ।

ଏଭଳି ଅସହାୟ ଅବସ୍ଥାରେ ଆମେ ସେମାନଙ୍କୁ ଛାଡ଼ିଯାଇ ପାରିବୁନି । ଉର୍ବଶୀଙ୍କ ମାଆ କେବଳ ଏତିକି କହିଲେ : କିନ୍ତୁ ମୁଁ ତ ତୁମ ଦୁହିଁଙ୍କ ମଙ୍ଗଳ ପାଇଁ ଏମିତି କହିଥିଲି । ଉର୍ବଶୀ କହିଲା: ଏ ଘରଟି ଆମ ପାଇଁ ସରଗପୁର । ଏଇଠି ଅଛି ସବୁକିଛି । ଏମିତି ରେ ତ ଏଠି କିଛି ଅସୁବିଧା ହେଉନି । ଏତିକି କଥା ଶୁଣିବାକ୍ଷଣି ବିଭାଦେବୀଙ୍କ ମୁହଁଟି ମ୍ଲାନ ପଡ଼ିଗଲା । ତେଣେ ଆପଣା ପ୍ରକୋଷ୍ଠରେ ବସି ସଂକେତ ଏମାନଙ୍କର ସବୁ କଥା ଶୁଣିଥିଲା ନିବିଷ୍ଟ ଚିତ୍ତରେ । ଜୀବନରେ ଏମିତି ସୁଲକ୍ଷଣୀ ପତ୍ନୀକୁ ପାଇ ସେ ନିଜକୁ ଧନ୍ୟ ମନେ କରିଥିଲା ।

**ପ୍ରାକ୍ତନ୍ ଅତିରିକ୍ତ ଶାସନ ସଚିବ,**
**ଓଡ଼ିଶା ସରକାର**
**ଓସ୍କାର ସିଟି ,ଲେନ୍ ନଂ ୯,ପ୍ଲଟ ନଂ ୪୫୬**
**ଲକ୍ଷ୍ମୀ ସାଗର କେନାଲ ରୋଡ ,ଭୁବନେଶ୍ୱର**
**ମୋ– ୯୪୩୮୩୩୨୧୩୮**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

---

# କବିତା

## ଅନାହତ ନାଦ



**ମାନସ ଦାସ**

ମୁହୂର୍ତ୍ତ ସବୁ ତ ଜୀବନ ବହିର
ଗୋଟିଏ ଗୋଟିଏ ପୃଷ୍ଠା
ସାଇତି ରଖିଲେ ସଜାଗେ ସଭଙ୍କୁ
ବନିଯିବ ତୁମେ ସ୍ୱପ୍ନ ଓ ସ୍ମୃତିର ସ୍ରଷ୍ଟା...
ଜୀବନକୁ ଦିଅ ଜୀଇଁବାକୁ ଦିନେ
ସ୍ୱପ୍ନର ଆଲିଙ୍ଗନେ
ଆଉଦିନେ ହୁଅ ଆଉଟ ପାଉଟ
ସ୍ମୃତିର ବାହୁ ବନ୍ଧନେ...
ଆଙ୍ଗନେ ଏବେ କୋଳାହଳ ନାହିଁ
ନାହିଁ ବି ସ୍ୱପ୍ନର କଦମ୍ବ ବଣ
ମୁହୂର୍ତ୍ତ ସବୁ ବି ଲମ୍ବା ଦୀର୍ଘ ଦିଶେ
ଆଳସ୍ୟ ଆବେଗେ ଭରିଯାଏ ସବୁ କୋଣ
ଅନୁକୋଣ...
ନିଶୀଥ ନୀରବ ରାତ୍ରୀରେ ଶୁଭେ
ଅନ୍ତରର ସ୍ୱଷ୍ଟ ନାଦ
ତନ୍ମୟ ହୋଇ ନିର୍ବାକେ ଶୁଣେ
ଓଁ କାରର ଅନାହତ ନାଦ...
ଓଁ କାରର ଅନାହତ ନାଦ...

**କୁନ୍ଦ କୁଟୀର,**
**ଚୌଧୁରୀ ବଜାର, କଟକ**

## ନୀଳାଦ୍ରି ବିଜେ...

**ରାମଚନ୍ଦ୍ର ବେହେରା**

ସାତଦିନ ରହି ଜନମ ବେଦୀରେ
ଭାଇ ଭଉଣୀଙ୍କୁ ଧରି
ଶୁକ୍ଳ ଆଷାଢର ଦଶମୀ ତିଥିରେ
ଆସିଲେ ସାଆନ୍ତ ଫେରି
ରଥେ ହୋଇ ସୁନାବେଶ
ପୁଣ୍ୟ ବଡଦାଣ୍ଡେ ଭକତ ଜନଙ୍କୁ
ଢାଳିଲେ ଶୁଭ ଆଶିଷ ।
ସୁନାବେଶ ପରେ ଅଧର ପଣାର
ନୀତି ପାଳିଲେ ସାଆନ୍ତ
ଶିରୀମନ୍ଦିରକୁ ପ୍ରବେଶ ପଥରେ
କବାଟ କିଳିଲେ ମାତ
ରଚିଲେ ଠାକୁର ନାଟ
ରସଗୋଲା ସାଥେ ଭେଟି ଦେଲେ ପ୍ରଭୁ
ଦିବ୍ୟ ଚିତ୍ରଲେଖା ପାଟ ।
ମନଲାଖି ଭେଟି ପାଇ ଅନ୍ନପୂର୍ଣ୍ଣା
କବାଟ ଖୋଲିଲେ ଧୀରେ
ବେଢା ପରିକ୍ରମା କଲେ ମହାପ୍ରଭୁ
ପ୍ରବେଶି ଶିରୀମନ୍ଦିରେ
ସାରା ବିଧି ହେଲା ଅନ୍ତ
ନୀଳାଦ୍ରିରେ ବିଜେ କଲେ ଦାରୁବ୍ରହ୍ମ
ବିଭୋର ହୋଇଲେ ଭକ୍ତ ।
ଆନନ୍ଦ ବଜାରେ ଅବଢା ହସିଲା
ପୂର୍ଣ୍ଣ ରତ୍ନ ସିଂହାସନ
ପତିତପାବନ ସରାଗେ ଉଡିଲା
ମିଳିଲା ଜଗା ଦର୍ଶନ
ଚାଲୁହେଲା ନୀତିକାନ୍ତି
ପ୍ରଭୁଙ୍କ ସହିତ ଲକ୍ଷ୍ମୀଙ୍କ ଦର୍ଶନ
ପ୍ରାଣେ ଦେଲା ଆତ୍ମଶାନ୍ତି ।
କଳା ସାଆନ୍ତଙ୍କ ମାନବୀୟ ଲୀଳା
ସାରା ଜଗତେ ବିଖ୍ୟାତ
ଭାବ ବିନୋଦିଆ ଭାବର ବଣିକ
ଧନ୍ୟ ତା' ଗୁଣ୍ଡିଚା ଯାତ
ଭକତ ବତ୍ସଳ ହରି
ନୀଳାଦ୍ରି ବିଜୟ କଲେ ଚକାଆଖି
ଫେରେ ଶ୍ରୀମନ୍ଦିର ଶିରୀ ।

**ତେନ୍ତୁଳିପଦା,**
**ଜଗତସିଂହପୁର**
**ମୋ–୭୩୫୫୬୩୪୩୪୬**

## ସେହି ମୋ ଜଗନ୍ନାଥ

**ପ୍ରମୋଦ କୁମାର ମହାପାତ୍ର**

ଅଦୃଶ୍ୟ ଯାହାର ପାଣି ପାଦ
ଅନାଦି, ଅନନ୍ତ ବୋଲି ଖ୍ୟାତ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ
ପରଂବ୍ରହ୍ମ ଯେ ପରମସତ୍ୟ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ
ବ୍ରହ୍ମାଣ୍ଡ ସୃଷ୍ଟି କରତା ସକଳ ଭିଆଣ
ସବୁରି ଘଟେ ପୁଣି ରହେ ବିଦ୍ୟମାନ
ଦେବ,ଦାନ ଯାହାର ଚରଣେ ନତ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ ।
ଆଲୋକ,ଅନ୍ଧାର ଆଣେ ବରଷା ବସନ୍ତ
ଫୁଲରେ ମହକ ଶିଶୁ ହସରେ ଆନନ୍ଦ
ସବୁରି ନିୟତି ଯିଏ ମୁକତି ପଥ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ ।
ସୁଖରେ ଦୁଃଖରେ ସଦା ଥାଉ ସେ ସ୍ମରଣେ
ମନ ରହିଥାଉ ତା'ର ପଙ୍କଜ ଚରଣେ
ଶରଣ ଗଲେ ବାରେ ହେବି କି ଅନାଥ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ ।

**କଳାପାଣି, ବରଗଡ଼,**
**ମୋ – ୯୪୩୭୫୬୭୮୩୧୧**

## ରଥଯାତ୍ରା

**ହିମାଂଶୁ ସାହୁ**

ଆରେ ଜଗା ତୋର ଚକା ନୟନ
କିଣି ନେଉଛି ଭକତର ମନ
ଦେଖିବି ବୋଲି ତୋର ରଥ ଯାତ୍ରାକୁ
ଅପେକ୍ଷା କରିଥିଲି ଆଜିର ଦିନକୁ
ବାର ମାସେ ପ୍ରଭୁ ତୋର ତେର ପରବ
ସେଥିରୁ ବଡ଼ ଅଟେ ଏ ରଥଯାତ୍ରା ପରବ
ଦୁନିଆଁରେ ଅଟୁ ତୁ ଏକା ଏମିତି ଭଗବାନ
ମନ୍ଦିରରୁ ବାହାରି ଆସିଛୁ ଭକ୍ତକୁ ଦେବା
ପାଇଁ ଦରଶନ
ସମସ୍ତେ କହୁଛନ୍ତି ଜଗା ଆସିଲା ଦେଖ
ଭୁଲି ଯାଇ ନିଜର ସମସ୍ତ ଦୁଃଖ
ତତେ ଦେଖିବାକୁ ପୁରୀରେ କେତେ ଯେ
ଗହଳି
ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଛନ୍ତି ଚାଲି
ମନୁଷ୍ୟ , ପଶୁପକ୍ଷୀ ଆଉ
କେତେ ଯେ ଜୀବ
ତୋର ଦରଶନ କରିବ ଯାର
ଭାଗ୍ୟରେ ଥିବ
ତତେ ପାଖରେ ଦେଖି ଭକତ କେତେ
ଯେ ଖୁସି
ଦୁଃଖ ଦୂର ପାଇଁ ନିବେଦନ କରୁଛନ୍ତି ତୋ
ପାଖକୁ ଆସି
ବିଶ୍ୱାସରେ ଚାଲେ ପ୍ରଭୁ ତୋର ଏ ପରବ
ତୋ ଦେଶେ ଜନମି ମୁଁ କରେ ଗରବ
ମୁଁ ଯାଇ ପାରୁ ନାହିଁ ପ୍ରଭୁ ତୋର
ଶ୍ରୀକ୍ଷେତ୍ର ଧାମକୁ
କଳାହାଣ୍ଡିରୁ ଜୁହାର କରେ ପ୍ରଭୁ ତୁମକୁ
ଭଲରେ ରଖିଥାଅ ପ୍ରଭୁ ଏ ବିଶ୍ୱବାସୀକୁ
ଏ ରଥଯାତ୍ରାରେ ଏତିକି ଗୁହାରି କଲି
ପ୍ରଭୁ ତୁମକୁ

**ଡ଼ଙ୍ଗରୀଗୁଡ଼ା ,ଟିକ୍ରାପଡ଼ା ,ରିଷିଗାଁ**
**ଭବାନୀପାଟଣା ,କଳାହାଣ୍ଡି**
**ପିନ୍ – ୭୬୬୦୦୨**
**ମୋ– ୯୩୪୮୧୦୩୬୮୨**

## ଆଷାଢ଼ ଆସିଛି

**ରମାକାନ୍ତ ଦାସ**

ଆଷାଢ଼ରେ ଦେଖ ଧରଣୀ ହସୁଛି
ଜଳୁଅଛି ବିଜୁଳି ରୋଷଣୀ
ବାଦଲ ଅଙ୍ଗରୁ ଝରେ ବର୍ଷା ଝର
ଆସିଛି ମୌସୁମୀ ରାଣୀ ।
ଇନ୍ଦ୍ରଧନୁର ସପ୍ତରଙ୍ଗରେ
ସୁନ୍ଦର ଦିଶଇ ଧରା
ଆକାଶ ନଈରେ ବାଦଲ ଭାସୁଛି
ପଡ଼ଇ ସୁନେଲି ଖରା ।
ସବୁଜ ସୁନ୍ଦର ଦିଶୁଛି ଧରଣୀ
ଫୁଟିଛି କଦମ୍ବ କଢ଼ି
କଦମ୍ବ ବାସ୍ନାରେ ମହକଇ ଧରା
ଆସିଲେ ବରଷା ଝଡି ।
ମେଘମାଳା ଦେଖି ମୟୂର ନାଚୁଛି
ଧରଣୀ ହୋଇଛି ସଜ
ଛତୁବୁଦା ମୂଳେ ମଣ୍ଡୁକ ଡ଼ାକଇ
ଆଷାଢ଼ ଆଣିଛି ରଜ ।
ମେଘ ମୁକୁଟ ପିନ୍ଧି ଆଷାଢ଼ ଆସିଛି
ଧରଣୀ ହୋଇଛି ଶସ୍ୟ ଶ୍ୟାମଳା
ଚଷାଭାଇ ମନେ ଖୁସି ସେ ଭରିଛି
ଧରଣୀ ହୋଇଅଛି ରଜସ୍ୱଳା ।
ଆନନ୍ଦେ ଚାତକ ଗାଉଥାଏ ଗୀତ
ବରଷା ରାଣୀକୁ ପାଇ
ଧରଣୀ ରାଣୀ ଫଳବତୀ ହୋଇଛି
ପହିଲି ଆଷାଢ଼ର ସ୍ୱର୍ଶ ପାଇ ।

**ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର**
**ମୋ – ୯୬୬୮୮୧୫୩୬୯**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଂହଦ୍ୱାର...

ଭାଇ ବଳଭଦ୍ର, ସାନ ଭଉଣୀ ଦେବୀ ସୁଭଦ୍ରାଙ୍କୁ ଧରି ତିନି ରଥରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ରଥାରୂଢ଼ ବିଗ୍ରହମାନଙ୍କର ବାହୁଡ଼ା ଯାତ୍ରା ଦେଖିବା ପାଇଁ ଆଜି ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ହୋଇଛି। ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବଡ଼ ଦାଣ୍ଡ ଏକ ଜନ ସମୁଦ୍ରରେ ପରିଣତ ହୋଇ ଥିଲା। ବିଗ୍ରହମାନଙ୍କର ବାହୁଡ଼ା ଯାତ୍ରା ପହଣ୍ଡି ବିଜେ ଦେଖିବା ପାଇଁ ଆଜି ତିନି ରଥ କର୍ଡନ୍ ସମ୍ମୁଖରେ ଭକ୍ତମାନେ ଚାତକ ନୟନରେ ଅନାଇ ରହି ଥିଲେ। ଝିପ ଝିପ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁ ମାନେ ଛିଡ଼ା ହୋଇ ବିଗ୍ରହମାନଙ୍କର ପହଣ୍ଡି ବିଜେ ଦେଖି ଥିଲେ। ବିଗ୍ରହମାନେ ମୁଣ୍ଡରେ ଟାହିଆ ଲାଗି ହୋଇ ଧାଡ଼ି ପହଣ୍ଡିରେ ଝୁଲି ଝୁଲି ଗୁଣ୍ଡିଚା ମନ୍ଦିରରୁ ରଥ ନିକଟକୁ ପହଣ୍ଡି ବିଜେ କରି ଥିଲେ।

ଶନିବାର ଭୋରରୁ ଗୁଣ୍ଡିଚା ମନ୍ଦିରର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହୋଇ ଥିଲା। ପରେ ମଙ୍ଗଳ ଆଳତି, ଅବକାଶ, ତଡ଼ପ ଲାଗି ଆଦି ବିଭିନ୍ନ ନୀତି କାନ୍ତି ଅନୁଷ୍ଠିତ ହୋଇ ଥିଲା। ସକାଳ ୮ ଟା ୪୦ ମିନିଟରେ ବିଗ୍ରହ ମାନଙ୍କର ସକାଳ ଧୂପ ଖେଚୁଡ଼ି ଭୋଗ ହୋଇ ଥିଲା। ସକାଳ ୯ ଟା ୫୦ ମିନିଟରେ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇ ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହୋଇ ଥିଲା। ସକାଳ ୯ ଟା ୫୫ ମିନିଟରେ ବିଗ୍ରହ ମାନଙ୍କର ପହଣ୍ଡି ଆରମ୍ଭ ହୋଇ ମଧ୍ୟାହ୍ନ ୧୨ ଟା ୩୦ ମିନିଟ ସୁଦ୍ଧା ଶେଷ ହୋଇ ଥିଲା। ଘଣ୍ଟିଆମାନଙ୍କର ଘଣ୍ଟ, ଘଣ୍ଟା, ମର୍ଦ୍ଦଳ ବାଦ୍ୟ ଓ କାହାଳୀ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠି ଥିଲା ଗୁଣ୍ଡିଚା ମନ୍ଦିର ଓ ଶରଧାବାଲି। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠି ଥିଲା ଶରଧାବାଲି। ସରଧା ବାଲି ଓ ଏହାର ଚତୁର ପାର୍ଶ୍ୱର ସୃଷ୍ଟି ହୋଇ ଥିଲା ଏକ ଭକ୍ତି ମୟ ଓ ଆଧାତ୍ମିକ ପରିବେଶ। ଘଣ୍ଟିଆ ମାନଙ୍କର ଘଣ୍ଟ ଘଣ୍ଟା ତାଳେ ବିଗ୍ରହମାନଙ୍କୁ ପହଣ୍ଡି ବିଜେ କରି ଥିଲେ ଦଇତା ପତି ସେବକମାନେ।

ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡି ହୋଇ ରଥ ଉପରେ ଅଧିଷ୍ଠିତ ହୋଇ ଥିଲେ। ପରେ ବଡ ଠାକୁର ବଳଭଦ୍ର ପହଣ୍ଡି ବିଜେ ହୋଇ ତାଳଧ୍ୱଜ ରଥରେ ଅଧିଷ୍ଠିତ ହୋଇ ଥିଲେ। ପରେ ଦେବୀ ସୁଭଦ୍ରା ପହଣ୍ଡି ହୋଇ ଦର୍ପଦଳନ ରଥରେ ଅଧିଷ୍ଠିତ ହୋଇ ଥିଲେ। ଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପହଣ୍ଡି ହୋଇ ତାଳଧ୍ୱଜ ରଥ ଉପରେ ଅଧିଷ୍ଠିତ ହୋଇ ଥିଲେ। ପରେ ତିନି ରଥ ଛେରା ପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୨ ଟା ୪୦ ମିନିଟ ସୁଦ୍ଧା ତିନି ରଥ ଛେରା ପହଁରା ନୀତି ସମ୍ପନ୍ନ ହୋଇ ଥିଲା। ଗଜପତି ମହାରାଜ ଦିବ୍ୟସିଂହ ଦେବ ହାତରେ ସୁନା ଝାଡ଼ୁ ଧରି ସୁଗନ୍ଧିତ ଜଳ ଛିଞ୍ଚନ କରି ରଥ ଉପରେ ଛେରା ପହଁରା ନୀତି ସମ୍ପନ୍ନ କରି ଥିଲେ। ଅପରାହ୍ନ ୨ ଟା ୫୦ ମିନିଟରେ ରଥ ଟଣା ଆରମ୍ଭ ହୋଇ ଥିଲା। ରାତ୍ର ୯ ଟା ୩୦ ମିନିଟ ସୁଦ୍ଧା ତିନି ରଥ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ସିଂହଦ୍ୱାର ସମ୍ମୁଖରେ ଲାଗିଛନ୍ତି। ବାଟରେ ମହାପ୍ରଭୁ ଜଗନ୍ନାଥ ବଳଗଣ୍ଡି ଛକ ନିକଟରେ ମାଉସୀ ମା ମନ୍ଦିରରେ ପାରମ୍ପରିକ ବିଧି ଅନୁସାରେ ପୋଡ ପିଠା ଭୋଗ ଖାଇ ଥିଲେ। ସେଠାରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ି ଥିଲେ।

ସେହିପରି ରାଜନଅର ନିକଟରେ ମହାପ୍ରଭୁଙ୍କ ଲକ୍ଷ୍ମୀ ନାରାୟଣ ଭେଟ ନୀତି ଅନୁଷ୍ଠିତ ହୋଇ ଥିଲା। ପରେ ନନ୍ଦିଘୋଷ ରଥ ଟଣା ହୋଇ ଶ୍ରୀମନ୍ଦିର ସମ୍ମୁଖରେ ଲାଗି ଥିଲା। ବିଗ୍ରହମାନଙ୍କର ବାହୁଡ଼ା ଯାତ୍ରା ପାଇଁ ଆଜି ସମସ୍ତ ନୀତି କାନ୍ତି ସଅଳ ଓ ଶୃଙ୍ଖଳିତ ହୋଇ ଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମସ୍ତ ବ୍ୟବସ୍ଥାକୁ ମୁଖ୍ୟ ମନ୍ତ୍ରୀଙ୍କ ଉପଦେଷ୍ଟା ତଥା ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ଓ ଏଡିଜି ସଞ୍ଜୀବ ପଣ୍ଡା ଉପସ୍ଥିତ ରହି ଅନୁଧ୍ୟାନ କରୁ ଥିବା ଦେଖା ଯାଇ ଥିଲା। ଖୋଦ୍ ପୋଲିସ ଡ଼ିଜି ୱାଇ.ବି.ଖୁରାନିଆ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରୁ ଥିବା ବେଳେ କର୍ଡନ୍ ଭିତରେ ଭିଡ ନିୟନ୍ତ୍ରଣ ପାଇଁ ଏଡ଼ିଜି ଅମିତାଭ ଠାକୁର ଉପସ୍ଥିତ ଥିବା ଦେଖା ଯାଇ ଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଉପସ୍ଥିତ ରହି ନୀତି କାନ୍ତି ଦେଖୁ ଥିବା ବେଳେ ରଥ ଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଥିବା ଅତିରିକ୍ତ ପୋଲିସ ଡ଼ିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ ଚଞ୍ଚଳ କୁମାର ରଣା, ଏସପି ଦାୟିତ୍ୱରେ ଥିବା ଡିଆଜି ପିନାକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ପ୍ରସାସନି କ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆଜିର ଏହି ବାହୁଡ଼ା ଯାତ୍ରା ସମୟରେ ଶରଧା ବାଲି ମୁକ୍ତା ଅଶ ମଣ୍ଡପରେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ କୁମାର ପୂଜାରୀ, ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜ୍ୟ ପରିବହନ ବିଭାଗ ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ପୁରୀ ଲୋକ ସଭା ସାଂସଦ ସମ୍ବିତ ପାତ୍ର, ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ଓ ପିପିଲି ବିଧାୟକଙ୍କ ସମେତ ବହୁ ରାଜ ନେତା ଓ ବିଚାରପତି ମାନେ ଉପସ୍ଥିତ ଥିଲେ। ଆସନ୍ତା କାଲି ହରିଶୟନ ଏକାଦଶୀ ରେ ଅନୁଷ୍ଠିତ ହେବ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦୁର୍ଲଭ ସୁନା ବେଶ। ମହଣ ମହଣ ସ୍ୱର୍ଣ୍ଣ ଅଳଙ୍କାର ରେ ଆଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି।

### ସୁପ୍ରିମ୍‌କୋର୍ଟରେ...

ନାଗରିକ ବୋଲି ନୂଆ ତଥ୍ୟ ଦେବେ। ଆଧାର ଓ ରାସନ କାର୍ଡକୁ ବାଦ୍ ଦିଆଯାଇଛି। ଫଳରେ ବିହାରର ଗ୍ରାମାଞ୍ଚଳରେ ରହୁଥିବା ଗରିବ ଓ ଅତି ଗରିବ ଭୋଟରମାନେ କ୍ଷତିଗ୍ରସ୍ତ ହେବେ। ଏତେ କମ୍ ସମୟ ମଧ୍ୟରେ ଏତେ ସଂଖ୍ୟକ ତଥ୍ୟ ଯୋଗାଡ କରିବା ମଧ୍ୟ ଅସମ୍ଭବ ହୋଇପଡିଛି। ଏହାଦ୍ୱାରା ଲକ୍ଷାଧିକ ପ୍ରକୃତ ଭୋଟର ତାଲିକାରୁ ବାଦ୍ ପଡିବେ। ଏସ୍ଆଇଆର୍ ଗାଇଡ୍‌ଲାଇନ୍ ଅନୁଯାୟୀ ୨୦୦୩ ଭୋଟର ତାଲିକାରେ ଯେଉଁମାନେ ତାଲିକାଭୁକ୍ତ ହୋଇନଥିବେ ସେମାନଙ୍କ ପାଇଁ ଏହା ଆବଶ୍ୟକ ପଡିଛି। ୨୦୦୪ ଡିସେମ୍ବର ପରେ ଯେଉଁମାନେ ଜନ୍ମ ହୋଇଛନ୍ତି, ସେମାନେ ସେମାନଙ୍କ ବାପା-ମା'ଙ୍କ ଜନ୍ମ ପ୍ରମାଣପତ୍ର ଦେବେ। ଯଦି ସେମାନଙ୍କ ଅଭିଭାବକ ବିଦେଶୀ ହୋଇଥିବେ ତା'ହେଲେ ସେମାନେ ପାସ୍‌ପୋର୍ଟ ଓ ଭିସା ଓ ଆବେଦନକାରୀଙ୍କ ଜନ୍ମ ସମ୍ପର୍କରେ ଉଲ୍ଲେଖ କରିବେ। ଏଡିଆର୍ ପକ୍ଷରୁ କୁହାଯାଇଛି ଯେ ବିହାରରେ ଏହା ନିହାତି ଅବାସ୍ତବ। ବିହାରରେ ଜନ୍ମ ପଞ୍ଜୀକୃତ ସ୍ତର ଅତ୍ୟନ୍ତ ନିମ୍ନ। ଅଧିକାଂଶ ଭୋଟରଙ୍କର କୌଣସି ସରକାରୀ ତଥ୍ୟ ନାହିଁ। ବିହାରର ୩କୋଟି ଭୋଟର ଏହି ମାନଦଣ୍ଡ ପୂରଣ କରିପାରିବେ ନାହିଁ, ତେଣୁ ସେମାନଙ୍କ ନାଁ ଭୋଟର ତାଲିକାରୁ କଟିଯିବ। ଜନପ୍ରତିନିଧି ଆଇନ ୧୯୫୦ର ଧାରା ୨୧ (୩) କେବଳ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ପାଇଁ ଅନୁମତି ରହିଛି। ଏଡିଆର୍ ଅଭିଯୋଗ କରିଛି ଯେ ଇସିଆଇଙ୍କ ନିର୍ଦ୍ଦେଶନାମା ଯୁକ୍ତିଯୁକ୍ତ ନୁହେଁ। ଅକ୍ଟୋବର ୨୦୨୪ରୁ ୨୦୨୫ ଜାନୁଆରୀରେ ବିହାରରେ ଭୋଟର ତାଲିକା ସଂଶୋଧନ ହୋଇଛି। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବାର କୌଣସି ଅଭିଯୋଗ ନାହିଁ। ମାତ୍ର ବିଧାନସଭାର କେଇ ମାସ ପୂର୍ବରୁ ଏହା ପ୍ରଣୟନ ଗୁରୁତର ଚିନ୍ତା ପ୍ରକଟ କରିଛି। କମ୍ ସମୟ ମଧ୍ୟରେ ଇସିଆଇ ଗାଇଡ୍‌ଲାଇନ ଦେଇଛନ୍ତି। ଜୁଲାଇ ୨୫ ମଧ୍ୟରେ ତଥ୍ୟ ଦେବାକୁ କୁହାଯାଇଛି। ପ୍ରଥମେ ଡ୍ରାଫ୍ଟ ରୋଲ୍ ଆସିବ ଏବଂ ସେପ୍ଟେମ୍ବର ୩୦ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଇସିଆଇଙ୍କ ନିର୍ଦ୍ଦେଶନାମା ଉପରେ ତୁରନ୍ତ ସ୍ଥଗିତାଦେଶ ଦେବାକୁ ଏଡିଆର୍ ଅନୁରୋଧ କରିଛି। ଲକ୍ଷାଧିକ ଭୋଟରଙ୍କ ସ୍ୱାର୍ଥ ଲାଗି ଏହି ପଦକ୍ଷେପ ନିଆଯାଉ।

## ଡାକ୍ତରଙ୍କ ରୋଗୀସେବା ଦକ୍ଷତା ବୃଦ୍ଧି ପାଇଁ ସି.ଡି.ଏମ.ଓ.ଙ୍କ ପଦକ୍ଷେପ

ଭଣ୍ଡାରିପୋଖରୀ,ତା(ସବ୍ୟୁ) :ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ରୋଗୀସେବା ଦକ୍ଷତା ବୃଦ୍ଧି ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସୁଧିର ରଞ୍ଜନ ନାୟକ ଶନିବାର ଡାକ୍ତରମାନଙ୍କ ସହ ବୈଠକ କରିଛନ୍ତି। ସୀମିତ ସମ୍ବଳକୁ ଦୃଷ୍ଟିରେ ରଖି ଡାକ୍ତରମାନେ ସମ୍ମୁଖିନ ହେଉଥିବା ସମସ୍ୟା ମଧ୍ୟରେ ରୋଗୀ ସେବାର ବିଭିନ୍ନ ଦିଗ ସମ୍ପର୍କରେ ସି.ଡି.ଏମ.ଓ. ଉପାଦେୟ ପରାମର୍ଶ ଦେଇଥିଲେ। ଶନିବାର ପୂର୍ବାହ୍ନରେ ସି.ଡି.ଏମ.ଓ. ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି, ଅଭାବ ଓ ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିବା ସହ ଡାକ୍ତରମାନଙ୍କ ସହ ବୈଠକରେ ମିଳିତ ହୋଇ ରୋଗୀସେବା ସମ୍ପର୍କୀୟ ପରାମର୍ଶ ଦେଇଥିଲେ। ସି.ଡି.ଏମ.ଓ. ଭାବେ ଦାଇତ୍ୱ ଗ୍ରହଣ କରିବା ପରେ ଏହା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ଗସ୍ତ ଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମାର୍ଗଦର୍ଶିକା ଅନୁଯାୟୀ ରୋଗୀସେବା କରାଯିବା ଉପରେ ସି.ଡି.ଏମ.ଓ. ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ମୁଖ୍ୟତଃ ରୋଗୀସେବା ଆଧାରିତ ପରାମର୍ଶମୂଳକ ଥିଲା ବୋଲି ସି.ଡି.ଏମ.ଓ. ଡା ନାୟକ ସୂଚନା ଦେଇଥିଲେ। ଇତି ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଇ.ସି.ଜି. ମେସିନ ଯୋଗାଇ ଦିଆଯାଇଛି। ରୋଗୀମାନେ ପରୀକ୍ଷା ପାଇଁ ଆଉ ବାହାରକୁ ଯିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଥିବାରୁ ଅସ୍ତ୍ରୋପଚାର ଗୃହକୁ କାର୍ଯ୍ୟକ୍ଷମ କରି ତୁରନ୍ତ ସର୍ବନିମ୍ନ ଅସ୍ତ୍ରୋପଚାର ଆରମ୍ଭ କରାଯିବାକୁ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ଇଚ୍ଛା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିକ୍ଷକ ଡା. କମଳାକାନ୍ତ ସ୍ୱାଇଁ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା ସରୋଜ କୁମାର ରାଉଳ, ଡା. ସୁଧାଂଶୁ ଶେଖର ବେହେରା, ଡା. ସୌମ୍ୟରଞ୍ଜନ ରାଉତ, ଡା. ଦେବବ୍ରତ ବିଶ୍ୱାଳ, ଡା. ନବୀନ ପରିଡା, ଡା. ମାଷ୍ଟର ବିଶାଳ ବୈଠକରେ ଉପସ୍ଥିତ ଥିଲେ। ବ୍ଲକ ଯୋଜନା ପରିଚାଳକ ରଶ୍ମିରେଖା ପୃଷ୍ଟି, ଫାର୍ମାସୀ ଅଧିକାରୀ ଶୁଭ୍ରକାନ୍ତ ପଣ୍ଡା, ଜନସ୍ୱାସ୍ଥ୍ୟ ଅଧିକାରୀ ପୃଥିରାଜ ପୋଥାଳ ପ୍ରମୁଖ ସି.ଡି.ଏମ.ଓ.ଙ୍କୁ ସ୍ୱାଗତ କରିଥିଲେ। ଏଥିପୂର୍ବରୁ ସି.ଡି.ଏମ.ଓ. ଡା. ନାୟକ ମଞ୍ଜୁରୀରୋଡ ଓ ବାରିକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀସେବା ଅନୁଧ୍ୟାନ କରିଥିଲେ।

## ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ବାହୁଡାଯାତ୍ରା

ଭଣ୍ଡାରିପୋଖରୀ,ତା(ସବ୍ୟୁ):ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ବାହୁଡା ଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟ ମହାପାତ୍ର ଛେରାପହରା କରିଥିଲେ। ଘଣ୍ଟ, ଘଣ୍ଟା, ସଙ୍କିର୍ତ୍ତନ ଏବଂ ହରିବୋଲ, ହୁଳହୁଳି ଧ୍ୱନୀ ମଧ୍ୟରେ ପହଣ୍ଡି ବିଜେ କରାଯାଇ ଶ୍ରୀଜୀଉଙ୍କୁ ରଥଉପରକୁ ଅଣାଯାଇଥିଲା। ଅଧିକାରୀ ପ୍ରଫୁଲ୍ଲ ଦାସ, ଫକିର ଚରଣ ଧଳ, ପୂଜକ ଗଦାଧର ମିଶ୍ର ଓ ରଘୁନାଥ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ପାରମ୍ପାରିକ ରୀତିନୀତି ଅନୁଯାୟୀ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମାଉସୀ ମା' ମନ୍ଦିରରୁ ରଥ ଟାଣିଥିଲେ। ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷାକରିଥିଲେ। ଗ୍ରାମବାସୀମାନେ ଯାତ୍ରାକାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ବ୍ଲକର କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାଆମୀ ପଞ୍ଚାୟତର ସୋଲାପୁର ଶ୍ରୀଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ। ବୟାବନାପୁର ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଭରତ ଚନ୍ଦ୍ର ମହାଲିକଙ୍କ ସହ ଗ୍ରାମବାସୀମାନେ ବିଧିମତେ ବାହୁଡା ଯାତ୍ରା ସମ୍ପାଦନା କରିଥିଲେ। ସ୍ଥାନୀୟ ସରପଞ୍ଚମିନତୀ ସାହୁ ପ୍ରମୁଖ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ। ଏକବୋଲା ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ତେସିଙ୍ଗା ପଞ୍ଚାୟତର ବନସ୍ତା, କୁରିଗାଁ, ଝୁଟଣା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସରପଦା, ସୁଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି।

## ଆଜି ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟା ଜଳ

ସମ୍ବଲପୁର, ୫।୭ (ସବ୍ୟୁ) : ଚଳିତ ବର୍ଷ ହୀରାକୁଦ ନଦୀବନ୍ଧର ପ୍ରଥମ ବନ୍ୟାଜଳ ରବିବାର ନିଷ୍କାସିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଯାଇଛି। ନଦୀତଟରେ ବାସ କରୁଥିବା ତଥା ନଦୀ ଗର୍ଭକୁ ଯାଉଥିବା ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଆଗୁଆ ସତର୍କ କରି ଦିଆଯାଇଛି। ତଳମୁଣ୍ଡରେ ବିଭିନ୍ନ ସ୍ଥାନରେ ଜଳସ୍ତର ପ୍ରତି ନଜର ରଖିବା ପାଇଁ ବ୍ୟବସ୍ଥା ମଧ୍ୟ ହୋଇଛି। ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିଥିବା ବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୮.୦୬ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୨ହଜାର ୮୫୨ ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ୩୭ହଜାର୭୯୩ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ଘଣ୍ଟା ମଧ୍ୟରେ ଉପର ମୁଣ୍ଡରେ ୧୦.୪୯ମିଲିମିଟର ଓ ତଳ ମୁଣ୍ଡରେ ୭.୬୪ମିଲିମିଟର ହାରାହାରି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ୩୪ହଜାର ୪୯୧ଘନଫୁଟ୍ ଜଳ ପାଓ୍ୱାର ଚ୍ୟାନେଲ, ୩ହଜାର ୬୮ଘନଫୁଟ୍ ଜଳ କେନାଲ ଓ ୨୩୪ଘନଫୁଟ୍ ଜଳ କଳକାରଖାନାକୁ ପ୍ରବାହିତ ହେଉଛି। ଲଗାଣ ବର୍ଷା ଯୋଗୁଁ ମହାନଦୀର ବେଲଗାଁରେ ୧୨ହଜାର ଘନଫୁଟ ଜଳ, ପର୍ଥଲାରେ ୩୯ହଜାର ୫୧୬ ଘନଫୁଟ ଜଳ ପ୍ରବାହିତ ହେଉଛି। ସେହିପରି ଖଇରମାଳରେ ୮୮୬ହଜାର, ବରମୂଳରେ ୯୦ହଜାର ଓ ମୁଣ୍ଡଳୀରେ ୧ଲକ୍ଷ ୩୮ ହଜାର ୧୩୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ଜଣାପଡିଛି। ସୂଚନା ଯୋଗ୍ୟ, ସାରା ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ହୀରାକୁଦ ଡ୍ୟାମର ଉପରମୁଣ୍ଡ ଛତିଶଗଡରେ ମଧ୍ୟ ବର୍ଷା ହେଉଥିବା ବେଳେ ଜଳସ୍ତର ଦ୍ରୁତ ବେଗରେ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ଜୁଲାଇ ୬ତାରିଖ ଦିନ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ପୂର୍ବାହ୍ନ୧୦ଟାରେ ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲାଯିବ ବୋଲି ମହାନଦୀ ଅବବାହିକା ମୁଖ୍ୟଯନ୍ତ୍ରୀ ଇଂ. ସୁଶୀଲ ବେହେରା ସୂଚନା ଦେଇଛନ୍ତି।

## କିଚିରି ମିଚିରି ଶିଶୁ-କିଶୋର ପତ୍ରିକାର ରଥ ସଂଖ୍ୟା ଉନ୍ମୋଚିତ

ବାଲେଶ୍ୱର, (ସବ୍ୟୁ) : ଶିଶୁମାନେ ହିଁ ପ୍ରତିଟି ଦେଶର ମୂଳଧନ ଓ ପୁଞ୍ଜି। ଶିଶୁମାନଙ୍କୁ ପୋଷଣ ଓ ମୁକ୍ତ ଜୀବନ ଯୋଗାଇ ଦେବାରେ ଯେଉଁ ଦେଶ ଯେତେ ସଫଳ ହୋଇଥାଏ, ସେ ଦେଶ ସେତେ ସଫଳ ହୋଇଥାଏ। ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରଖି ସେମାନଙ୍କୁ ପୁସ୍ତକର ବର୍ଣ୍ଣିଳ ଓ ବିଚିତ୍ର ଜଗତ ସହିତ ଅଧିକରୁ ଅଧିକ ପରିଚିତ କରେଇ ପାରିଲେ ସେମାନେ ଜୀବନରେ ନିଶ୍ଚିତ ରୂପେ ଅଧିକ ସଫଳ ଓ ସମୃଦ୍ଧ ହୋଇପାରନ୍ତି ବୋଲି ବାଲେଶ୍ୱରରୁ ପ୍ରକାଶ ପାଉଥିବା ଶିଶୁ-କିଶୋର ପତ୍ରିକା କିଚିରି ମିଚିରିର ରଥ ସଂଖ୍ୟାକୁ ଉନ୍ମୋଚନ କରି ଅତିଥି ବକ୍ତାମାନେ କହିଛନ୍ତି। ୩ ତାରିଖ ସନ୍ଧ୍ୟାରେ ବହିଘର-ବିଦ୍ୟାଭାରତୀ ସଭାଗୃହଠାରେ କବି ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡକଫର ରାଧାରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବ୍ରଜେନ୍ଦ୍ର ଗିରି ଏବଂ ଅତିଥି ବକ୍ତା ଭାବେ ଶିଳ୍ପୀ କେଶୁ ଦାସ, କବି ବିଜୟ ଦାସ, ଅଧିକାରୀ, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପତ୍ରିକାର ମୁଖ୍ୟ ସମ୍ପାଦକ ପୀତାମ୍ବର ଦାସ ଓ ସମ୍ପାଦିକା ମୋନାଲିସା ପ୍ରଧାନ। ମଂଚ ଆହ୍ୱାନ କରିଥିଲେ କବି ପଦ୍ମଲୋଚନ ପ୍ରଧାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ନାଟ୍ୟକାର ବିଦ୍ୟାଧର ସାହୁ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ମଞ୍ଜୁଲତା ବଳ, ବିଦ୍ୟାଧର ନାୟକ, ରମେଶ ବେହେରା, ଲଳିତ ମୋହନ ଦାସ, ତୀର୍ଥରଞ୍ଜନ ବଳ, ସରିତା ସାମଲ ଓ ଆଶ୍ରିତା ତରେଇ।

## ଶ୍ରୀଗୁଣ୍ଡିଚା ମନ୍ଦିରରେ ଲୀଳାଖେଳା ସାରି ବାହୁଡା ଯାତ୍ରା ଲାଗି ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି

ନୀଳଗିରି, (ସବ୍ୟୁ) : ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରେ ଲୀଳାଖେଳା ସାରିବା ପରେ ରତ୍ନବେଦୀକୁ ବାହୁଡା ଉଦ୍ଦେଶ୍ୟରେ ଯଥାରୀତି ନିତିକ୍ରାନ୍ତି ଅନୁସାରେ ଶନିବାର ଅପରାହ୍ନରେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡ଼ଠାକୁର ବଳଭଦ୍ର, ଏହାପରେ ଦେବୀ ସୁଭଦ୍ରା ଓ ଶେଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି ହୋଇ ରଥାରୂଢ ହୋଇଥିଲେ। ପରେ ରାମକୃଷ୍ଣ ମୋଦନ ମୋହନ ଆସିଥିଲେ। ନୀଳଗିରିର ଆଦିସେବକ ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରିଥିବା ବେଳେ ପଣ୍ଡା ପଡ଼ିଆରୀ ରଥାରୂଢ଼ କରାଇ ଥିଲେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ। ପହଣ୍ଡି ସମୟରେ ନାମ ସଂକୀର୍ତ୍ତନ, ଶଙ୍ଖ, ମହୁରୀ, ଘଣ୍ଟବାଦ୍ୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପ୍ରକମ୍ପିତ ହୋଇଥିବା ବେଳେ ସେଠାରେ ଲୋକାରଣ୍ୟ ହୋଇ ପଡ଼ିଥିଲା। ଏହି ବାହୁଡା ପହଣ୍ଡି ଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଆଇ.ଏ.ସ୍. ପ୍ରବେସନର ଭଗତକଲ୍ୟାଣ ରାଓଙ୍କ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ଉପ-ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଲୋକ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଚାଲିଥିବା ପ୍ରଦର୍ଶନୀ ମେଳାରେ ଦେଖିବାକୁ ମିଳିଥିଲା।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବନମହୋତ୍ସବ

ଭଦ୍ରକ,ତା(ସବ୍ୟୁ):ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ପୌରହିତ୍ୟରେ ସାତଭଉଣୀ ଉଚ୍ଚ ବିଦ୍ୟାପୀଠ, ଭଦ୍ରକ ପରିସରରେ ବନମହୋତ୍ସବ ପାଳନ ନିମିତ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶର ସୁସ୍ଥ ବାତାବରଣ ନିମିତ୍ତ ବୃକ୍ଷରୋପଣ ନିହାତି ଜରୁରୀ, ପରିବେଶ ସୁସ୍ଥ ରହିଲେ ମଣିଷ ମଧ୍ୟ ସୁସ୍ଥ ଜୀବନ ଯାପନ କରିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ, ପୋଲିସ୍ ବିଭାଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ସହକାରୀ ସଂରକ୍ଷଣ ବନ୍ୟ ଅଧିକାରୀ ସୁମିତ ମହାନ୍ତି ଏବଂ ଭଦ୍ରକ ଉପଖଣ୍ଡ ଅଧିକାରୀ ପ୍ରିତିରାଣୀ ଦାସ ତଥା ସାତଭଉଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଭାମାମଣୀ ଦାସଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ଟ୍ରିଫେମିଲିର ସଦସ୍ୟଗଣ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଗଣ, ପ୍ୟାନେଲ ଓକିଲ, ବନ୍ୟପ୍ରାଣୀ ଭଦ୍ରକର କର୍ମକର୍ତ୍ତା ଗଣ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣର ସମସ୍ତ କର୍ମଚାରୀଗଣ ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ।

## ଉଚ୍ଚ ଶିକ୍ଷା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ମୃତ ଅଧ୍ୟାପକଙ୍କୁ ବଦଳି ନିର୍ଦ୍ଦେଶ

ବାଲେଶ୍ୱର, (ସବ୍ୟୁ) : ଜନୈକ ଅଧ୍ୟାପକ ମୃତ୍ୟୁବରଣ କରିବାର କିଛିମାସ ପରେ ତାଙ୍କୁ ଗୋଟିଏ କଲେଜରୁ ଅନ୍ୟ ଗୋଟିଏ କଲେଜକୁ ବଦଳି କରାଯିବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ସିମୁଳିଆ ଠାରେ ଥିବା ସିମୁଳିଆ ଡିଗ୍ରୀ କଲେଜର ଅର୍ଥଶାସ୍ତ୍ର ବିଭାଗରେ ବିନୟ କୁମାର ଲେଙ୍କା ନାମକ ଜଣେ ଅଧ୍ୟାପକ ଥିଲେ। ଶ୍ରୀ ଲେଙ୍କା କିଡ଼ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଗତ ୨୦୨୩ ମସିହା ନଭେମ୍ବର ମାସ ୨୨ ତାରିଖରେ ପ୍ରାଣ ହରାଇଥିଲେ। ମାତ୍ର ଏବେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୩୩୭୪୪/ଏଚ୍ଇ ତାରିଖ ୨୬/୦୬/୨୦୨୫ ରିଖ ମୂଳେ ମୃତ ଅଧ୍ୟାପକ ଶ୍ରୀ ବିନୟ କୁମାର ଲେଙ୍କାଙ୍କୁ ଭଦ୍ରକ ମହିଳା ଡିଗ୍ରୀ ମହାବିଦ୍ୟାଳୟକୁ ବଦଳି କରାଯାଇଛି। ଏହି ଘଟଣା ଜଣା ପଡ଼ିବା ପରେ ଏବେ ସାଧାରଣରେ ଚର୍ଚ୍ଚା ହୋଇଛି ଯେ ଜଣେ ଅଧ୍ୟାପକ ମୃତ୍ୟୁବରଣ କରିବାର ଦୀର୍ଘ ମାସ ବିତିଯାଇଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗ ପାଖରେ ଏବାବଦରେ କିଭଳି ଖବର ନାହିଁ ଓ ମୃତ ଅଧ୍ୟାପକଙ୍କୁ ଗୋଟିଏ କଲେଜରୁ ଅନ୍ୟଗୋଟିଏ କଲେଜକୁ ବଦଳି କରାଯାଉଛି। ଏବେ ଡବଲ ଇଂଜିନ୍ ସରକାର କାର୍ଯ୍ୟ କରୁଥିବା ବେଳେ ସେହି ସରକାରଙ୍କ ଅଧିନରେ ଥିବା ଉଚ୍ଚ ଶିକ୍ଷା ବିଭାଗର ସ୍ୱଚ୍ଛତା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସପ୍ତାହେ ଯାଏଁ ଉପକୂଳରେ ବର୍ଷା କମିବ: ପଶୁପାଳକ

ଭୁବନେଶ୍ୱର, ୫।୭ (ସବ୍ୟୁ): ରାଜ୍ୟରେ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି। ଆସନ୍ତାକାଲି(ରବିବାର) ବିଭିନ୍ନ ଜିଲ୍ଲାକୁ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେବେ ଆସନ୍ତା ୯ ତାରିଖ ଯାଏଁ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼ ଓ ସମ୍ବଲପରରେ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଭଦ୍ରକ ଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଉପକୂଳ ଜିଲ୍ଲାରେ ୬ ଓ ୭ ତାରିଖରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହେବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ରେ ୮ ଯାଏଁ ଓ ପଶ୍ଚିମ ଓଡ଼ିଶାରେ ସମ୍ବଲପୁରରୁ କାଳାହାଣ୍ଡି ସୀମାନ୍ତ ଜିଲ୍ଲାରେ ୯ ପର୍ଯ୍ୟନ୍ତ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି।

ଶ୍ରୀ ପଶୁପାଳକ କହିଛନ୍ତି ଯେ, ବର୍ତ୍ତମାନ ଲଘୁଚାପ କ୍ଷେତ୍ର ଝାଡ଼ଖଣ୍ଡର ଧାନବାଦ ଉପରେ ରହିଛି। ତାହା ୨ରୁ ୩ ଦିନ ପାଖାପାଖି ସେହି ଅଞ୍ଚଳରେ ରହିବ। ତାପରେ ପଶ୍ଚିମ ଝାଡ଼ଖଣ୍ଡ ଓ ସଂଲଗ୍ନ ମଧ୍ୟପ୍ରଦେଶରେ ଦୁଇଦିନ ରହି ତାପର ଦୁଇଦିନ ପ୍ରୟାଗରାଜ ଓ ପାଟରା ମଧ୍ୟରେ ରହିବ। ଫଳତଃ ଉପକୂଳ ଆସ୍ତା ୮ରୁ ୧୨ ପର୍ଯ୍ୟନ୍ତ କାଁଭାଁ ବର୍ଷା ହୋଇପାରେ।

ତେବେ ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଥିବା ନଦୀର ଉପରମୁଣ୍ଡରେ ବର୍ଷା ହେବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ଯେଉଁଠାରେ ବି କମ ରହିଛି। ଫସଲ ବୁଣାବୁଣି ଓ ତଳି ପକାଇବା ପାଇଁ କମ ନାହିଁ। ଏଣୁ ଧାନ ତଳି ପକାନ୍ତୁ ଏବଂ ବୁଣାବୁଣି କରନ୍ତୁ। ମଡେଲରୁ ଜଣାପଡ଼ିଛି ଯେ, ଜୁଲାଇରେ ରାଜ୍ୟରେ ସ୍ୱାଭାବିକ ଓ ଅଗଷ୍ଟରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇପାରେ। ସେପ୍ଟେମ୍ବର ଓ ଅକ୍ଟୋବରରେ ମଧ୍ୟ ବର୍ଷା କମିବାର ସମ୍ଭାବନା ନାହିଁ।

## ଅଧିକ ବସ୍‌ଭଡା ଆଦାୟ ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ

ତିହିଡି, (ସବ୍ୟୁ) : ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଯାତ୍ରୀଙ୍କ ଠାରୁ ଅଧିକ ବସ ଭଡା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ତିହିଡି ଅଞ୍ଚଳବାସୀ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ଏ ଦିଗରେ କିଛି ପଦକ୍ଷେପ ନିଆ ନଯାଏ ତେବେ ସେମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ନିର୍ମଳ ଚନ୍ଦ୍ର ଦଳେଇ, ସତ୍ୟବ୍ରତ କୁଣ୍ଡ, ତପନ ପଣ୍ଡା, ରାଜକିଶୋର ଲେଙ୍କା, ନାରାୟଣ ଦାସ, ଶ୍ରୀକାନ୍ତ ପଣ୍ଡା, ସ୍ମୃତିରେଖା ପଣ୍ଡା, ମୁକ୍ତିକାନ୍ତ ଭୋଳ, ପୁରୁଷୋତ୍ତମ ବାରିକ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖଙ୍କ ଅଭିଯୋଗ ଅନୁସାରେ ସାଧାରଣ ବସରେ କିଲୋମିଟର ପିଛା ୮୮ପଇସା ଓ ଏକ୍ସପ୍ରେସ ବସରେ କିଲୋମିଟର ପିଛା ୯୨ ପଇସା ନେବାକୁ ସରକାରୀ ଭାବେ ଧାର୍ଯ୍ୟ ହୋଇଥିବା ବେଳେ ଏହା ଠାରୁ ଯଥେଷ୍ଟ ଅଧିକ ଭଡା ଆଦାୟ କରାଯାଉଛି। ଯାହାଫଳରେ ଯାତ୍ରୀ ମାନେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପକ୍ଷେ ଚଳପ୍ରଚଳ କରୁଥିବା ବସ ଗୁଡିକରେ ରେଟ ଚାଟ ଲଗାଯାଉ ନଥିବାରୁ ଯାତ୍ରୀମାନେ ସଠିକ୍ ଭଡା ସଂପର୍କରେ ଅବଗତ ହୋଇପାରୁ ନାହାନ୍ତି। ସେହିପରି ଏହି ରାସ୍ତାରେ ଚଳପ୍ରଚଳ କରୁଥିବା ଯାନବାହନ ଗୁଡିକ ମଧ୍ୟରୁ କେତେକ ଯାନର ଫିଟନେସ ଓ ପ୍ରଦୂଷଣ ପ୍ରମାଣପତ୍ର ନାହିଁ। ଏହିସବୁ ଯାନରୁ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ପ୍ରଦୂଷଣ ହେଉଛି। ୧୫ ବର୍ଷରୁ ଅଧିକ ହୋଇଥିବା ଯାନକୁ ଫିଟନେସ ପ୍ରମାଣପତ୍ର ମିଳିବାର ନିୟମ ନଥିଲେ ମଧ୍ୟ ସେଗୁଡିକ କିଭଳି ଚଳପ୍ରଚଳ କରୁଛନ୍ତି ତାହା ସେମାନଙ୍କୁ ଚକିତ କରିଛି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ପରିବହନ ବିଭାଗ ପକ୍ଷରୁ ଏଥିନେଇ ତଦନ୍ତ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

**AFFIDAVIT**

By virtue of an affidavit No-9203 Dtd. 03.04.2025, I. Shakuntala Patra, D/o-Late Bharat Patra, Vill-Raim, P.S.-Khantapada, Dist - Balasore. My actual name is "Shakuntala Patra" But in my Fixed deposit receipt No. 229526 my name has been unfortunately mentioned as "Swarna Lata Patra" instead of "Shakuntala Patra", Both are same & one person.

**CUTTACK MUNICIPAL CORPORATION**
**"e" PROCUREMENT NOTICE**
C-621
**Tender ID : 2025_ORULB_113869**
**Bid Reference No. MC(CMC)CTC_DIV-ii_NO. 09/2025-26**
**Tender Call Notice No. 8045 (PW) Date. 04.07.2025**

Name of Works : Civil Works.
No. of Works : 05 Nos.
Bid Value : Rs. 19.68 Lakh to 49.92 Lskh
Date of Completion : Six Calendar Months
Date and Time schedule :

| Start | End | Opening |
|---|---|---|
| 3.00 PM on dt. 05.07.2025 | 5.00 PM on dt. 17.07.2025 | 11.00 A.M. on dt. 21.07.2025 |

Tender Details : can be seen from the procurement portal www.tendersorissa.gov.in

Executive Engineer, City Div.-II
OIPR : 13031/11/0192/2526

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ବାଲିପଦ୍ମା ଶାଖା, ସା/ପୋ: ବାଲିପଦ୍ମା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୫୪
**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନଲିଖିତ ସ୍ୱର୍ଣ୍ଣ ଋଣ ଖାତାଧାରୀ, ତାଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେଇଥିବା ସତ୍ତ୍ୱେ ଋଣଗ୍ରହୀତା ଯଥା ସମୟରେ ତାଙ୍କର ସୁନା ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେ ବାଲିପଦ୍ମା ଶାଖାରେ ତାଙ୍କର ବକେୟା ଋଣ, ସୁଧ ସହିତ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ପରିଶୋଧ ନ କରନ୍ତି ତେବେ ତା.୧୬.୦୭.୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ବାଲିପଦ୍ମା ଶାଖାରେ ତାଙ୍କର ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ସର୍ବସାଧାରଣରେ ପ୍ରକାଶ୍ୟ ନିଲାମ କରାଯିବ। ଋଣଗ୍ରହୀତାଙ୍କର ଏ ସମ୍ପର୍କରେ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବନାହିଁ। ଋଣଗ୍ରହୀତା ମଧ୍ୟ ଉକ୍ତ ନିଲାମରେ ଅଂଶଗ୍ରହଣ କରିପାରିବେ। ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ଟ.୫,୦୦୦/- ମାତ୍ର ଅମାନତ ରୂପେ ଶାଖା ପରିଚାଳକଙ୍କ ନିକଟରେ ଜମା କରିବେ। ନିଲାମ ଡାକି କୌଣସି ବ୍ୟକ୍ତି ଯଦି ନିଲାମ ମୂଲ୍ୟ ବାବଦକୁ ସମସ୍ତ ଟଙ୍କା ଦେବାକୁ ଅକ୍ଷମ ହୁଅନ୍ତି, ତାହେଲେ ଜମା କରାଯାଇଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ। ପ୍ରକାଶ ଥାଉକି ଆବଶ୍ୟକ ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଧାର୍ଯ୍ୟ ନିଲାମକୁ ରଦ, ସ୍ଥଗିତ ବା ପରିବର୍ତ୍ତନ କରିପାରିବେ।

**ଋଣଗ୍ରହୀତାଙ୍କ ନାମ: ଦୀପକ କୁମାର ନାୟକ, ଋଣ ଆକାଉଣ୍ଟ ନଂ.: 43729222531, 43086270296**
ସ୍ଥାନ: ବାଲିପଦ୍ମା, ତାରିଖ: ୦୫.୦୭.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**GOVERNMENT OF ODISHA : ST & SC Development Department**
**OFFICE OF THE PROJECT ADMINISTRATOR, ITDA, NILGIRI**
**e-Procurement Notice**
**e-procurement Notice Bid Identification No. ITDANGR-01/2025-26**
**Notice No. 417 / ITDA, Date. 4.7.25**
CAD-1005
**CORRIGENDUM**

In Continuation to the office Bid Identification No. ITDANGR-01/2025-26 Notice No. 392/ITDA Dtd. 30.06.2025 the following change are hereby made.

Availability of Bids : 10.00 A.M. of 08.07.2025 to 5.00 P.M. of 23.07.2025 & Date of opening & security to technical bid : 11.00 A.M. of 24.07.2025 instead of availability of Bids : 10.00 A.M. of 05.07.2025 to 5.00 P.M. of 20.07.2025 & Date of opening & serutiny to technical bid : 11.00 A.M. of 21.07.2025 in the office of the PA, ITDA, Nilgiri, Other terms and Conditions remain unchanged.

The bidders have to participate in ONLINE bidding only. The details will be available in the website **www.tendersorissa.gov.in** from 10.00 AM of 08.07.2025 to 5.00 PM of 23.07.2025.

Sd/- Project Administrator, ITDA, Nilgiri
OIPR : 26055/11/0002/2526

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**
**Phone - 06842-254004, Email : sernbphulbani@gmail.com**
B-264
**INVITATION FOR BIDS (IFB)**
**Bid Identification No. CCE_R and B_PLB_05 of 2025 - 26**
**No. 1074 Dated. 30.06.2025**

| | | | |
|---|---|---|---|
| 1. | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | | |
| 2. | Nature of work | : | Building Works |
| 3. | No. of tenders | : | Two Nos. |
| 4. | Tender Cost | : | Rs. 10,000/- (through online) only. |
| 5. | Class of Contractor | : | B & A Class |
| 6. | Date & Time of sale & receipt of bids | : | 10.00 AM of 10.07.2025 to 5.00 PM of 24.07.2025 |
| 7. | Date of Opening of bid | : | 11.00 AM of 25.07.2025 |
| 8. | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

OIPR : 34129/11/0019/2526 — Sd/- Chief Construction Engineer, Phulbani (R&B) Circle, Phulbani

**OFFICE OF THE MUNICIPAL COUNCIL, JALESWAR**
**Tel. No. 06781 - 222407 Address : Near Tahasil Office, Jaleswar, 756032**
**E-mail : - jaleswarmunicipality@gmail.com**
Ref. No. 2044 — Date : 04.07.2025
C-622
**E-Procurement Notice**
**Bid Identification No - JM 02 2025 26**
**Notice Inviting to Detailed Tender Call Notice**

**Name of the work**:- "Privatisation of Sweeping of roads, cleaning of drains & Bush uprooting in both sides of roads and lifting of Municipal Solid Waste separately Wet & Dry Waste including other waste to the identified Micro Composting Centre (MCC) / Material Recovery facility (MRF) /Landfill Site/ Disposal Centers located at different places from W.No-1 to W.No.-17 within the Jaleswar Municipality area"

| | |
|---|---|
| Cost of DTCN | The Cost of Tender documents is 20,000/ |
| EMD | 1% of the total yearly estimated cost. |
| Period of contract | 1 year (from 01.08.2025 to 31.07.2026) |
| Start Date of Sale/download of DTCN | 11.00 A.M. of dt.05.07.2025 |
| Last Date of receiving pre-bid Queries | Upto 12.30 P.M. of dt.08.07.2025 (through e-mail only) |
| Last Date of Receipt of Tender | Upto 05.30 P.M. of dt.18.07.2025 |
| Date of pre bid meeting | 01.00 P.M. on dt.08.07.2025 (In the Office Chamber of the Executive Officer, Jaleswar Municipality) |
| Date of Opening of Technical Bid | 11.00 A.M. on dt.19.07.2025 |
| Date of opening of Financial Bid | 11.00 A.M. on dt.21.07.2025 |

Further Details can be seen/ downloading from e-procurement portal i.e. **https://www.tendersodisha.gov.in/nicgep/app.**

Sd/- Executive Officer, Jaleswar Municipality
OIPR : 13126/11/0022/2526

# କୋରାପୁଟ ସୁନାବେଡ଼ାସ୍ଥିତ ବିମାନ ଇଞ୍ଜିନ ଓ ଯନ୍ତ୍ରାଂଶ କାରଖାନା 'ହାଲ୍' ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କୋରାପୁଟ ଗସ୍ତରେ ସୁନାବେଡ଼ା ସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିଃ (ହାଲ୍) ପରିଦର୍ଶନ କରିବା ସହ ଆୟୋଜିତ ଏକ ବୈଠକରେ ଯୋଗଦେଇ ହାଲର ପ୍ରତିନିଧି ଦଳକୁ ବିଭିନ୍ନ ପ୍ରସ୍ତାବମାନ ଦେଇଛନ୍ତି ।

ଏମଆଇଜି ଓ ସୁଖୋଇ ସିରିଜ୍ ବିମାନ ପାଇଁ ଇଞ୍ଜିନ ଓ ଯନ୍ତ୍ରାଂଶ ନିର୍ମାଣ କରୁଥିବା ହାଲ୍ ବିଶ୍ୱରେ ସ୍ୱତନ୍ତ୍ର ଗୌରବ ଅର୍ଜନ କରିଛି । ଏଭିଓନିକ୍ସ, ଏରୋସ୍ପେସ୍, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ଏହାର ବର୍ଦ୍ଧିତ କ୍ଷମତାକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ଶ୍ରୀ ପ୍ରଧାନ କୋରାପୁଟରେ ଥିବା ସୁବିଧା ଅନୁସାରେ ହାଲ୍ ଆଧାରିତ ଏକ ସୁଦୃଢ଼ ଏମଏସଏମଇ କ୍ଲଷ୍ଟର ବିକଶିତ କରିବା ପାଇଁ ନେତୃତ୍ୱକାରୀ ଟିମକୁ ପରାମର୍ଶ ଦେଇଛନ୍ତି । ଏହା ସ୍ଥାନୀୟ ଲୋକମାନଙ୍କ ପାଇଁ ବୃହତ ନିଯୁକ୍ତି ଏବଂ ଉଦ୍ୟମିତା ସୁଯୋଗ ସୃଷ୍ଟି କରିବ । ଏହା ଦ୍ୱାରା ସ୍ଥାନୀୟ ବ୍ୟବସାୟ ମଧ୍ୟ ବୃଦ୍ଧି କରାଇବାରେ ସହାୟକ ହେବ ।



## କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ାର ସ୍କୁଲଗୁଡ଼ିକରେ ହାଲ୍ ଷ୍ଟେମ ଲ୍ୟାବ ବିକଶିତ କରିବାକୁ ପରାମର୍ଶ

ସେ କହିଥିଲେ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ାର ସ୍କୁଲଗୁଡ଼ିକରେ ହାଲ୍ ଷ୍ଟେମ ଲ୍ୟାବ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଶିକ୍ଷା ପରୀକ୍ଷାଗାର) ବିକାଶ କରିବା ଉପରେ କାମ କରିବା ଉଚିତ । ହାଲ୍ ଆଇଆଇଟି ମାଡ୍ରାସ ସହ ମିଶି ଏରୋସ୍ପେସ୍, ପ୍ରତିରକ୍ଷା ଏବଂ ଆନୁସଙ୍ଗିକ କ୍ଷେତ୍ରରେ ଡିପ୍ଲୋମା/ୟୁଜି ପାଠ୍ୟକ୍ରମ ପ୍ରଦାନ କରିବା ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ ସହିତ ମଧ ସହଯୋଗ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ସେ କହିଥିଲେ, ଏହି ପଦକ୍ଷେପଗୁଡ଼ିକ ସ୍କୁଲସ୍ତରରେ ଇନୋଭେସନକୁ ପ୍ରୋତ୍ସାହିତ କରିବ ଏବଂ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଉନ୍ନତ ଜ୍ଞାନ ସହିତ ପ୍ରତିଭାବାନ ମାନବ ସମ୍ବଳ ତିଆରି କରିବାରେ ସହାୟକ ହେବ ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସାମାଜିକ-ଆର୍ଥିକ ବିକାଶକୁ ଆଗେଇ ନେବା, ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବାରେ କୋରାପୁଟ ଡିଭିଜନର ହାଲ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ମଧ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ହାଲ୍ ସାମାଜିକ ଦାୟିତ୍ୱ ପଦକ୍ଷେପ(ସିଏସଆର) ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ା, ଦକ୍ଷତା ବିକାଶ, ଶିକ୍ଷା ଓ ସବୁଜ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରୁଅଛି । ଏହି ପରିଦର୍ଶନ କାଳରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୋକାଲ୍ ଫର୍ ଲୋକାଲ ଆହ୍ୱାନ କ୍ରମେ କୋରାପୁଟ କଫି, କୋଟପାଡ ହସ୍ତତନ୍ତ ଏବଂ ଜିଲ୍ଲାର ଆଦିବାସୀ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଶ୍ରୀ ପ୍ରଧାନ ହାଲର ପ୍ରତିନିଧିଟିମକୁ ପରାମର୍ଶ ଦେଇଥିଲେ ।

# ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ନିଶୁଳ୍କ ଅନ୍ନପ୍ରସାଦ ବଣ୍ଟନ



ଭୁବନେଶ୍ୱର,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ବାହୁଡା ଯାତ୍ରା ଅବସରରେ ଓଡିଶା ଡ୍ରାଇଭର ମହାସଂଘର ସମସ୍ତ କର୍ମକର୍ତାଙ୍କ ମିଳିତ ପ୍ରଚେଷ୍ଟାରେ ପୁରୀ ଗୁଣ୍ଡିଚା ମନ୍ଦିର ପାଖରେ ୪୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ଓ ଜଳସେବା ସହିତ ଜୁସ ବଣ୍ଟନ ଭଳି ଏକ ମହତ କାର୍ଯ୍ୟକ୍ରମ ସେଇ ପ୍ରଭୁ ଜଗନ୍ନାଥଙ୍କ ଆଦେଶରେ ସଫଳ ରୂପେ ଅନୁଷ୍ଠିତ ହୋଇଯାଇଛି । ଏହିଭଳି ଏକ ମହତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପର୍ଣ୍ଣ କରିବାପାଇଁ ପୁରୀ ପ୍ରଶାସନ ଆମ୍ଭମାନଙ୍କୁ ବେଶ ସାହାର୍ଯ୍ୟ ଓ ସହଯୋଗ କରିଥିବାରୁ ପ୍ରଶାସନର ସମସ୍ତ କର୍ମକର୍ତ୍ତାଙ୍କୁ ଓଡିଶା ଡ୍ରାଇଭର ମହାସଂଘ ଧନ୍ୟବାଦ ଜଣାଉଛି । ଉକ୍ତ ମହତ୍ୱକାଂକ୍ଷୀ କାର୍ଯ୍ୟକ୍ରମରେ ଓଡ଼ିଶାର ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ପରିବହନ କମିଶନର ଅମିତାଭ ଠାକୁର, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଡ୍ରାଇଭର ମହାସଂଘ ର ରାଜ୍ୟ ସଭାପତି -ପ୍ରଶାନ୍ତ ମାଣ୍ଡୁଲି, ସମ୍ପାଦକ ଚିତନ୍ୟ ପ୍ରଧାନ, କୋଷାଧକ୍ଷ ଆଦିତ୍ୟ ପ୍ରସାଦ ବେହେରା ଏବଂ ରାଜ୍ୟ ସମୀକ୍ଷକ ଦିଲୀପ ସାହୁ ଏବଂ ସଂଗଠନର ପ୍ରାୟ ପାଞ୍ଚହଜାରରୁ ଉର୍ଦ୍ଧ କର୍ମକର୍ତା ଉପସ୍ଥିତ ରହିଥିଲେ ।

## ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସର ପୂର୍ଣ୍ଣ ସମର୍ଥନ : ଭକ୍ତ ଚରଣ ଦାସ

ଭୁବନେଶ୍ୱର,(ସବ୍ୟୁ): ଆସନ୍ତା ୯ ତାରିଖ ଭାରତ ବର୍ଷର ପ୍ରମୁଖ ଶ୍ରମିକ ସଂଗଠନ ମାନଙ୍କର ୧୭ ଦଫା ଦାବିକୁ ନେଇ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଉଅଛି। ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କ ଠାରୁ ଆରମ୍ଭ କରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଶନିବାର ଏକ ପ୍ରେସ ବିବୃତିରେ ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହିତ ଜିଲ୍ଲା କଂଗ୍ରେସ, ବ୍ଲକ, ମ୍ୟୁନିସପାଲଟି, ଏନ୍.ଏ.ସି. ତଥା ପଂଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହିତ ନିଜ ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି ।

## ଟିପିଡବ୍ଲୁଓଡିଏଲ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଗ୍ରାମୀଣ ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ

ଭୁବନେଶ୍ୱର,(ସବ୍ୟୁ): ଗ୍ରାମୀଣ ବିଦ୍ୟୁତୀକରଣକୁ ସୁଦୃଢ଼ କରିବା ଏବଂ ପଶ୍ଚିମ ଓଡ଼ିଶାର ବର୍ଦ୍ଧିତ ବିଦ୍ୟୁତ୍ ଶକ୍ତି ଚାହିଦା ପୂରଣ କରିବା ପାଇଁ ନିରନ୍ତର ପ୍ରୟାସ ଭାବେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଚାରୋଟି ପ୍ରମୁଖ ବିଦ୍ୟୁତ୍ ଟ୍ରାନ୍ସଫର୍ମର କ୍ଷମତା ବୃଦ୍ଧି କରାଯାଇଅଛି । ଗ୍ରାମୀଣ ବିଦ୍ୟୁତ୍ ଭିତ୍ତିଭୂମିର ସୁଦୃଢ଼ୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଅଂଶ ଭାବେ ଟିପିଡବ୍ଲୁଓଡିଏଲ୍ ଦ୍ୱାରା ରାଜଗାଙ୍ଗପୁର ବ୍ଲକ୍ ଅନ୍ତର୍ଗତ ତେଲିପୋଷ, ସାନଦଲକି ଗ୍ରାମରେ ଗୋଟିଏ ଲେଖାଏଁ ଏବଂ କଚାରୁ ଗ୍ରାମର ଦୁଇଟି ସ୍ଥାନରେ ଥିବା ୧୬ କେ.ଭି.ଏ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମକୁ ୬୩ କେ.ଭି.ଏ କ୍ଷମତାକୁ ଅପଗ୍ରେଡ୍ କରାଯାଇଅଛି । ଯାହା ବର୍ଦ୍ଧିତ ବିଦ୍ୟୁତ ଚାହିଦା



ପୂରଣ କରିବା ସହ ସ୍ଥିତର ଭୋଲ୍ଟେଜ୍ ପ୍ରଦାନ କରିବ ଏବଂ ଏହି ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସ୍ଥିର ତଥା ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ । ଏହି ଅପଗ୍ରେଡସନ୍ କାର୍ଯ୍ୟ ଦ୍ୱାରା ଏହି ଚାରୋଟି ଗ୍ରାମର ପ୍ରାୟ ୨୫୦ ପରିବାରକୁ ସିଧାସଳଖ ଲାଭ ପାଇପାରିବେ ।

## ଶ୍ରୀଗୁଣ୍ଡିଚା ମହୋତ୍ସବ ଉଦ୍‌ଯାପିତ, ଆସନ୍ତାବର୍ଷକୁ ଅପେକ୍ଷା

କଟକ, (ସ୍ୱପ୍ର) : ଆଠଦିନ ଧରି ମହାନଦୀବିହାର ସ୍ଥିତ ମଙ୍ଗଳାମନ୍ଦିର ଛକରେ ଅନୁଷ୍ଠିତ ହୋଇଆସୁଥିବା ଶ୍ରୀଗୁଣ୍ଡିଚା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ଆଠଦିନ ବ୍ୟାପି ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ ଓ ଜଗନ୍ନାଥଙ୍କ କଥାମୃତ ଅଞ୍ଚଳବାସୀଙ୍କୁ ଆମୋଦିତ କରିଥିଲା। ମହୋତ୍ସବ ସରୁଥିବାରୁ ଅତ୍ୟନ୍ତ ଦୁଃଖରେ ବଞ୍ଚିଥିଲେ ଆରବର୍ଷକୁ ଅପେକ୍ଷା ବୋଲି ପ୍ରକାଶ କରିଥିଲେ ସ୍ଥାନୀୟ ଦେଖଣାହାରୀ। ଅଭ୍ୟର୍ଥନା କମିଟି ଅଧକ୍ଷ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧକ୍ଷତାରେ ଏବଂ ଆବାହକ ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ରମାକାନ୍ତ ଲେଙ୍କା, ଅଭୟ ପରିଜା, ଶରତ ଚନ୍ଦ୍ର କୁଣ୍ଡୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ସଞ୍ଜୟ ସାହାଣୀ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଷଷ୍ଠ ବାଟାଲିୟନର ଦୁର୍ଗପତି ସୂର୍ଯ୍ୟନାରାୟଣ ମଲ୍ଲିକ, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉଦ୍‌ଯାପନ ଉତ୍ସବକୁ ଉଦଘାଟନ କରିଥିଲେ। ଶ୍ରୀଗୁଣ୍ଡିଚା ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ମୋ ମନର ଜଗନ୍ନାଥ କାର୍ଯ୍ୟକ୍ରମଟି ବେଶ୍ ଆକର୍ଷଣୀୟ ହୋଇପାରିଥିବା ବେଳେ ମହୋତ୍ସବ କମିଟି ପକ୍ଷରୁ ସୁନିଦ୍ରା ବିଭାଗ



ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ, ମାନସିକ ବିଭାଗର ପ୍ରଫେସର ଡାକ୍ତର ନୀଳମାଧବ ରଥ, ଡାକ୍ତର ସଂଗ୍ରାମ ନାୟକ, ଲେଖିକା ସୋହାଗିନୀ ବେହେରା, ସରୋଜ ପ୍ରସାଦ ସ୍ୱାଇଁ, କର୍ପୋରେଟର ପ୍ରଦୀପ ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଜଗନ୍ନାଥଙ୍କ ଫଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶେଷ ସନ୍ଧ୍ୟାରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ଅରୁନ୍ଧତୀ ଫାଉଣ୍ଡେସନ ତରଫରୁ
## ପୁରୀ ବଡଦାଣ୍ଡ ଠାରେ ବାହୁଡା ଯାତ୍ରା ଉପଲକ୍ଷେ ଅନ୍ନପ୍ରସାଦ ବିତରଣ

ଭୁବନେଶ୍ୱର,(ସବ୍ୟୁ): ଅରୁନ୍ଧତୀ ଫାଉଣ୍ଡେସନ ତରଫରୁ ବାହୁଡାଯାତ୍ରା ଉପଲକ୍ଷେ ଦଶହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ନିମନ୍ତେ ଅନ୍ନ ପ୍ରସାଦ ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା । ପୁରୀବଡଦାଣ୍ଡରେ ଅନୁଷ୍ଠିତ ଏହି ସେବା କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ପ୍ରତ୍ୟକ୍ଷ ତ୍ତ୍ୱବଧାନରେ ଅରୁନ୍ଧତୀର ୭୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦାନ କରି ସାମୁହିକ ଭାବେ ଏହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ବାହୁଡାଯାତ୍ରା, ଏହି ବିରାଟ ଉତ୍ସବରେ ଦେଶବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ଓ ରଥଟଣା ପାଇଁ ପୁରୀକୁ ଆସିଥିଲେ ପୁରୀବଡଦାଣ୍ଡରେ ଏହି ସୁନ୍ଦର ପରିବେଶରେ ଅରୁନ୍ଧତୀ ଫାଉଣ୍ଡେସନ ତରଫରୁ ଲୋକଙ୍କ ଅନ୍ନପ୍ରସାଦ ବିତରଣର ପରିକଳ୍ପନା ଓ ସୁଚାରୁ ରୂପେ ପରିଚାଳନାକୁ ସବୁ ମହଲରେ ଉଚ୍ଚଶିତ ପ୍ରଶଂସା କରାଯାଇଛି ଆଗାମୀ ଦିନରେ ମଧ ଏଭଳି ସେବାକାର୍ଯ୍ୟକ୍ରମ ଜାରି ରହିବ ବୋଲି ଅରୁନ୍ଧତୀ ଫାଉଣ୍ଡେସନର ମୁଖ୍ୟ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ।



## କେଡିଏମକୁ 'ଜି ଭାରତ କି ଉଡାନ'ପୁରସ୍କାର

ଭୁବନେଶ୍ୱର,(ସବ୍ୟୁ): ଭାରତର ଅଗ୍ରଣୀ ଜୀବନଶୈଳୀ ଏବଂ ମୋବାଇଲ୍ ଆକ୍ସେସରିଜ୍ ବ୍ରାଣ୍ଡ କେଡିଏମକୁ ଜି ଭାରତର କାର୍ଯ୍ୟକ୍ରମ 'ଭାରତ କି ଉଡାନ'ରେ ଯୋଗ ଦେଇ ମାନ୍ୟବର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଭାରତ କା ଚାର୍ଜର ମହାକୁମ୍ଭ ଅଭିଯାନ ପାଇଁ 'ଜି ଭାରତ କି ଉଡାନ ପୁରସ୍କାର'ରେ ସମ୍ମାନିତ କରିଛନ୍ତି । ଏହି ମାନ୍ୟତା ମହାକୁମ୍ଭ ୨୦୨୫ରେ କେଡିଏମର ସ୍ଥାୟୀ ପ୍ରଭାବକୁ ପ୍ରତିଫଳିତ କରେ ଏବଂ ଭକ୍ତମାନଙ୍କୁ ଚାର୍ଜିଂ ସହାୟତା ପ୍ରଦାନ କରିବା ପାଇଁ ୧୦୮୦ ମୋବାଇଲ ଚାର୍ଜିଂ ପଏଣ୍ଟ ସ୍ଥାପନ କରିଥାଏ । କେଡିଏମ୍-ଟି ଟେକ୍ନୋଲୋଜି ଚାର୍ଜରରେ ସଜ୍ଜିତ ଏହି ଷ୍ଟେସନଗୁଡ଼ିକ ୪୫ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୩ ଲକ୍ଷରୁ ଅଧିକ ଫୋନ୍ ଚାର୍ଜ କରିଥିବା ଅନୁମାନ କରାଯାଉଛି । ଏହି ସଫଳତାକୁ ସ୍ୱୀକାର କରି କେଡିଏମ୍ ର ପ୍ରତିଷ୍ଠାତା ଏନ୍ ଡି ମାଲି କହିଛନ୍ତି ଯେ, ଶ୍ରୀ ନିତିନ ଗଡ଼କରୀଙ୍କ ହାତରୁ 'ଜି ଭାରତ କି ଉଡାନ ପୁରସ୍କାର' ଗ୍ରହଣ କରି ଅତ୍ୟନ୍ତ ଗର୍ବିତ ଓ ଗୌରବାନ୍ୱିତ। ନିତିନ ଗଡକରୀ ଜୀ ଯାହା ମୋତେ ଭାରତ କା ଚାର୍ଜର ଅଭିଯାନକୁ ଆଗକୁ ନେବା ପାଇଁ ଉତ୍ସାହିତ, ପ୍ରେରଣା ଏବଂ ପ୍ରେରଣା ଅନୁଭବ କରୁଛି । ଭାରତ କା ଚାର୍ଜର ପଦକ୍ଷେପ ଅଭିନବ ଚିନ୍ତାଧାରା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଉଦାହରଣ । ଆଜି କାଲି ମୋବାଇଲ୍ ଫୋନ୍ ହେଉଛି 'ବିକାଶର ଡିଭାଇସ୍', ଯାହା ଦେଶର ଅର୍ଥନୀତିରେ ଯୋଗଦାନ ଦେଉଛି । ଏହି ପୁରସ୍କାର ଆମକୁ କେଡିଏମ ଭାରତ କା ଚାର୍ଜର ସହିତ ଉଭୟ ମୋବାଇଲ୍ ଏବଂ ଅର୍ଥନୀତି ଚାର୍ଜ କରିବାକୁ ଆମର ପ୍ରୟାସ ଜାରି ରଖିବାକୁ ପ୍ରେରଣା ଦେଇଥାଏ ।

## ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରାରେ ସ୍ୱଚ୍ଛ ଶକ୍ତି ଅଭିଯାନ

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ରଥଯାତ୍ରା ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଅନ୍ତର୍ଗତ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବଡ଼ଦାଣ୍ଡ ପାଖରେ ଏକ ଷ୍ଟଲ୍ ସ୍ଥାପନ କରାଯାଇଥିଲା। ପ୍ରତିଦିନ ଏହି ଷ୍ଟଲ୍‌ଶହ ଶହ ଭକ୍ତ ଓ ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିବା ସହ ସେମାନଙ୍କୁ ରୁଫ୍‌ଟପ୍ ସୋଲାର ସ୍ଥାପନ, ସରକାରୀ ସବ୍‌ସିଡି, ଆର୍ଥିକ ଲାଭଓ ଯୋଗ୍ୟତାର ମାନଦଣ୍ଡ ସମ୍ପର୍କରେ ସଚେତନ କରିଛି। ତାଲିମପ୍ରାପ୍ତ ପେସାଦାରଙ୍କ ଦ୍ୱାରା ପରିଚାଳିତ ଏହି ଷ୍ଟଲ୍‌ରେ



ବ୍ରୋସର,ଲିଫ୍‌ଲେଟ୍, ଏଲ୍‌ଇଡି ସ୍କ୍ରିନ୍‌ରେ ଟେଷ୍ଟିମୋନିଆଲ୍‌ସ ଓ ଖର୍ଚ୍ଚ-ଲାଭର ଭିଜୁଆଲ୍ ପ୍ରଦର୍ଶିତ ହେଉଛି। ରଥଯାତ୍ରାରେ ଲକ୍ଷ ଲକ୍ଷ ଲୋକଆସୁଥିବା ବେଳେ ଏହି ଅଭିଯାନ ସ୍ୱଚ୍ଛ ଶକ୍ତିର ପ୍ରସାର ପାଇଁ ଶକ୍ତିଶାଳୀ ପ୍ଲାଟଫର୍ମ ପ୍ରଦାନ କରୁଛି। ସମଗ୍ର ଓଡ଼ିଶାରେ ନାଗରିକମାନଙ୍କୁସଶକ୍ତ କରିବା ଏବଂ ସ୍ଥାୟୀ ସୌର ଶକ୍ତି ସମାଧାନକୁ ଆଗକୁ ବଢ଼ାଇବା ପାଇଁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି ।

## ସରସୁଦା ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅନ୍ତର୍ଗତ ସରସୁଦା ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଶିକ୍ଷକ ଅରବିନ୍ଦ କର ଏବଂ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୁଷ୍ମନ୍ତ ରାଉତରାୟଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅଲାଣ୍ଡୋ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୀୟ କୁମାର ପରିଡା ଯୋଗଦେଇ ବିଦାୟ ନେଉଥିବା ଶିକ୍ଷକ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ ଓ ଦକ୍ଷ ଶିକ୍ଷକ ବୋଲି ବର୍ଣ୍ଣନା କରିବା ସହ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟର ଅନ୍ୟତମ ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ରାଉତରାୟ ବିଦାୟୀ ଶିକ୍ଷକ ଓ କର୍ମଚାରୀ ଙ୍କର ଗୁଣଗାନ କରିବାସହ ସେ ଦୀର୍ଘ ତିରିଶ ବର୍ଷର ଶିକ୍ଷାଦାନ ଭିତରେ ପିଲାମାନଙ୍କୁ ଓ ସହକର୍ମୀମାନଙ୍କୁ ଏପରି ଏକ ପରିବାର ଭଳି ଭଲ ପାଇବା ସହ ପିଲାମାନଙ୍କୁ ଶିକ୍ଷାଦାନରେ ସଦା ତତ୍ପର ରହି ସେମାନଙ୍କର ଅତି ପ୍ରିୟଭାଜନ ହୋଇପାରିଥିଲେ। ଏହା ବର୍ଣ୍ଣନା କଲାବେଳେ ସଭାରେ ଏକ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ଅନ୍ୟ ଶିକ୍ଷକ ମାନଙ୍କ ମଧ୍ୟରେ ସୋମନାଥ ବେହେରା, ଅନନ୍ତ କୁମାର ଜେନା ଓ ଶିକ୍ଷୟିତ୍ରୀ ଆଦରମଣି ଜେନା ନିଜ ନିଜ ବକ୍ତବ୍ୟରେ ବିଦାୟୀ ଶିକ୍ଷକ ଓ କର୍ମଚାରୀଙ୍କର ବିଦ୍ୟାଳୟରେ ଥିବା ସ୍ମୃତିକୁ ରୋମନ୍ଥନ କରିଥିଲେ। ଶେଷରେ ବିଦାୟୀ ଶିକ୍ଷକ ତାଙ୍କ ଅଭିଭାଷଣରେ ଏଠାରେ ଚାକିରୀ ଜୀବନର ଦୀର୍ଘ ତିରିଶି ବର୍ଷର ଅନୁଭୂତିକୁ ବର୍ଣ୍ଣନା କରିବା ସହ ଏହି ବିଦ୍ୟାଳୟରେ ଶିକ୍ଷକ ମାନଙ୍କର ସ୍ୱଳ୍ପତା ଦୃଷ୍ଟିରୁ ଅନୁଷ୍ଠାନ ଚାହିଁଲେ ସେ ଭବିଷ୍ୟତରେ ଏଠାରେ କିଛିଦିନ ଶିକ୍ଷାଦାନରେ ସାହାଯ୍ୟ କରିବାର ପ୍ରତିଶୃତି ମଧ ଦେଇଥିଲେ। ଏହାକୁ ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ କରତାଳି ଦ୍ୱାରା ସ୍ୱାଗତ କରିଥିଲେ। ଏହାପରେ ଅନୁଷ୍ଠାନ ଓ ପିଲାମାନଙ୍କ ତରଫରୁ ଉଭୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ପରିଚାଳନାରେ ପ୍ରତାପ କୁମାର ମହାପାତ୍ର ଓ ନିମାଇଁ ଚରଣ ରାଉତରାୟ ସହଯୋଗ କରିଥିଲେ ।



## ଭାରତର ଆଲୁମିନିୟମ ଦର୍ଶନ ଡକ୍ୟୁମେଣ୍ଟକୁ ବେଦାନ୍ତର ସ୍ୱାଗତ

ଭୁବନେଶ୍ୱର,(ସବ୍ୟୁ): ଭାରତ ସରକାରଙ୍କ ମାନ୍ୟବର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡୀଙ୍କ ଦ୍ୱାରା ଉନ୍ମୋଚିତ ଜାତୀୟ ଆଲୁମିନିୟମ ଦୃଷ୍ଟିକୋଣ ଡକ୍ୟୁମେଣ୍ଟକୁ ବେଦାନ୍ତ ସ୍ୱାଗତ କରିଛି। ଏଥିରେ ଆଲୁମିନିୟମ ଭବିଷ୍ୟତକୁ ସୂଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଭାରତକୁ ବିଶ୍ୱରେ ଏକ ଆଲୁମିନିୟମ ହବରେ ପରିଣତ ଲାଗି ଏକ ରୋଡମ୍ୟାପ ରୂପରେଖ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଥିବା ବିଷୟ ଗୁଡ଼ିକ ଯେପରିକି ଆଲୁମିନିୟମ ଉତ୍ପାଦନରେ ଆତ୍ମନିର୍ଭରତା ବୃଦ୍ଧି, କଂଚାମାଲ ସଂଗ୍ରହରେ ସଫଳତା ହାସଲ କରିବା, କମ କାର୍ବନ ଯୁକ୍ତ ଉତ୍ପାଦ ପ୍ରସ୍ତୁତି ତଥା ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟି କେବଳ ଘରୋଇ ଚାହିଦା ପୂରଣ ପାଇଁ ନୁହେଁ ବରଂ ୨୦୪୭ ସୁଦ୍ଧା ବିଶ୍ୱ ଆଲୁମିନିମୟ ବଜାରରେ ୧୦% ଅଂଶ ଦାବି କରିବା ଲାଗି ରୋଡମ୍ୟାପ ପ୍ରଦାନ କରେ ଓ ସକ୍ଷମ ବିକଶିତ ଭାରତରେ ଆତ୍ମନିର୍ଭରତା ବୃଦ୍ଧିକୁ ନେଇ ରହିଛି।

ଆଲୁମିନିୟମର ରଣନୈତିକ ଏବଂ ଜାତୀୟ ଗୁରୁତ୍ୱକୁ ସ୍ୱୀକାର କରି, ଡକ୍ୟୁମେଂଟଟି ସୂଚାଏ ଯେ କିପରି ବିଶ୍ୱର ବିକଶିତ ଅର୍ଥନୀତିଗୁଡ଼ିକ ଆଲୁମିନିୟମକୁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଧାତୁ ଭାବରେ ବିବେଚନା କର୍ି, ଯାହା ନବୀକରଣୀୟ ଶକ୍ତି, ବୈଦ୍ୟୁତିକ ଗତିଶୀଳତା, ସବୁଜ ଭିତିଭୂମି, ପ୍ରତିରକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଏକ ଅପରିହାର୍ଯ୍ୟ ଭୂମିକା ଗ୍ରହଣ କରିବ ।

୨୦୪୭ ସୁଦ୍ଧା ଦେଶର ତୃତୀୟ ବୃହତମ ଅର୍ଥନୀତି ଓ ବିକଶିତ ରାଷ୍ଟ୍ର ହେବା ଦିଗରେ ଆଲୁମିନିୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୪୭ ସୁଦ୍ଧା ଭାରତରେ ଆଲୁମିନିୟମ ଚାହିଦା ଛଅଗୁଣ ବୃଦ୍ଧି ପାଇବ ଓ ଏହି ଚାହିଦା ପୂରଣ ଲାଗି ଭାରତକୁ ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଉତ୍ପାଦନକୁ ବର୍ତମାନର ୪.୫ ନିୟୁତ ଟନ ଏମଟିପିଏରୁ ପ୍ରାୟ ୩୭ ଏମଟିପିଏ ପର୍ଯ୍ୟ' ବୃଦ୍ଧି କରିବାକୁ ପଡ଼ିବ ଓ ଯାହା ପାଇଁ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଅତିରିକ୍ତ ନିବେଶ କରିବା ଆବଶ୍ୟକ ।

ଭିଜନ ଡକ୍ୟୁମେଂଟ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଆଜି ଆଲୁମିନିୟମ ଶିଳ୍ପ କେବଳ ଧାତୁର ଉପଯୋଗି ଯୋଗାଣକାରୀ ନୁହେଁ ଏହା ୩୦ ଟ୍ରିଲିୟନ ଡଲାର ଅର୍ଥନୀତି, ନେଟ ଶୂନ୍ୟ ଲକ୍ଷ୍ୟ ଓ ଉତ୍ପାଦନ ପ୍ରତିଯୋଗିତା ଆଡ଼କୁ ଭାରତର ଯାତ୍ରାରେ ସହାୟକ ହେବ। ଏହି ଡକ୍ୟୁମେଂଟ ପୁନଃନିର୍ମାଣ କରେ ଯେ ଆଲୁମିନିୟମ ହେଉଛି ଭବିଷ୍ୟତର ଧାତୁ, ଭାରତର ଶକ୍ତି ସ୍ୱାଧୀନତା, ନେଟଶୂନ୍ୟ ମହତ୍ୱକାଂକ୍ଷା ଓ ବିଶ୍ୱପ୍ରତିଯୋଗିତାମୂଳକତା ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ନିଜର ସମ୍ବଳକୁ ଅନଲକ କରିପାରିବା ତେବେ ଆମେ ମୂଲ୍ୟଯୁକ୍ତ ଉତ୍ପାଦ ସୃଷ୍ଟି କରିପାରିବା ।

ଏହି ଦୃଷ୍ଟିକୋଣରେ ଉଲ୍ଲେଖ କରାଯାଇଛି ଯେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ହୋଇଥିଲେ ମଧ୍ୟ ଏହା ବିଶ୍ୱ ଉତ୍ପାଦନର ମାତ୍ର ୬% ଅଟେ। ଏହା ଆଲୁମିନିୟ କ୍ଷେତ୍ରର ବିଶାଳ ଅବ୍ୟବହୃତ କ୍ଷେତ୍ରକୁ ସୂଚୀତ କରାଏ। ଯଦି ଏହାର ପ୍ରଭାବଶାଳୀ ଉପଯୋଗ କରାଯାଏ ତେବେ ଏହା ଦେଶର ଦୁର୍ଗମ ଅଂଚଳକୁ ଯୋଡି ବହୁ ସାମାଜିକ-ଆର୍ଥିକ ଲାଭ ଆଣିପାରିବ। ଏହି ଶିଳ୍ପରେ ୩.୭ ଗୁଣା ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାର କ୍ଷମତା ରହିଛି। ଆଉ ମଧ୍ୟ ଦର୍ଶାଯାଇଛି ଯେ ଭାରତର ଆଲୁମିନିୟମର ଚାହିଦା ବହୁତ ରହିଛି ଯେଉଁଥିପାଇଁ ପ୍ରଚୁର ନିବେଶ ଆବଶ୍ୟକ ।

# ୟୁଏନଏସସିରେ ଭାରତର ସ୍ଥାୟୀ ସଦସ୍ୟତା

## ତ୍ରିନିଦାଦ ଓ ଟବାଗୋର ସମର୍ଥନ

ନୂଆଦିଲ୍ଲୀ: ଜାତି ସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ରେ ଭାରତର ସ୍ଥାୟୀ ସଦସ୍ୟତାକୁ ଆଉ ଏକ ଦେଶ ତ୍ରିନିଦାଦ୍ ଓ ଟବାଗୋ ସମର୍ଥନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାତ୍ରା ମଧ୍ୟରେ ତ୍ରିନିଦାଦା ଓ ଟୋବେଗୋ ଏହି ସମର୍ଥନ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ସମକକ୍ଷ କମଲା ପ୍ରସାଦ ବିସେସରଙ୍କ ମଧ୍ୟରେ ବାର୍ତ୍ତା ହୋଇଥିଲା। ଏଥିରେ ଭାରତ ସହିତ ତ୍ରିନିଦାଦ ଓ ଟୋବେଗୋ ୬ଟି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି।

ଏ ନେଇ ଶନିବାର ଜାରି ମିଳିତ ବୟାନରେ କୁହାଯାଇଛି ଯେ ତ୍ରିନିଦାଦା ଓ ଟୋବେଗୋ ବିସ୍ତାରିତ ମିଳିତ ଜାତିସଂଘରେ ଭାରତାର ସ୍ଥାୟୀ ସଦସ୍ୟତା ନିମନ୍ତେ ଭାରତକୁ ନିଜର ପୂର୍ଣ୍ଣ ସମର୍ଥନ ଦେବାକୁ ପୁଷ୍ଟି କରିଛି। ବୈଶ୍ୱିକ ପ୍ରସଙ୍ଗରେ ଗହନ ବିଚାରବିମର୍ଷ କରି ମୋଦି ଓ ବିସେସର ଜାତିସଂଘରେ ବ୍ୟାପକ ସଂସ୍କାର ଉପରେ ଗୁରୁତ୍ୱ ଦେଇଛନ୍ତି, ଯେଉଁଥିରେ ଜାତି ସଂଘ ସୁରକ୍ଷା ପରିଷଦ ସମ୍ପ୍ରସାରଣ ମଧ୍ୟ ସାମିଲ। ଯାହାଦ୍ୱାରା ବର୍ତ୍ତମାନର ବାସ୍ତବିକତାକୁ ବେଶ୍ ଭଲ ଭାବେ ପ୍ରତିବିମ୍ବିତ କରାଯାଇ ପାରିବ।

ମିଳିତ ବକ୍ତବ୍ୟରେ କୁହାଯାଇଛି ଯେ 'ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ଓ ବୈଶ୍ୱିକ ସଂଘର୍ଷକୁ ସ୍ୱୀକାର କରି ଦୁଇ ନେତା ଆଲୋଚନା ଓ କୂଟନୀତିକୁ ଆଗକୁ ବଢାଇବା ପାଇଁ ମାର୍ଗ ପ୍ରଦର୍ଶିତ କରିଛନ୍ତିଦ। ଏ କଥାରେ ମଧ୍ୟ ସହମତି ହୋଇଛି ଯେ ଭାରତ ୨୦୨୭-୨୮ ଅବଧି ଲାଗି ଜାତି ସଂଘ ସୁରକ୍ଷା ପରିଷଦରେ ଅସ୍ଥାୟୀ ଆଶନ ନିମନ୍ତେ ତ୍ରିନିଦାଦ ଓ ଟୋବେଗୋର ପ୍ରାର୍ଥୀତ୍ୱକୁ ସମର୍ଥନ କରିବ। ଏ ନେଇ ବିଦେଶ ମନ୍ତ୍ରାଳୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ତ୍ରିନିଦାଦ ଓ ଟୋବେଗୋ ଐତିହାସିକ ଯାତ୍ରା ଯୋଗୁ ଦୁଇ ଦେଶଙ୍କ ମଧ୍ୟରେ ବିଶେଷ ସମ୍ପର୍କକୁ ପ୍ରୋତ୍ସାହନ ମିଳିଛି।

୧୯୯୯ ମସିହା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ତ୍ରିନାଦାଦ ଓ ଟୋବେଗୋ ପ୍ରଥମ ଦ୍ୱିପାକ୍ଷୀୟ ଯାତ୍ରା। ଏହି ଗସ୍ତ କାଳରେ ଦୁଇ ନେତା ଆତଙ୍କବାଦ ବିରୋଧରେ ଲଢିବାକୁ ନିଜ ସଂକଳ୍ପ ପୁଷ୍ଟି କରିଛନ୍ତି। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତ୍ରିନିଦାଦ ଓ ଟୋବେଗୋ ରାଷ୍ଟ୍ରପତି କ୍ରିଷ୍ଟିନ କାର୍ଲା କଙ୍ଗାଲୁଙ୍କୁ ମଧ୍ୟ ଭେଟିଛନ୍ତି।



## ଅମରନାଥ ଯାତ୍ରାରେ ସାମିଲ ୪ ବସ୍ ଧକ୍କା : ୩୬ ଆହତ

ରାମବନ: ଅମରନାଥ ଯାତ୍ରା ରାସ୍ତାରେ ଶନିବାର ରାମବନ ନିକଟରେ ଦୁର୍ଘଟଣା ଘଟିଛି। ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ୪ଟି ବସ୍ ମଧ୍ୟରେ ସିରିଜ୍ ଦୁର୍ଘଟଣା ଘଟିଛି। ଫଳରେ ବସ୍ ରେ ଯାତ୍ରା କରୁଥିବା ୩୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ରାମବନ ଡେପୁଟି କମିଶନର ଏ ନେଇ ଏକ ଟ୍ୱିଟ୍ କରିଛନ୍ତି। ଏଥିରେ ପହଲଗାମ ବାହନ ଧାଡିରେ ଥିବା ଶେଷ ବାହନ ନିୟନ୍ତ୍ରଣ ହରାଇ ଚନ୍ଦ୍ରକୋଟ ଲଙ୍ଗର ସ୍ଥଳରେ ଅଟକି ଥିବା ବାହନଙ୍କୁ ଧକ୍କା ଦେଇଥିଲା। ଏଥିରେ ୪ଟି ବାହନ କ୍ଷତିଗ୍ରସ୍ତ ହୋଇଛି।

ଘଟଣାସ୍ଥଳରେ ପୂର୍ବରୁ ମହଜୁଦ ଜିଲ୍ଲା ପ୍ରଶାସନ ଆହତଙ୍କୁ ତୁରନ୍ତ ଡିଏଚ୍ ରାମବନ ପହଞ୍ଚାଇଥିଲା। ପରେ ଯାତ୍ରୀଙ୍କୁ ଅନ୍ୟ ବାହନରେ ପରବର୍ତ୍ତି ଯାତ୍ରା ନିମନ୍ତେ ଯିବାକୁ ଦିଆଯାଇଛି। ଜମ୍ମୁ-କାଶ୍ମୀର ରାମବନସ୍ଥିତ ଜିଲ୍ଲା ହସ୍ପିଟାଲର ପ୍ରଭାରୀ ଚିକିତ୍ସା ଅଧିକ୍ଷକ ଡା.ମହମ୍ମଦ ରଫି କହିଛନ୍ତି ଯେ ଅମରନାଥ ଯାତ୍ରାରେ ଯାଉଥିବା ତୀର୍ଥ ଯାତ୍ରୀଙ୍କ ଏକ ବସ୍ ଅନ୍ୟ ବସ୍ କୁ ଧକ୍କା ଦେଇଥିଲା। ଆମ ପାଖକୁ ମୋଟ ୩୬ ଜଣ ଆହତ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଛାଡି ଦିଆଯାଇଛି। ଏହି ଦୁର୍ଘଟଣା ଏତେ ଜଟିଳ ନଥିଲା। ଏଣୁ ଆହତ ତୀର୍ଥ ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣଙ୍କୁ ଚିକିତ୍ସା ପରେ ତୁରନ୍ତ ଛାଡି ଦିଆଯାଇଥିବା ବେଳେ ବାକି ୨୬ ଜଣ ଯାତ୍ରୀଙ୍କୁ ପ୍ରାୟ ଘଣ୍ଟାକ ପରେ ହସ୍ପିଟାଲରୁ ଯିବାକୁ ଦିଆଯାଇଛି। ଏହି ଦୁର୍ଘଟଣାରେ ଆହତ କୌଣସି ତୀର୍ଥ ଯାତ୍ରୀ ଗୁରୁତର ନଥିଲେ। ଏଣୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ପରବର୍ତ୍ତି ହସ୍ପିଟାଲକୁ ରେଫର କରାଯାଇ ନାହିଁ ବୋଲି ଜିଲ୍ଲା ଚିକିତ୍ସା ଅଧିକ୍ଷକ କହିଛନ୍ତି।

## ୬ ସେକେଣ୍ଡରେ ହତ୍ୟା

ପାଟନା : ବିହାରର ବଡ଼ ବ୍ୟବସାୟୀ ତଥା ଉଦ୍ୟୋଗପତି ଗୋପାଳ ଖେମକାଙ୍କର ପାଟନାରେ (ଗାନ୍ଧୀ ମୈଦାନ ଥାନା ଠାରୁ, ପାଖାପାଖି ୫୦୦ ମିଟର ଦୂରତାରେ )ନିଜର ହିଁ ଆପାର୍ଟମେଣ୍ଟ ସାମ୍ନାରେ ହତ୍ୟା ହୋଇଥିଲା। ଏବେ ଏହାର ଏକ ସିସିଟିଭି ଭିଡ଼ିଓ ଜାରି ହୋଇଛି । ଭିଡ଼ିଓରେ ଏକୁଟିଆ ସୁଟର ଆପାର୍ଟମେଣ୍ଟର ଗେଟ୍ ବାହାରେ ତାଙ୍କର ଆସିବାକୁ ଅପେକ୍ଷା କରୁଥିବାର ଦେଖିବାକୁ ମିଳୁଛି। ହେଲମେଟ୍ ପିନ୍ଧିଥିବା ହତ୍ୟାକାରୀ ରାତି ୧୧.୩୮ ସମୟରେ ଖେମକାଙ୍କୁ ୬ ସେକେଣ୍ଡରେ ଗୁଳି ମାରିବା ପରେ ଏକ ସ୍କୁଟିରେ ଫେରାର ହୋଇଯାଇଥଲା । ଖେମକାଙ୍କର କାରର ପଛରେ ଆଉ ଏକ କାର୍ ଲାଗୁଛି , କିନ୍ତୁ ସେହି ଗାଡ଼ିରେ ବସିଥିବା ଲୋକେ ଯେତେବେଳେ ପରିସ୍ଥିତିକୁ ବୁଝି ବାହାରକୁ ଆସୁଛନ୍ତି , ତ ସେତେବେଳକୁ ହତ୍ୟାକାରୀ ଫେରାର ହୋଇ ଯାଉଛି। ଭିଡ଼ିଓରେ ଗେଟ୍ ଖୋଲିବାକୁ ଆସୁଥିବା ଗାର୍ଡକୁ ମଧ୍ୟ ଦେଖିବାକୁ ମିଳୁଛି। ଖେମକାଙ୍କର କାର୍ ରହିବାର ପାଖାପାଖି ୨୦ ସେକେଣ୍ଡ ପରେ ଗାର୍ଡ ଆସିବାର ନଜର ଆସୁଛି।

ଗୋପାଳ ଖେମକାଙ୍କର ଭାଇ ଶଙ୍କର ଖେମକା କହିଛନ୍ତି ଯେ, ଗୋପାଳ ବାଙ୍କିପୁର କ୍ଲବ୍ର ଡାଇରେକ୍ଟର ଥିଲେ ଏବଂ ରାତିରେ ସେଠାରୁ ଫେରୁ ଥିଲେ। ଗୋପାଳ ନିୟମିତ ଭାବେ କ୍ଲବ୍ ଯାଉଥିଲେ। ଝଗଡ଼ା ବା ବିବାଦକୁ ଏଡେଇ ଶଙ୍କର କହିଛନ୍ତି ଯେ, ଶତ୍ରୁତା ଭଳି କୌଣସି କଥା ହୋଇଥିଲେ, ଭାଇ ରାତିରେ ଏହିପରି ଫେରି ନଥାନ୍ତେ। ଶଙ୍କର କହିଛନ୍ତି ପୁଲିସ ଖୋଳତାଡ କରୁ ଏବଂ କହୁ ଯେ ଗୋପାଳଙ୍କୁ କିଏ ଓ କାହିଁକି ମାରିଛି। ଶଙ୍କର କହିଛନ୍ତି ଯେ , ଗୋପାଳଙ୍କୁ ଝିଅ-ବୋହୂ ହସ୍ପିଟାଲ ନେଇ ଯାଇଥିଲେ , ଯେଉଁଠି ଡାକ୍ତରମାନେ ମୃତ ଘୋଷିତ କରିଥିଲେ। ଶଙ୍କର କହିଛନ୍ତି ଯେ, ସୂଚନା ଦେବା ପରେ ଗାନ୍ଧୀ ମୈଦାନ ଥାନା ପୁଲିସ ରାତି ୧.୩୦ଟା ସମୟରେ , ଟାଉନ ଡିଏସପି ଏସପି ୨.୪୫ ରେ ଓ ସିଟି ଏସପି ୨.୩୦ ଟା ସମୟରେ ଆସିଥିଲେ ।ଗୋପାଳ ଖେମକାଙ୍କର ପୁଅ ଗୁଞ୍ଜନ ଖେମକାଙ୍କର ମଧ୍ୟ ୨୦୧୮ ରେ ହାଜିପୁରରେ ତାଙ୍କର ଫ୍ୟାକ୍ଟ୍ରିର ଗେଟ୍ରେ ଏହିପରି ହତ୍ୟା କରାଯାଇ ଥିଲା, ସେତେବେଳେ ପୂର୍ବରୁ ଅପେକ୍ଷା କରିଥିବା ହତ୍ୟାକାରୀମାନେ ଗୁଞ୍ଜନଙ୍କୁ ଗୁଳି କରି ଥିଲେ। ଗୋପାଳ ଖେମକାଙ୍କୁ ପୁଅର ହତ୍ୟା ପରେ କିଛି ଦିନ ପାଇଁ ପୁଲିସ ସୁରକ୍ଷା ମିଳିଥିଲା ,କିନ୍ତୁ ପରେ ହଟେଇ ନିଆଯାଇ ଥିଲା। ଗୋପାଳ ଖେମକା ବିଜେପି ସହ ସଂପୃକ୍ତ ଥିଲେ ଏବଂ ତାଙ୍କର ହତ୍ୟା ପରେ ବିରୋଧୀ ନେତାମାନେ ନିତିଶ ସରକାରର ଆଇନ ବ୍ୟବସ୍ଥାର ଦାବିରେ ହମଲା କରିଥିଲେ। ତେଜସ୍ୱୀ ଯାଦବ କହିଥିଲେ ବିହାରରେ ପ୍ରତି ମାସରେ ଶହ ଶହ ହତ୍ୟାକାଣ୍ଡ ଘଟଣା ହେଉଛି,କିନ୍ତୁ ଏହାକୁ ଜଙ୍ଗଲରାଜ୍ କୁହାଯିବ ନାହିଁ।

# ୧୨ ରାଷ୍ଟ୍ରକୁ ନୂଆ ଟାରିଫ୍ ନେଇ ଟ୍ରମ୍ପଙ୍କ ଚିଠି

ୱାଶିଂଟନ, ୫ ।୭ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୨ ଦେଶକୁ ନୂଆ ଟାରିଫ୍ ନେଇ ଏକ ଚିଠି ଲେଖିଛନ୍ତି । ଏହି ଚିଠିରେ ସ୍ୱାକ୍ଷର ହୋଇଛି ଏବଂ ଏହା ସୋମବାର ଦିନ ସମ୍ପୃକ୍ତ ରାଷ୍ଟ୍ରଗୁଡ଼ିକୁ ପ୍ରଦାନ କରାଯିବ ।ଆମେରିକାକୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ଏହି ସ୍ୱତନ୍ତ୍ର ଟାରିଫ୍ ଲାଗିବ । ଚିଠିରେ ଉଲ୍ଲେଖ କରାଯାଇଛି ଯେ ବାଣିଜ୍ୟ କରିବାକୁ ହେଲେ ଟାରିଫ୍‌କୁ ନେଇ ବୁଝାମଣା କରନ୍ତୁ ନଚେତ୍ ଛାଡିଦିଅନ୍ତୁ । ଟ୍ରମ୍ପଙ୍କ ସୂଚନା ଅନୁଯାୟୀ ଏହି ଟାରିଫ୍‌ର ସର୍ତ୍ତ କ'ଣ ହୋଇଛି ତାହା ତାଙ୍କ ଚିଠି ସାଧାରଣକୁ ଆସିବା ପରେ ଜଣାପଡିବ ।ପ୍ରାରମ୍ଭିକ ଭାବେ ଆମେରିକା ରାଷ୍ଟ୍ରପତି ଏହି ଚିଠିକୁ ଶୁକ୍ରବାର ଦେବାକୁ ସ୍ଥିର କରିଥିଲେ କିନ୍ତୁ ଆମେରିକାରେ ଏହା ଜାତୀୟ ଛୁଟି ଦିବସ ହୋଇଥିବାରୁ ତାରିଖକୁ ଘୁଞ୍ଚାଯାଇଛି । ପୂର୍ବରୁ ଏପ୍ରିଲ୍‌ରେ ନୂଆ ଟାରିଫ୍ ନେଇ ସୂଚନା ଦେଇଥିଲେ ।ଅଧିକାଂଶ ବ୍ୟବସାୟିକ ଅଂଶୀଦାର ସହ ଟାରିଫ୍ ୧୦% ଥିଲା ଏବଂ ଅତିରିକ୍ତ ଶୁଳ୍କ ମିଶାଇଲା ବେଳକୁ କେତେକ ସ୍ଥଳରେ ଏହା ୫୦% ହୋଇଥିଲା ।ଦେଶଗୁଡିକ ଏଥିରେ ରାଜି ନହେବାରୁ ଏହାକୁ ୯୦ଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇ ବୁଝାମଣା ପାଇଁ କୁହାଯାଇଥିଲା । ଯାହା ଜୁଲାଇ ୯ରେ ଶେଷ ହୋଇଛି । କେତେକ ଅଗଷ୍ଟ ପହିଲାରେ ଏହି ନୂଆ ଟାରିଫ୍ ଲାଗୁ କରାଯିବ । ଏହା ୭୦% ହେବ ବୋଲି ଜଣାପଡିଛି । ଟ୍ରମ୍ପ କହିଛନ୍ତି ଯେ, ଆଜି ସେ ଚିଠିରେ ସ୍ୱାକ୍ଷର କରିଛନ୍ତି । ସୋମବାର ଏହାକୁ ପ୍ରକାଶ କରାଯିବ । ଟ୍ରମ୍ପ ପ୍ରଶାସନ ପକ୍ଷରୁ କେତେକ ଦେଶ ସହ ବୁଝାମଣା ନେଇ କଥାବାର୍ତ୍ତା ଚାଲିଛି । ମାତ୍ର ଅଧିକାଂଶ କଥାବାର୍ତ୍ତାରେ ସଫଳତା ଆସିନି ।ୟୁରୋପ ସମୁହ ଓ ଜାପାନ ସହ ଆଲୋଚନା ହୋଇଛି । ତେବେ ଇତିମଧ୍ୟରେ ଦୁଇଟି ଚୁକ୍ତି ଚୂଡାନ୍ତ ହୋଇଛି । ମେ'ମାସରେ ଲଣ୍ଡନ ସହ ଚୁକ୍ତି ଚୂଡାନ୍ତ ହୋଇଛି । ସେହିପରି ଅନ୍ୟଟି ଭିଏତ୍‌ନାମ ସହ ମଧ୍ୟ ଚୂଡାନ୍ତ କରାଯାଇଛି । ଭିଏତନାମରୁ ଆସୁଥିବା ସାମଗ୍ରୀ ଉପରେ ୨୦% ଟାରିଫ୍ ଲାଗିବ । ଏହାର ପ୍ରତିବଦଳରେ ଭିଏତ୍‌ନାମ ଆମେରିକା ସାମଗ୍ରୀ ଗୁଡିକରେ ତାଙ୍କ ଦେଶରେ ପ୍ରବେଶକୁ ନିଃଶୁଳ୍କ କରିବ । ଭାରତ ସହ ବୁଝାମଣା ଏପର୍ଯ୍ୟନ୍ତ ସରିନାହିଁ । ୟୁରୋପ ସମୂହ ମଧ୍ୟ କହିଛନ୍ତି ଯେ ୱାଶିଂଟନ ସହ ସେମାନଙ୍କ ଆଲୋଚନା ବିଫଳ ହୋଇଛି । ଜୁଲାଇ ୯ ବୁଝାମଣାର ଶେଷ ତାରିଖ ରହିଛି ।



# ଆମେରିକାର ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ରୁଷ ଅସ୍ତ୍ରଶସ୍ତ୍ର !



ନୂଆଦିଲ୍ଲୀ : ରୁଷ୍ - ୟୁକ୍ରେନ୍ ମଧ୍ୟରେ ଜାରି ଯୁଦ୍ଧକୁ ତିନି ବର୍ଷ ବିତି ସାରିଛି । ଆମେରିକା ସମେତ ପାଶ୍ଚାତ ଦେଶ ଗୁଡ଼ିକ ରୁଷ୍ ଉପରେ ଖୁବ୍ ପ୍ରତିବନ୍ଧକ ଲଗାଇ ରଖିଛନ୍ତି। ଏହା ସତ୍ତ୍ୱେ ଏବେ ଏକ ନୂଆ ରିପୋର୍ଟ ପୂରା ଦୁନିଆକୁ ଆଶ୍ଚର୍ଯ୍ୟ କରି ଦେଇଛି। ଏହି ରିପୋର୍ଟ ଇଣ୍ଟରନ୍ୟାସନାଲ ପାର୍ଟନରସିପ୍ ଫର୍ ହ୍ୟୁମାନ ରାଇଟ୍ସ ( ଆଇପିଏଚ୍‌ଆର), ଇଣ୍ଡିପେଣ୍ଡେଣ୍ଟ ଆଣ୍ଟି କରପ୍ସନ କମିଶନ ( ଏନଏକେଓ) ଓ ମିଡ଼ିଆ ସଙ୍ଗଠନ ହଣ୍ଟରବୁକ୍ ମିଶି ପ୍ରସ୍ତୁତ କରିଛନ୍ତି।

ରିପୋର୍ଟରେ ଦାବି କରାଯାଇଛି ଯେ , ରୁଷୀୟ ଫାଇଟର ଜେଟ୍ସ ଓ ଅସ୍ତ୍ରଶସ୍ତ୍ରରେ ଆଜି ବି ଆମେରିକୀୟ କମ୍ପାନୀମାନଙ୍କ ଦ୍ୱାରା ନିର୍ମିତ ଉପକରଣ ବ୍ୟବହୃତ ହେଉଛି। ତାହା ବି ଏମିତି ରାସ୍ତାରେ ଯାହା ଉପରେ କାହାର ଧ୍ୟାନ ଯାଇ ନାହିଁ। ରିପୋର୍ଟରେ ଏହି କଥାର ଖୁଲାସା ହୋଇଛି ଯେ, କେମିତି ଏହି ପାର୍ଟସ୍ ୩ୟ ଦେଶ ମାଧ୍ୟମରେ ରୁଷ୍ ପର୍ଯ୍ୟନ୍ତ ପହଞ୍ଚୁଛି । କେମିତି ପାର୍ କରାଯାଉଛି ଏହି ପ୍ରତିବନ୍ଧକର ପାଚେରୀ ? କିଏ ଏହି ଗୋପନ ସପ୍ଲାଇ ରୁଟ୍ର ଖେଳାଳିମାନେ ?

ଉଲ୍ଲେଖନୀୟ ଯେ, ୟୁକ୍ରେନ ଉପରେ ହମଲା ପରେ ଆମେରିକା ଓ ଏହାର ସହଯୋଗ ଦେଶମାନେ କଡ଼ା ଆଭିମୁଖ୍ୟ ଆପଣାଇ ଥିଲେ । ରୁଷ୍ ଉପରେ ବ୍ୟବସାୟିକ ଓ ପ୍ରଯୁକ୍ତିବିଦ୍ୟାର ପ୍ରତିବନ୍ଧକ ପାଚେରୀ ଠିଆ କରାଇ ଦେଇ ଥିଲେ। କିନ୍ତୁ ଏବେ ଏହି ରିପୋର୍ଟରେ ଦାବି କରାଯାଇଛି ଯେ, ରୁଷ୍ ଇଣ୍ଟରମିଡିଏଟ୍ ଟ୍ରେଡ୍ ରୁଟ୍ସ ଅର୍ଥାତ୍ ୩ୟ ଦେଶ ଗୁଡ଼ିକ ମାଧ୍ୟମରେ ପାଶ୍ଚାତ ଟେକନିକ୍ ହାସଲ କରିବା ଜାରି ରହିଛି। ଏହି କାରଣରୁ ରୁଷ୍ର ଫାଇଟର ଜେଟ୍ସ ଓ ମିସାଇଲ ସିଷ୍ଟମରେ ଏବେ ବି ଆମେରିକୀୟ କମ୍ପାନୀ ଗୁଡ଼ିକର ଇଲେକ୍ଟ୍ରୋନିକ୍ କମ୍ପୋନେଣ୍ଟସ ମିଳୁଛି।

ରିପୋର୍ଟରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଏହି ଆମେରିକୀୟ କମ୍ପାନୀଗୁଡ଼ିକ ପକ୍ଷରୁ ଜାଣିଶୁଣି କୌଣସି ବେଆଇନ କାମ କରାଯାଇ ନାହିଁ। ଏହି ପାର୍ଟ୍ସ ଅନେକ ସମୟରେ ଅନେକ ହାତ ଓ ଦେଶ ମଧ୍ୟଦେଇ ରୁଷ୍ରେ ପହଞ୍ଚି ଥାଏ , ଯେଉଁଥିରେ କମ୍ପାନୀ ଗୁଡ଼ିକୁ ନିଜେ ବି ଜାଣିପାରନ୍ତି ନାହିଁ ଯେ, ତାଙ୍କର ଜିନିଷ କୁଆଡ଼େ ଯାଉଛି।

ବୈଶ୍ୱିକ ସପ୍ଲାଇ ଚେନ୍ ଏତେ ଜଟିଳ ଓ ପ୍ରସାର ହୋଇ ଗଲାଣି ଯେ ,ଏହା ଜାଣିବା ମୁସ୍କିଲ ହୋଇଯାଏ ଯେ , ଗୋଟେ ଛୋଟ ଚିପ୍ ବା ସାର୍କିଟ୍ କାହା ହାତକୁ ଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ରୁଷ୍ ଅନେକ ଛୋଟ ଏସୀୟ ଓ ମଧ୍ୟ ଏସୀୟ ଦେଶ ଗୁଡ଼ିକ ମାଧ୍ୟମରେ ଏହି ପାର୍ଟ୍ସକୁ ମଗାଇବାର ନେଟୱର୍କ ତିଆରି କରିଛି,ଯେଉଁଥିରେ ଆମେରିକୀୟ ପ୍ରତିବନ୍ଧକର ସିଧା ଉଲ୍ଲଂଘନ ତ ହୋଇ ନାହିଁ , କିନ୍ତୁ ଉଦ୍ଦେଶ୍ୟ ଏଠାରେ ପୂରା ହୋଇଯାଉଛି ।

## ୟୁକ୍ରେନ ଉପରେ ୫୫୦ ଡ୍ରୋନ ମାଡ଼ କଲା ରୁଷ

ନୂଆଦିଲ୍ଲୀ: ୟୁକ୍ରେନ ଉପରେ ରୁଷ ସବୁଠୁ ବଡ ଆକ୍ରମଣ। ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧ ଏବେ ଉଗ୍ର ରୂପ ନେଇଛି। ଫେଲ ମାରିଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନା। କିଭ୍ ଉପରେ ୫୫୦ ଡ୍ରୋନ୍ ହମଲା କରିଛି ରୁଷ ସେନା। ଏପରିକି ୧୧ଟି ମିଶାଇଲ ମଧ୍ୟ ନିକ୍ଷେପ କରିଛି। ଅଧିକାରୀମାନେ କହିଛନ୍ତି ଯେ କିଭ୍ରେ ବୋମାମାଡ଼ ସାତ ଘଣ୍ଟା ଧରି ଚାଲିଥିଲା। ରୁଷର ଏହି ଆକ୍ରମଣ ପରେ ରାଜଧାନୀର ଅନେକ ଜିଲ୍ଲାରେ ପ୍ରବଳ କ୍ଷତି ହୋଇଛି।

ବୋମାମାଡ଼ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ଶିଶୁ ସମେତ ୨୬ ଜଣ ଆହତ ହୋଇଛନ୍ତି। ଲଗାତାର ଆକ୍ରମଣ ଏବଂ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ୟୁକ୍ରେନ ଏବଂ ରୁଷ ମଧ୍ୟରେ ୪୦ ମାସର ହିଂସାତ୍ମକ ସଂଘର୍ଷ ପରେ ମଧ୍ୟ ବର୍ତ୍ତମାନ ଶାନ୍ତି ଫେରିବାର କୌଣସି ଆଶା ନାହିଁ।

ରୁଷର ଆକ୍ରମଣ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ମଧ୍ୟ କଥା ହୋଇଥିଲେ ଜେଲେନ୍ସ୍କି। ଦୁଇ ନେତା ୟୁକ୍ରେନୀୟ ବାୟୁ ପ୍ରତିରକ୍ଷାକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିଥିଲେ। ଜେଲେନସ୍କି କହିଛନ୍ତି ଯେ ଟ୍ରମ୍ପଙ୍କ ସହ ଆଲୋଚନା ସକାରାତ୍ମକ ଥିଲା। ଏହି ଆଲୋଚନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଆମେରିକା ୟୁକ୍ରେନକୁ ପଠାଯାଉଥିବା ସାମରିକ ସହାୟତାକୁ ଆଂଶିକ ଭାବରେ ବନ୍ଦ କରିଦେଇଛି।

ରାତିରେ ହୋଇଥିବା ଏହି ଆକ୍ରମଣ ଯୋଗୁଁ ବିସ୍ଫୋରଣରେ କିଭ ଆକାଶ ଆଲୋକିତ ହୋଇଥିଲା। ବିମାନ ଆକ୍ରମଣ ଯୋଗୁଁ ସାଇରନ୍ ଚେତାବନୀର ଶବ୍ଦ ସାରା ସହରରେ ପ୍ରତିଧ୍ୱନିତ ହୋଇଥିଲା। ରୁଷର ଏହି ଆକ୍ରମଣ ପରେ, ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି, ଏହା ଏକ ଭୟଙ୍କର ରାତି ଥିଲା।

ଋଷ ବାୟୁସେନା କହିଛି ଯେ ରାତିରେ ୟୁକ୍ରେନୀୟ ଲକ୍ଷ୍ୟସ୍ଥଳକୁ ଲକ୍ଷ୍ୟ କରି ୫୫୦ ଡ୍ରୋନ ଉଡ଼ାଣ କରାଯାଇଥିଲା। ଅଧିକାଂଶ ଶାହେଦ ଡ୍ରୋନ ଥିଲା। ଋଷ ରାଜଧାନୀ କିଭରେ କୋଠା ଏବଂ ଅନ୍ୟାନ୍ୟ ଲକ୍ଷ୍ୟସ୍ଥଳକୁ ଧ୍ୱଂସ କରିବା ପାଇଁ ଆକ୍ରମଣ ସମୟରେ ୧୧ ମିଶାଇଲ ମଧ୍ୟ ବ୍ୟବହାର କରିଥିଲା।

ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସୁରକ୍ଷା ବାହିନୀ କିଭରେ ଡ୍ରୋନ୍ ଏବଂ ଅନ୍ୟାନ୍ୟ ସାମରିକ ଉପକରଣ ତିଆରି କରୁଥିବା କାରଖାନାଗୁଡ଼ିକୁ ଟାର୍ଗେଟ କରିଥିଲେ। ଆକ୍ରମଣ ମଧ୍ୟରେ, ୟୁକ୍ରେନୀୟ ବାୟୁ ପ୍ରତିରକ୍ଷା ଦୁଇଟି କ୍ରୁଜ୍ ମିସାଇଲ୍ ନଷ୍ଟ କରିଥିବା ଦାବି କରିଛି।

## ୨୦ ବର୍ଷ ପରେ ରାଜ-ଉଦ୍ଧବ ଏକାଠି



ମୁମ୍ବାଇ, ୫ ।୭ : ମହାରାଷ୍ଟ୍ର ରାଜନୀତିରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ୨୦ ବର୍ଷ ପରେ ଉଦ୍ଧବ ଠାକରେ ଓ ରାଜ୍ ଠାକରେ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ୨୦ ବର୍ଷ ଧରି ଚାଲିଥିବା ବିବାଦର ଅବସାନ ଘଟିଛି। ମହାରାଷ୍ଟ୍ର ସରକାରଙ୍କର ତ୍ରିଭାଷୀ ପ୍ରସଙ୍ଗକୁ ନେଇ ଗୋଟିଏ ମଞ୍ଚରେ ଦୁଇ ଭାଇ ଏକାଠି ହୋଇଛନ୍ତି।

ଉଦ୍ଧବ ଓ ରାଜ୍ କହିଛନ୍ତି ଯେ ମରାଠୀ ଭାଷା ଓ ମରାଠୀ ମାନୁଷ୍ ସେମାନଙ୍କୁ ଏକାଠି କରିଛନ୍ତି। ଆଗକୁ ମହାରାଷ୍ଟ୍ର ମହାନଗର ନିର୍ବାଚନରେ ଦୁଇଭାଇ ଏକାଠି ଲଢ଼ିବେ ବୋଲି ସୂଚନା ମିଳୁଛି। ରାଜ ଠାକରେ କହିଛନ୍ତି ଯେ ୨୦ ବର୍ଷ ପରେ ଉଦ୍ଧବ ଆଉ ସେ ଏକାଠି ହୋଇଛନ୍ତି। ଯାହା ବାଲ୍ ସାହେବ୍ କରିପାରିନଥିଲେ ତାକୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିଶ କରିଦେଇଛନ୍ତି। ଫଡନାଭିଶଙ୍କ କାର୍ଯ୍ୟ ଆମକୁ ଏକାଠି କରିଛି। ସୂଚନାଯୋଗ୍ୟ ୨୦୦୫ରେ ରାଜ ଠାକରେ ଶିବସେନାରୁ ବାହାରି ଯାଇ ନିଜର ମହାରାଷ୍ଟ୍ର ନବନିର୍ମାଣ ସେନା ଗଠନ କରିଥିଲେ। ସେ ତାଙ୍କର ରାଜନୈତିକ ଯାତ୍ରାରେ ବିଜେପି ଉପରେ ନିଶାନା ଲଦିଥିଲେ। ଆଜି ପୁଣି ମରାଠୀ ଭୋଟକୁ ଏକାଠି କରିବା ପାଇଁ ସେମାନେ ଏକତ୍ରିତ ହୋଇଛନ୍ତି। ଉଦ୍ଧବ ଠାକରେ କହିଛନ୍ତି ଯେ ଆମେ ଆଜି ଏକାଠି ହୋଇଛୁ ଓ ଏକାଠି ରହିବୁ। ମହାରାଷ୍ଟ୍ର ଓ ମୁମ୍ବାଇ ମହାନଗର ନିଗମକୁ ଅକ୍ତିଆର କରିବୁ। ଉଦ୍ଧବ ଏହା କହିବା ପରେ ଆୟୋଜିତ ଜନସଭାରେ ବ୍ୟାପକ ଉଲ୍ଲାସ ଦେଖିବାକୁ ମିଳିଥିଲା।

## କେରଳରେ ବ୍ୟାପୁଛି ନିପା ଭାଇରସ୍

ତିରୁଅନନ୍ତପୁମ ୫ ।୭: ଦେଶର ଦକ୍ଷିଣ ରାଜ୍ୟ କେରଳରେ ପୁଣି ନିପାହ ଭାଇରସ ସଂକ୍ରମଣ ହେଉଛି। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁସାରେ ୨ ଜଣଙ୍କ ଠାରେ ନିପାହ ଭାଇରସ ସଂକ୍ରମଣର ସମ୍ଭାବିତ ଲକ୍ଷଣ ଦେଖାଯିବା ପରେ ଶୁକ୍ରବାର ୩ ଜିଲ୍ଲାରେ ଆଲର୍ଟ ଜାରି କରାଯାଇଛି। କେରଳରେ ନିପାହ ଭାଇରସର ୨ଟି ମାମଲା ମିଳିବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସେଠାରେ ଜାତୀୟ ସଂଯୁକ୍ତ ପ୍ରକୋପ ପ୍ରତିକ୍ରିୟା ଦଳ( ଏନଜେଓଆରଟି) ମୁତୟନ ନିମନ୍ତେ ବିଚାର କରୁଛି। ଏହି ଦଳ ସାର୍ବଜନିକ ସ୍ୱାସ୍ଥ୍ୟ ଉପାୟଗୁଡିକୁ ଲାଗୁ କରିବାରେ କେରଳ ସରକାରଙ୍କୁ ସହାୟତା କରିବ।

# ମହାକାଶରେ ଦୀର୍ଘ ସମୟ ବିତାଇବାରେ ସୁଭ୍ରାଂଶୁ ପ୍ରଥମ ଭାରତୀୟ





ବେଙ୍ଗାଲୁରୁ : ଏକ୍ସିଓମ-୪ (ଏକ୍ସ-୪) ମିସନରେ ଜୁନ ୨୬ ତାରିଖ ଦିନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ୍) କୁ ପହଞ୍ଚିଥିବା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କର ମହାକାଶରେ ୧୧ ଦିନ ପୁରିଛି। ଏହା ସହିତ ଶୁକ୍ଲା ମହାକାଶରେ ଅଧିକ ସମୟ ବିତାଇବାରେ ପ୍ରଥମ ଭାରତୀୟ ମହାକାଶଚାରୀ ପାଲଟିଛନ୍ତି। ଏକ୍ସ-୪ଚାଳକ ଦଳରେ ଶୁକ୍ଲାଙ୍କ ସହ ଅନ୍ୟ ୩ ଜଣ ମହାକାଶଚାରୀ ମଧ୍ୟ ଅଛନ୍ତି। ଏମାନେ ଜୁଲାଇ ୩ ତାରିଖ ସୁଦ୍ଧା ପୃଥିବୀକୁ ୧୧୩ଥର ପରିକ୍ରମା କରିଛନ୍ତି।

ଏହିକ୍ରମରେ ମହାକାଶଚାରୀମାନେ ୪୦.୬୬ଲକ୍ଷରୁ ଅଧିକ କିଲୋମିଟର ଦୂରତା ଅତିକ୍ରମ କରିଛନ୍ତି, ଯାହା ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଦୂରତାର ପାଖାପାଖି ୧୨ ଗୁଣା ଅଧିକ। ଶୁକ୍ଲା ଏଏଚଏମ ରେଡିଓ କନେକ୍ସନରେ ବେଙ୍ଗାଲୁରୁସ୍ଥିତ ୟୁଆର. ରାଓ ଉପଗ୍ରହ କେନ୍ଦ୍ର (ୟୁଆରଏସସି)ର ବୈଜ୍ଞାନିକଙ୍କ ସହିତ ସଂକ୍ଷିପ୍ତ ଆଲୋଚନାରେ କହିଛନ୍ତି ଯେ 'ଏହା ଏକ ଭଲ କ୍ଷଣ। ଆମକୁ ବିଭିନ୍ନ ଦେଶର ଭୋଜନ ମିଳୁଛି ଓ ଏହାକୁ ଆମେ ସବୁ ସଦସ୍ୟଙ୍କ ମଧ୍ୟରେ ବାଣ୍ଟିଛୁ'।

ଶୁଭାଂଶୁ ଶୁକ୍ଲା ଗୁରୁବାର ଦିନ ମହାକାଶରେ ଅଧିକ ସମୟ ବିତାଇଥିବା ପ୍ରଥମ ଭାରତୀୟ ମହାକାଶଚାରୀ ପାଲଟିଥିଲେ। ଶୁକ୍ଲା ମହାକାଶ ରହଣୀରେ ପ୍ରଥମ ଭାରତୀୟ ମହାକାଶଚାରୀ ରାକେଶ ଶର୍ମାଙ୍କ ରେକର୍ଡ ଭାଙ୍ଗିଛନ୍ତି। ଶର୍ମା ୧୯୮୪ ମସିହାରେ ସୋଭିୟେତ ଇଣ୍ଟରକସମସ୍ କାର୍ଯ୍ୟକ୍ରମରେ ମହାକାଶରେ ୭ ଦିନ ୨୧ ଘଣ୍ଟା ଓ ୪୦ ମିନିଟ୍ ବିତାଇଥିଲେ। ଗତ ଗୁରୁବାର ଦିନ ସୁଦ୍ଧା ଶୁକ୍ଲା ମହାକାଶ କେନ୍ଦ୍ରରେ ୯ ଦିନ ବିତାଇଛନ୍ତି। ଶୁକ୍ଲା କହିଛନ୍ତି ଯେ ମିସନର ସବୁଠୁ ରୋମାଞ୍ଚକର ମୁହୂର୍ତ୍ତ ହେଉଛି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ପୃଥିବୀକୁ ଦେଖିବା।

ଶୁକ୍ଲା କହିଛନ୍ତି ଯେ ବିଭିନ୍ନ ଦେଶର ଲୋକଙ୍କ ସହିତ କାମ କରିବା ମଧ୍ୟ ଏଠାରେ ଏକ ରୋମାଞ୍ଚକର ଅନୁଭବ। ସେହିପରି ଫ୍ଲୋରିଡାର କେନେଡି ମହାକାଶ କେନ୍ଦ୍ରରୁ ପ୍ରକ୍ଷେପଣର ନିଜ ଅନୁଭୂତି ସମ୍ପର୍କରେ ଶୁକ୍ଲା କହିଛନ୍ତି ଯେ ଲଞ୍ଚ କାଳରେ ରକେଟ ଦ୍ରୁତବେଗରେ ଗତି କରୁଥିଲା। ଏହା ବେଶ୍ ଦ୍ରୁତ ଥିଲା, ଯେପରି ଆପଣ ଅଧିକ ଉପରକୁ ଉଠିବାରେ ଲାଗନ୍ତି ଦ୍ରୁତ ଗତିରେ ଆଗକୁ ବଢନ୍ତି ଏହି ସମୟରେ ତ୍ୱରଣ (ବସ୍ତୁର ବେଗରେ ପରିବର୍ତ୍ତନର ହାର) ବେଶ୍ ଅଧିକ ହେଉଥିଲା।

ଏକ୍ସ-୪ ମିସନରେ ଅଭିଜ୍ଞ ମହାକାଶଯାତ୍ରୀ ପେଗ୍ଗି ହ୍ୱିଟସନ କମାଣ୍ଡର ଥିବା ବେଳେ ଶୁକ୍ଲା ପାଇଲଟ ଓ ପୋଲାଣ୍ଡ ଏବଂ ହଙ୍ଗେରୀର ମହାକାଶଚାରୀ ଯଥାକ୍ରମେ ମିସନ ବିଶେଷଜ୍ଞ ଭାବେ କାମ କରୁଛନ୍ତି। ଏକ୍ସ-୪ ମହାକାଶ ଯାତ୍ରୀମାନେ ବୈଜ୍ଞାନିକ ଗବେଷଣାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ଏଥିରେ ଶୁକ୍ଲା ଚଳାଇଥିବା ଗବେଷଣାରୁ କୋଶିକୀୟ ଆଣବିକ ତନ୍ତ୍ର ସମ୍ପର୍କରେ ସୂଚନା ମିଳିପାରେ, ଯାହା ପୃଥିବୀରେ ଚିକିତ୍ସକୀୟ ଜ୍ଞାନରେ ପରିବର୍ତ୍ତିତ ହୋଇପାରେ।

## ୱିମ୍ବଲଡନ୍

# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା, ବୌଜାସ



ଲଣ୍ଡନ, ୦୫।୭ (ଏଜେନ୍ସି) : ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣମେଣ୍ଟ ୱିମ୍ବଲଡନ୍ ଜାରି ରହିଛି। ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ଟୁର୍ଣ୍ଣାମେଣ୍ଟର ୧ ନମ୍ବର ସିଡେଡ୍ ଖେଳାଳି ଆରନ୍ୟା ସାବାଲେଙ୍କା, ଜେସିକା ବୌଜାସ, ଲିଉଡମିଲା ସାମସୋନୋଭା, ମିରା ଆନ୍ଦ୍ରେଭା ବିଜୟ ଲାଭ କରି ଶେଷ ୧୬ରେ ପ୍ରବେଶ କରିଛନ୍ତି। ପୁରୁଷ ବର୍ଗର ଏକାଧିକ ଲଢୁଆ ମ୍ୟାଚ୍ ରହିଛି। ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୦ ସେଟ୍‌ରେ ଜାକୁବ୍ ମେନସିକଙ୍କୁ ପରାଜିତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡର ଆଉ ଏକ ଲଢୁଆ ମୁକାବିଲା ନୋଭାକ୍ ଜୋକୋଭିକ ଏବଂ ମିଓମିର କେକମାନୋଭିକ ମଧ୍ୟରେ ସେଣ୍ଟର ପୋର୍ଟରେ ଖେଳାଯିବ।

ମହିଳା ସିଙ୍ଗଲ୍ସ ତୃତୀୟ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଟୁର୍ଣ୍ଣାମେଣ୍ଟର ୧ ନଂ ସିଡ ଆର୍ଯ୍ୟାନା ସାବାଲେଙ୍କା ୭-୬, ୬-୪ ସିଧାସଳଖ ସେଟ୍‌ରେ ଇମା ରାଡୁକାନୁଙ୍କୁ ଧରାଶାୟୀ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ଅନ୍ୟ ଏକ ତୃତୀୟ ମ୍ୟାଚ୍‌ରେ ଜେସିକା ବୌଜାସ ୬-୧, ୨-୬, ୬-୩ ସେଟ୍‌ରେ ଡାୟାନା ୟାଷ୍ଟ୍ରିମାସ୍କାଙ୍କୁ ହରାଇ ଥିଲେ। ମିରା ଆନ୍ଦ୍ରେଭା ୬-୧, ୬-୩ ସିଧାସଳଖ ସେଟ୍‌ରେ ହେଲି ବାପଟିଷ୍ଟାଙ୍କୁ ପରାଜିତ କରିଥିଲେ। ଲିଉଡ ମିଲା ସାମସୋନୋଭା ୬-୨, ୬-୩ ସେଟ୍‌ରେ ଡାରିଆ କାର୍ସାଟକିନାଙ୍କୁ ପରାସ୍ତ କରି ଆଗକୁ ବଢିଛନ୍ତି।

## ବର୍ମିଂହାମ୍ ଟେଷ୍ଟ

# ଇଂଲଣ୍ଡର ଟାର୍ଗେଟ୍ ୬୦୮



ଏଜବଷ୍ଟନ, ୦୫।୭(ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ବର୍ମିଂହାମ୍ ଦ୍ୱିତୀୟ ଟେଷ୍ଟ ରୋଚକ୍ ମୋଡରେ ପହଞ୍ଚିଛି। ପ୍ରଥମ ପାଳିରେ ଭାରତ ୫୮୭ ରନ୍‌ର ବଡ ସ୍କୋର କରିଥିଲା। ଯବାବ୍‌ରେ ଇଂଲଣ୍ଡ ୪୦୭ ରନ୍ କରି ଇନିଂସ ପଛୁଆ ରହିଥିଲା। ଚତୁର୍ଥ ଦିବସ ଭାରତ ଦ୍ୱିତୀୟ ପାଳିରେ ୬ ୱିକେଟ୍ ହରାଇ ୪୨୭ ରନ୍ କରି ପାଳି ଘୋଷଣା କରିଥିଲା। ତେଣୁ ଇଂଲଣ୍ଡ ପାଇଁ ୬୦୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପ୍ରଥମ ପାଳିରେ ଦ୍ୱିଶତକକୀୟ ଇନିଂସ ଖେଳିଥିବା ଅଧିନାୟକ ଶୁଭମନ୍ ଗିଲ୍ ଦ୍ୱିତୀୟ ପାଳିରେ ମଧ୍ୟ ଶତକ ହାସଲ କରି ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଭାରତ ନିକଟରେ ଏହି ମ୍ୟାଚକୁ ଜିତିବା ପାଇଁ ଭରପୁର ସୁଯୋଗ ରହିଛି।

ତୃତୀୟ ଦିନର ଅସମାପ୍ତ ଇନିଂସ ୬୪ /୧ ରୁ ଖେଳ ଆରମ୍ଭ କରିଥିଲା ଭାରତ। ରାହୁଲ ୨୮ ଓ ନାଏର ୭ ରନ୍‌ରୁ ବ୍ୟାଟିଙ୍ଗ୍ ଆଗେଇ ନେଇଥିଲେ। ରାହୁଲ ୮୪ ବଲରୁ ୫୫ ରନ୍ କରି ଟଙ୍ଗଙ୍କ ଶିକାର ହୋଇଥିବା ବେଳେ ନାଏର ୨୬ ରନ୍ କରି କାର୍ସେଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହା ପରେ ଶୁଭମନ୍ ଗିଲ୍ ଓ ପନ୍ତଙ୍କ ଯୋଡି ମଧ୍ୟ କ୍ରମରେ ଜମାଣିଆ ବ୍ୟାଟିଙ୍ଗ୍ କରିଥିଲେ। ପନ୍ତ ୫୮ ବଲରୁ ୮ଟ ଚୌକା ଓ ୩ ଟି ଛକା ସହାୟତାରେ ୬୫ ରନ୍ କରିଥିବା ବେଳେ ଶୋଏବ ବଶିରଙ୍କ ବଲକୁ ଛକା ମାରିବାକୁ ଯାଇ ଡକେଟଙ୍କ ହାତରେ ଧରାପଡିଥିଲେ। ଏହାପରେ ରବିନ୍ଦ୍ର ଜାଡେଜା ଅଧିନାୟକ ଗିଲ୍‌ଙ୍କ ସହ ମିଶି ଇନିଂସକୁ ଆଗେଇ ନେଇଥିଲେ। ଜାଡେଜା ୬୨ ବଲରୁ ୩୨ ରନ୍ କରି ଅପରାଜିତ ଥିଲେ। ଶତକୀୟ ଇନିଂସ ଖେଳିଥିବା ଶୁଭମନ୍ ଗିଲ୍ ଏହି ମ୍ୟାଚ୍‌ରେ ଏକାଧିକ ରେକର୍ଡ କରିଛନ୍ତି। ସେ ଭାରତର କିମ୍ବଦନ୍ତୀ କ୍ରିକେଟ୍‌ର ସୁନିଲ୍ ଗାଭାସ୍କରଙ୍କୁ ପଛରେ ପକାଇଛନ୍ତି। ୧୯୭୧ ମସିହାରେ ସୁନିଲ୍ ଗାଭାସ୍କର ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚରେ ଦୁଇଟି ଯାକ ଇନିଂସରେ ଶତକ ଲଗାଇଥିଲେ। ଗିଲ୍ ଇଂଲଣ୍ଡ ବିପକ୍ଷରେ ପ୍ରଥମ ପାଳିରେ ୨୬୯ ରନ୍ ଓ ଦ୍ୱିତୀୟ ପାଳିରେ ଶତକ ହାସଲ କରି ଏହି ମ୍ୟାଚ୍‌କୁ ଆହୁରୀ ସ୍ମରଣୀୟ କରିଛନ୍ତି। ଓପନ୍‌ର ଯଶସ୍ୱୀ ଜୟସ୍ୱାଲ୍ ୨୨ ବଲରୁ ୨୮ ରନ୍ କରି ପ୍ରଥମ ୱିକେଟ୍ ଭାବେ ପାଭିଲିୟନ୍ ଫେରିଥିଲେ। ସେ ପ୍ରଥମ ଇନିଂସରେ ୮୭ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡର ଜୋସ୍ ଟଙ୍ଗଙ୍କୁ ୨ଟି ବ୍ରେଡନ୍ କାର୍ସେ ଓ ଶୋଏବ୍ ବଶିରଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି।

୨୨.୫ ଓଭରେ ଭାରତର ଦଳୀୟ ସ୍କୋର ୧୦୦ ରନ୍ ପୂରଣ ହୋଇଥିଲା। ଲୋକେଶ ରାହୁଏ ୭୮ ବଲରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତର ଦଳୀୟ ସ୍କୋର ୩୧.୫ ଓଭରେ ୧୫୦ ରନ୍‌ରେ ପହଞ୍ଚିଥିଲା। ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଭାରତ ୩୮ ଓଭରେ ୩ ୱିକେଟ୍ ହରାଇ ୧୭୭ ରନ୍ କରିଥିଲା। ୪୧.୨ ଓଭରେ ୨୦୦ ରନ୍ ପୂରଣ ହୋଇଥିଲା। ଶୁଭମନ୍ ଗିଲ୍ ୫୭ ବଲରୁ ୫୦ ରନ୍ କରିଥିଲେ। ପନ୍ତ ୪୮ ବଲରୁ ୫୦ ରନ୍ ପୂରଣ କରିଥିଲେ। ୫୨.୨ ଓଭରେ ଦଳୀୟ ସ୍କୋର ୨୫୦ ରନ୍‌ରେ ପହଞ୍ଚିଥିଲା। ୬୪.୫ ଓଭରରେ ୩୦୦ ରନ୍ ପୂରଣ ହୋଇଥିଲା। ଶୁଭମନ୍ ଗିଲ୍ ୧୨୯ ବଲରୁ ଶତକ ହାସଲ କରିଥିଲେ। ଚା ପାନ ବିରତି ବେଳକୁ ଭାରତ ୬୮ ଓଭରରେ ୪ ୱିକେଟ ହରାଇ ୩୦୪ ରନ୍ କରିଥିଲା। ଶୁଭମନ୍ ଗିଲ୍ ୧୬୨ ବଲକୁ ୧୩ ଟି ଚୌକା ଓ ୮ ଟି ଛକା ସହାୟତାରେ ୧୬୧ ରନ୍ କରିଥିଲେ। ଜାଡେଜା ଅପରାଜିତ ୬୮ ଓ ୱାଶିଂଟନ ସୁନ୍ଦର ୧୨ ରନ୍ କରିଥିଲେ। ଭାରତ ଦ୍ୱିତୀୟ ପାଳିରେ ୮୩ ଓଭରରେ ୪୨୭/୬ ରନ୍ କରି ପାଳି ଘୋଷଣା କରିଥିଲା। ତେଣୁ ଭାରତ ୬୦୮ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ଇଂଲଣ୍ଡ ପାଇଁ ଧାର୍ଯ୍ୟ କରିଛି।

## ବିଶ୍ୱ ପୋଲିସ, ଅଗ୍ନିଶମ କ୍ରୀଡା

# ୪ ଦିନରେ ଓଡିଶା ପୋଲିସକୁ ୯ ସ୍ୱର୍ଣ୍ଣ



ଭୁବନେଶ୍ୱର, ୦୫।୭ (ସନ୍ୟୁ) : ଆମେରିକାର ବର୍ମିଂହାମ୍‌ରେ ଆୟୋଜିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରିଡା ୨୦୨୫ ରେ ଓଡିଶା ପୋଲିସର କ୍ରୀଡାବିତ୍‌ମାନେ ସଫଳତା ହାସଲ କରିଚାଲିଛନ୍ତି। ଚତୁର୍ଥ ଦିନ ୩ ଜଣ ଯୁବ କ୍ରୀଡାବିତ୍ ଅଶୋକ ଦଣ୍ଡସେନା ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ, ସବିତା ଟପ୍ପୋ ଗୋଟିଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ଏବଂ ସ୍ମୃତିତା ଟିଗା ଗୋଟିଏ ବ୍ରୋଞ୍ଜ୍ ପଦକ ଜିତି ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଡିଶା ପୋଲିସର କ୍ରୀଡାବିତମାନେ ଗତ ୪ ଦିନ ମଧ୍ୟରେ ୯ ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

କନେଷ୍ଟବଳ ଅଶୋକ ଦଣ୍ଡସେନା ପୁରୁଷ ବିଭାଗ ୫ ହଜାର ମିଟର ଓ ୧୦ ହଜାର ମିଟର ଦୌଡରେ ୨ ଟି ସ୍ୱର୍ଣ୍ଣ ପଦକ ଏବଂ ୪ ଗୁଣା ୪୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କନେଷ୍ଟବଳ ସବିତା ଟପ୍ପୋ ମହିଳା ବିଭାଗର ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଏବଂ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ବିଜୟ ହୋଇଛନ୍ତି। ସ୍ମୃତିତା ଟିଗା ମହିଳା ୪ ଗୁଣା ୪୦୦ ମିଟର ରିଲେରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପୂର୍ବରୁ ସେ ୧୫୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଏବଂ ୮୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତିଥିଲେ।

ଉଭୟଙ୍କ ଏହି ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ କ୍ରିଡାବିତ୍ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡା ପ୍ରତି ୨ ବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ଯେଉଁଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳି ଅଂଶ ଗ୍ରହଣ କରିଥାନ୍ତି।

# ପୁଣି ଚର୍ଚ୍ଚାରେ ସାମି-ହସୀନାଙ୍କ ବିବାଦ

ନୂଆଦିଲ୍ଲୀ, ୦୫।୭(ଏଜେନ୍ସି) : ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ସାମି ଓ ପତ୍ନୀ ହସୀନା ଯାହାନଙ୍କ ବିବାହ ବିଚ୍ଛେଦ ବିବାଦ ପୁଣି ଚର୍ଚ୍ଚାରେ ରହିଛି। ନିକଟରେ କୋଲକାତା ହାଇକୋର୍ଟ ସାମିଙ୍କୁ ହସୀନା ଓ ତାଙ୍କ ଝିଅର ଭରଣପୋଷଣ ପାଇଁ ମାସକୁ ୪ ଲକ୍ଷ ଟଙ୍କା ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଜୟ ହାସଲ କରିଥିବାରୁ ହସୀନା ସୋସିଆଲ୍ ମିଡିଆରେ ସାମିଙ୍କୁ ସମାଲୋଚନା କରି ପୋଷ୍ଟ କରିଛନ୍ତି। ଏହି ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ହସିନା ଲେଖିଛନ୍ତି ଯେ, ଆଇ ଲଭ୍ ୟୁ ଜାନ୍। ତୁମକୁ ମୋ ଭଳି ପତ୍ନୀ ମିଳିବେନି। ସମ୍ପର୍କ ବଞ୍ଚାଇବା ପାଇଁ ସମସ୍ତ



ଉଦ୍ୟମ କରୁଥିବି। ବ୍ୟସ୍ତ ହୁଅନି ମରିବା ପର୍ଯ୍ୟନ୍ତ ଆମ ସମ୍ପର୍କ ମଜଭୁତ ରହିବ।

୭ ବର୍ଷ ହେବ ଆମ ଭିତରେ ଲଢେଇ ଚାଲିଛି। ମୋତେ ଚରିତ୍ର ହୀନ, ଲୋଭୀ ସହିତ ଅନେକ ଖରାପ ଢଙ୍ଗରେ ଚିତ୍ରଣ କରିଛ। କେତେକ ଅପରାଧୀଙ୍କୁ ମାରିବା ପାଇଁ ଅର୍ଥ ଦେଇଛ। ଯେତକ ଅର୍ଥ ତମେ ଦେହ ଜୀବି, ଅପରାଧୀଙ୍କ ପଛରେ ଖର୍ଚ୍ଚ କରିଛ ତାହା ପତ୍ନୀ ଓ ଝିଅ ପଛରେ ଖର୍ଚ୍ଚ କରିଥିଲେ ଏକ ସମ୍ମାନଜନକ ଜୀବନ ସମସ୍ତେ କାଟିଥାନ୍ତେ। ଆଗକୁ ତୁମେ ଆହୁରୀ ମଧ୍ୟ ଅପମାନିତ ହେବ। ଏଭଳି ହସିନା ତାଙ୍କ ପୋଷ୍ଟରେ ଲେଖିଛନ୍ତି।

## ବ୍ରୁକ୍‌ଙ୍କ ଚେତାବନୀ

# ଯେକୌଣସି ଟାର୍ଗେଟ୍‌କୁ ପିଛା କରିପାରିବୁ



ଏଜବଷ୍ଟନ, ୦୫।୭(ଏଜେନ୍ସି) : ପ୍ରଥମ ଇନିଂସରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ ୧୫୮ ରନ୍‌ର ଇନିଂସ ଖେଳିଥିଲେ। ଏହି ଶତକ ବୀର ବ୍ରୁକ୍ ଭାରତୀୟ ଦଳକୁ ଚେତାବନୀ ଦେଇଚନ୍ତି। ବ୍ରୁକଙ୍କ କହିବା କଥା ଇଂଲଣ୍ଡ ଚତୁର୍ଥ ଇନିଂସରେ କୌଣସି ବି ଲକ୍ଷକୁ ପିଛା କରିବାକୁ ସକ୍ଷମ। ହ୍ୟାରି ବ୍ରୁକ୍ ବିବିସି ସହ ସ୍ୱତନ୍ତ୍ର ଆଲୋଚନା ବେଳେ କହିଛନ୍ତି ମୋତେ ଏବେବି ଲାଗୁଛି ଆମେ ଏହି ଟେଷ୍ଟ ମ୍ୟାଚ୍ ଜିତି ପାରିବୁ। ସମସ୍ତଙ୍କୁ ଜଣା ଯେ, ଆମେ ଲକ୍ଷ ପିଛା କରିବୁ। ସେ ଯେତେ ରନ୍ ହେଉନା କାହିଁକି ଯେମିସ୍ ସ୍ମିଥ୍‌ଙ୍କ ସହ କ୍ରିଜ୍‌ରେ ସମୟ ବିତାଇବା ଦଳ ପାଇଁ ସଠିକ୍ ସାବ୍ୟସ୍ତ ହୋଇଛି। ଆଶା କରୁଛି ଆମେ ମ୍ୟାଚ୍ ପ୍ରତ୍ୟାବର୍ତ୍ତନ କରିବୁ। ବ୍ରୁକ୍ ଭାରତୀୟ ବୋଲରଙ୍କୁ ପ୍ରଶଂସା କରି କହିଛନ୍ତି ତାଙ୍କ ୱିକେଟ୍ ପତନ ସହ ମ୍ୟାଚ୍‌ର ଦିଗ ହିଁ ବଦଳି ଗଲା। ଯଦି ମୁଁ ଆଉଟ୍ ହୋଇନଥାନ୍ତି ତେବେ ସ୍ଥିତି ଅଲଗା ହୋଇଥାନ୍ତା। ଭାରତକୁ ଖୁବ୍‌ଶୀଘ୍ର ଅଲ୍ ଆଉଟ୍ କରିବାକୁ ଚେଷ୍ଟା କରିବୁ।

# ଗାଭାସ୍କରଙ୍କ ସର୍ବକାଳୀନ ରେକର୍ଡ ଭାଙ୍ଗିଲେ ଗିଲ

ଏଜବଷ୍ଟନ: ଇଂଲଣ୍ଡ ମାଟିରେ ଭାରତୀୟ ଟେଷ୍ଟ ଟିମ କ୍ୟାପ୍ଟେନ ଶୁବମନ ଗିଲଙ୍କ ଜଲୱା। ପ୍ରଥମ ଇନିଂସରେ ରେକର୍ଡ ବ୍ରେକିଂ ୨୬୯ ରନ କରିଥିବା ଗିଲ ଦ୍ୱିତୀୟ ଇନିଂସରେ ମଧ୍ୟ କମାଲ କରିଛନ୍ତି। ଦ୍ୱିତୀୟ ଇନିଂସରେ ମଧ୍ୟ ତାଙ୍କ ବ୍ୟାଟରୁ ବାହାରିଛି ଶତକ। ଭାରତର ୩୭ତମ ଟେଷ୍ଟ କ୍ୟାପ୍ଟେନ ଗିଲ ଦମଦାର ଶତକ ହାସଲ କରିଛନ୍ତି। ସେ ଶୋଏବ ବଶିରଙ୍କ ବଲରେ ୧ ରନ କରି ନିଜ ଟେଷ୍ଟ କ୍ୟାରିୟରର ୯ମ ଶତକ ହାସଲ କରିଛନ୍ତି। ଏହି ଶତକୀୟ ଇନିଂସରେ ସେ ୧୨୯ ବଲର ସାମ୍ନା କରି ୯ଟି ଚୌକା ଓ ୩ଟି ଛକା ମାରିଛନ୍ତି। ଶତକ ମାରିବା ପରେ ମଧ୍ୟ ସେ ନିଜ ବ୍ୟାଟିଂ ଜାରି ରଖିଛନ୍ତି। ପ୍ରଥମ ଇନିଂସରେ ସେ ୩୮୭ ବଲରେ ୨୬୯ ରନର ଇନିଂସ ଖେଳିଥିଲେ। ଲିଡ୍ସରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ମଧ୍ୟ ସେ ୧୪୭ ରନ କରିଥିଲେ। ଗିଲ ଭାରତର ଦ୍ୱିତୀୟ ଟେଷ୍ଟ କ୍ୟାପ୍ଟେ ଭାବେ ଉଭୟ ଇନିଂସରେ ଶତକ ମାରିବାର ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ତାଙ୍କ ପୂର୍ବରୁ ୧୯୭୮ରେ ସୁନୀଲ ଗାଭାସ୍କର ୱେଷ୍ଟଇଣ୍ଡିଜ ବିପକ୍ଷ କୋଲକାତା ଟେଷ୍ଟରେ ଓ ୨୦୧୪ରେ ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ଆଡିଲେଡ ଟେଷ୍ଟର ଉଭୟ ଇନିଂସରେ ଶତକ ମାରିଥିଲେ।

ଏବେ ଗିଲ ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷ ଟେଷ୍ଟର ଉଭୟ ଇନିଂସରେ ଶତକ ମାରିଛନ୍ତି। ଅନ୍ୟପକ୍ଷରେ ଗିଲ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ସର୍ବକାଳୀନ ରେକର୍ଡ ମଧ୍ୟ ଭାଙ୍ଗି ଦେଇଛନ୍ତି। ୨୫ ବର୍ଷୀୟ ଗିଲ ଦ୍ୱିତୀୟ ଇନିଂସରେ ୭୭ ରନ କରିବା କ୍ଷଣି ଗାଭାସ୍କରଙ୍କ ରେକର୍ଡକୁ ଅତିକ୍ରମ କରି ଯାଇଥିଲେ। ଗିଲ ଏବେ ଭାରତ ପାଇଁ କୌଣସି ଟେଷ୍ଟରେ ସର୍ବାଧିକ ରନ ହାସଲକାରୀ କ୍ରିକେଟର ବନି ଯାଇଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ଗାଭାସ୍କରଙ୍କ ନାଁରେ ଥିଲା। ୧୯୭୧ରେ ପୋର୍ଟ ଅଫ ସ୍ପେନରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳା ଯାଉଥିବା ଟେଷ୍ଟରେ ୩୪୪ ରନ କରିଥିଲେ। ହେଲେ ଗିଲ ଏବେ ୩୫୦ରୁ ଅଧିକ ରନ କରି ସାରିଲେଣି। ପୋର୍ଟ ଅଫ ସ୍ପେନରେ ଗାଭାସ୍କର ପ୍ରଥମ ଇନିଂସରେ ୧୨୪ ଓ ଦ୍ୱିତୀୟ ଇନିଂସରେ ୨୨୦ ରନ ରନ କରିଥିଲେ। ଗିଲ ପ୍ରଥମ ଇନିଂସରେ ୨୬୯ ଓ ଦ୍ୱିତୀୟ ଇନିଂସରେ ୧୬୧ରନ୍ କରିଛନ୍ତି। ଭାରତର ମୋଟ ୧୦ ଜଣ ବ୍ୟାଟର ଗୋଟିଏ ଟେଷ୍ଟର ଉଭୟ ଇନିଂସରେ ୩୦୦ରୁ ଅଧିକ ରନ କରିଛନ୍ତି। ଏମାନଙ୍କ ମଧ୍ୟରେ ସବୁଠାରୁ ଉପରେ ରହିଛନ୍ତି ଗିଲ୍।

ଗିଲ ଓ ଗାଭାସ୍କରଙ୍କ ବ୍ୟତୀତ ଭିଭିଏସ୍ ଲକ୍ଷ୍ମଣ ୩୪୦ ରନ, ସୌରଭ ଗାଙ୍ଗୁଲି ୩୩୦ ରନ, ବୀରେନ୍ଦ୍ର ସେହୱାଗ ୩୧୯, ବୀରେନ୍ଦ୍ର ସେହୱାଗ ୩୦୯, ରାହୁଲ ଦ୍ରାବିଡ ୩୦୫, କରୁଣ ନାୟର ୩୦୩, ରୋହିତ ଶର୍ମା ୩୦୩ ଓ ସଚିନ ତେନ୍ଦୁଲକର ୩୦୧ ରନ କରିଥିଲେ।

ଗିଲ ଭାରତ ପାଇଁ ଗୋଟିଏ ଟେଷ୍ଟରେ ସର୍ବାଧିକ ରନ କରିଥିଲେ ହେଁ ବିଶ୍ୱର ୧ନଂ ତାଲିକାରେ ଇଂଲଣ୍ଡର ପୂର୍ବତନ କ୍ୟାପ୍ଟେନ ଗ୍ରାହାମ ଗୁଚ ରହିଛନ୍ତି। ସେ ୧୯୯୦ରେ ଭାରତ ବିପକ୍ଷ ଲର୍ଡସ ଟେଷ୍ଟରେ ୪୫୬ ରନ କରିଥିଲେ। ସେ ପ୍ରଥମ ଇନିଂସରେ ୩୩୩ ରନ ଓ ଦ୍ୱିତୀୟ ଇନିଂସରେ ୧୨୩ ରନ କରିଥିଲେ। ଗ୍ରାହାମଙ୍କ ପଛରୁ ଅଷ୍ଟ୍ରେଲିଆର ମାର୍କ ଟେଲର ୪୨୬ ରନ, ଶ୍ରୀଲଙ୍କାର କୁମାର ସାଙ୍ଗାକାରା ୪୨୪ ରନ ଓ ବ୍ରାଏନ ଲାରା ୪୦୦ ରନ କରିଥିଲେ।

# ଭାରତୀୟ ଦଳର ବାଂଲାଦେଶ ଗସ୍ତ ୧୩ ମାସ ଘୁଞ୍ଚିଲା




ନୂଆଦିଲ୍ଲୀ, ୦୫।୭(ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳର ବାଂଲାଦେଶ ଗସ୍ତ ୧୩ ମାସ ଘୁଞ୍ଚିଛି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ ଏହି ସୂଚନା ଦିଆଯାଇଛି। ବାଂଲାଦେଶ ଓ ଭାରତ ଉଭୟ ବୋର୍ଡ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତ ଏହି ଗସ୍ତରେ ୩ଟି ଦିନିକିଆ ଓ ସମାନ ସଂଖ୍ୟକ ଟି-୨୦ ମ୍ୟାଚ୍ ଖେଳିଥାନ୍ତା। ଆଗାମୀ ଅଗଷ୍ଟରୁ ଏହି ଶୃଙ୍ଖଳା ହେବାର ଥିଲା ଏହାକୁ ୨୦୨୬ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ଶୃଙ୍ଖଳାର ନୂତନ କାର୍ଯ୍ୟସୂଚୀ ଘୋଷଣା କରାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ବାଂଲାଦେଶର ରାଜନୈତିକ ଅସ୍ଥିରତା ଯୋଗୁଁ ଏହି ଶୃଙ୍ଖଳାକୁ ୧୩ ମାସ ଘୁଞ୍ଚାଇଦିଆଯାଇଛି। ଖେଳାଳିଙ୍କ ସୁରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯାଏ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପ୍ରଶଂସକଙ୍କୁ ସେମାନଙ୍କ ଖେଳ ଦେଖିବା ପାଇଁ ଆହୁରୀ ବର୍ଷେ ଅପେକ୍ଷା କରିବାକୁ ପଡିବ। ଉଭୟ ଖେଳାଳି ଟେଷ୍ଟ ଓ ଟି-୨୦ ରୁ ଅବସର ନେଇସାରିଛନ୍ତି। କେବଳ ଦିନିକିଆରେ ନଜର ଆସିବେ। ଆଗାମୀ ଅକ୍ଟୋବରରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଖେଳିବ। ଏହି ଗସ୍ତରେ ରୋହିତ ଦଳ ନେତୃତ୍ୱ ନେଇପାରନ୍ତି।

## ଭାରତ ପାଇଁ

# ସୁନାମ ଆଣିଲେ ଡି ଗୁକେଶ

ନୂଆଦିଲ୍ଲୀ, ୦୫।୭(ଏଜେନ୍ସି) : ବିଶ୍ୱ ସ୍ତରରେ ଭାରତ ପାଇଁ ସୁନାମ ଆଣିଛନ୍ତି ଡି ଗୁକେଶ ୧୯ ବର୍ଷୀୟ ଗୁକେଶ ବିଶ୍ୱ ଚେସ୍ ଚାମ୍ପିଅନ୍ ସିପର ସୁପର ୟୁନାଇଟେଟ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟର ରାପିଡ୍ ଗେମ୍ ଜିତିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଗ୍ରାଣ୍ଡ ଚେସ୍ ଟୁର୍ ୨୦୨୫ ର ଏକ ଅଂଶ। ଗୁକେଶ ରାପିଡ୍ ଫର୍ମାଟରେ ୧୮ ରୁ ୨୪ ପଏଣ୍ଟ ଅର୍ଜନ କରି ଏହି ଗେମ୍ ଜିତିଛନ୍ତି। ପ୍ରଥମ ରାଉଣ୍ଡରେ ପରାଜୟ ପରେ ଲଗାତାର ୫ଟି ରାଉଣ୍ଡ ଜିତିଥିଲେ ଗୁକେଶ। ପ୍ରଥମ ରାଉଣ୍ଡରେ ସେ ପୋଲାଣ୍ଡର ଜାନ କ୍ରିଜଷ୍ଟୋଫ୍ ଡୁଡାଙ୍କଠାରୁ ପରାଜିତ ହୋଇଥିଲେ। ତଥାପି ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ୫ ଟି ଲଗାତାର ମ୍ୟାଚ୍ ଜିତିଥିଲେ। ଏହା ମଧ୍ୟରୁ ବିଶ୍ୱର ଏକ ନମ୍ବର ଖେଳାଳି ମାଗ୍ନସ୍ କାର୍ଲସନ୍ ବିପକ୍ଷରେ ଚତୁର୍ଥ ରାଉଣ୍ଡରେ ସବୁଠାରୁ ବଡ ବିଜୟ ହାସଲ କରିଥିଲେ। ଗୁକେଶ ଶେଷ ରାଉଣ୍ଡରେ ୩୬ଟି ଗେମ୍‌ରେ ଆମେରିକୀୟ ଅଭିଜ୍ଞ ୱେସ୍ଲି ସୋଙ୍କୁ ପରାଜିତ କରିଥିଲେ। ତାଙ୍କର ଦ୍ରୁତ ରେକର୍ଡ ହେଉଛି ୬ ବିଜୟ, ୨ ଡ୍ର ଏବଂ ୧ ପରାଜୟ। ଏହା ତାଙ୍କର ସ୍ଥିରତା ଏବଂ ଦୃଢ ଖେଳର ପ୍ରମାଣ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହିଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି